ODIA DAILY EDITION
03.08.2026
କଟକ, ସୋମବାର
ପୃଷ୍ଠା-୪+୪, ମୂଲ୍ୟ-₹ ୨.୦୦
ଅଗଷ୍ଟ-୦୩, ୨୦୨୬
ବର୍ଷ-୩୮, ସଂଖ୍ୟା-୨୯
RNI Regd. NO- 48239/89
P.R.NO-CK(C)/16/2024-2026

# ମାତୃଭାଷା

ପ୍ରତିଷ୍ଠାତା: ବିକାଶ କର
MATRUBHASA
37 Years of publication SINCE 1989
Epaper- www.matrubhasa.com matrubhasanews@gmail.com matrubhasanews@yahoo.co.in facebook.com/matrubhasanews

# ଆଜି ଆସୁଛନ୍ତି ରାଷ୍ଟ୍ରପତି



## ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି
## କମିସନରେଟ ପୁଲିସର କାରକେଡ୍ ରିହରସାଲ

**ଭୁବନେଶ୍ୱର, ୨।୮:** ଆସନ୍ତାକାଲି ଓଡ଼ିଶା ଆସୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ରାଷ୍ଟ୍ରପତିଙ୍କ ଦୁଇ ଦିନିଆ ଗସ୍ତକୁ ନେଇ ସବୁ ପ୍ରସ୍ତୁତି ପ୍ରାୟ ଶେଷ ହୋଇଛି। ପୁଲିସ ଠୁ ପ୍ରଶାସନ ସୁରକ୍ଷା ବ୍ୟବସ୍ଥା ସହ ଗସ୍ତକୁ ନେଇ ଟିକିନିଖି ରୋଡ ମ୍ୟାପ ପ୍ରସ୍ତୁତ କରାଯାଇଛି। ବଡ଼ କଥା ହେଉଛି ଏଥର ରାଷ୍ଟ୍ରପତି ଭୁବନେଶ୍ୱରରୁ ବ୍ରହ୍ମପୁର ଟ୍ରେନରେ ଯାତାୟତ କରିବାର କାର୍ଯ୍ୟକ୍ରମ ରହିଛି।

ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ ପୂର୍ବରୁ କାରକେଡ ରିହର୍ସାଲ୍ କରିଛି କମିସନରେଟ ପୁଲିସ। ଏୟାରପୋର୍ଟଠୁ ରେଳ ଷ୍ଟେସନ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ଅଗଷ୍ଟ ୩ରୁ ୫ ତାରିଖ ଯାଏଁ ୩ ଦିନିଆ ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ଟ୍ୱିନ୍ ସିଟି ଭୁବନେଶ୍ୱର ଓ କଟକରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ସୁରକ୍ଷା ଦାୟିତ୍ୱରେ ରହିବେ ପ୍ରାୟ ୪୦ ପ୍ଲାଟୁନ୍ ପୋଲିସ ଫୋର୍ସ । ସୋମବାର ମଧ୍ୟାନ ୨ଟା ୨୦ ମିନିଟ୍‌ରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବେ । ସେଠାରୁ କଟକ ମୁଣ୍ଡଳୀରେ ଥିବା ଜଗଦଗୁରୁ କୃପାଲୁ ବିଶ୍ୱବିଦ୍ୟାଳୟ କାର୍ଯ୍ୟକ୍ରମରେ ସାମିଲ ହୋଇ ଲୋକ ଭବନକୁ ଫେରିବେ। ସୋମବାର ଲୋକଭବନରେ ରାତି କାଟିବା ପରେ ମଙ୍ଗଳବାର ବ୍ରହ୍ମପର ଗସ୍ତରେ ବାହାରିବେ।

ମଙ୍ଗଳବାର ୯ଟାରେ ଭୁବନେଶ୍ୱର ରେଳ ଷ୍ଟେସନରୁ ବ୍ରହ୍ମପୁର ଅଭିମୁଖେ ବାହାରିବେ ମହାମହିମ। ପ୍ରାୟ ଦୁଇ ଘଣ୍ଟା ୧୦ ମିନିଟର ଯାତ୍ରା ପରେ ବ୍ରହ୍ମପର ରେଳ ଷ୍ଟେସନରେ ପହଂଚିବେ। ସେଠାରୁ ସାନଖେମୁଣ୍ଡି ବ୍ଲକ ଟି.ଗୋବିନ୍ଦପୁର ପଞ୍ଚାୟତରେ ଥିବା ତପ୍ତପାଣି ଉଷ୍ମ ପ୍ରସବଣରେ ଥିବା ମା କନ୍ଧୁଣି ଦେବୀଙ୍କ ପିଠକୁ ଯିବେ। ମା'ଙ୍କୁ ଦର୍ଶନ କରିବା ସହ ଲୋକଙ୍କ ସହ ସମୟ ବିତାଇବେ। ତପ୍ତପାଣିରେ ରାଷ୍ଟ୍ରପତିଙ୍କ ସହ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ବି ଉପସ୍ଥିତ ରହିବେ। କାର୍ଯ୍ୟକ୍ରମ ସରିବା ପରେ ସେଠାରୁ ଆର୍ମି ଏଡି କଲେଜ ଯାଇ ଡିନର କରିବେ ଏବଂ ରାତ୍ରୀଯାପନ କରିବେ। ରାଷ୍ଟ୍ରପତିଙ୍କ ଗସ୍ତ ପାଇ ତପ୍ତପାଣି ପୀଠ ସହିତ, ଆର୍ମି ଏଡି କଲେଜ ଫେରିବା ରାସ୍ତାକୁ ନୋ ଫ୍ଲାଇଙ୍ଗ ଜୋନ ଘୋଷଣା କରାଯାଇଛି। ଯାନବାହାନ ଚଳାଚଳ ନେଇ କଟକଣା ଜାରି ହୋଇଛି।

ବୁଧବାର ସକାଳ ୧୦ଟା ୨୦ ମିନିଟରେ ବ୍ରହ୍ମପୁର ରେଳ ଷ୍ଟେସନରୁ ପୁଣି ଟ୍ରେନ ଯୋଗେ ଭୁବନେଶ୍ୱର ରେଳ ଷ୍ଟେସନ ଫେରିବେ। ଭୁବନେଶ୍ୱର ରେଳ ଷ୍ଟେସନରୁ ସିଧା ବିମାନବନ୍ଦର ଯିବେ। ମଧ୍ୟାନ ୧ ଟା ୦୫ ମିନିଟରେ ଭୁବନେଶ୍ୱର ବିମାନବନ୍ଦରରୁ ପୁଣି ଦିଲ୍ଲୀ ଅଭିମୁଖେ ଯିବେ ରାଷ୍ଟ୍ରପତି।

# ନିଶା ଭାଙ୍ଗୁଛି ଯୁବବର୍ଗଙ୍କ ସ୍ୱପ୍ନ: ମୋଦୀ

**ନୂଆଦିଲ୍ଲୀ/ଭୁବନେଶ୍ୱର, ୨।୮:** ସାରାଦେଶରେ ଜେନ-ଜୀ ଚର୍ଚ୍ଚାରେ ଥିବାବେଳେ ଯୁବବର୍ଗଙ୍କ ପାଇଁ ବଡ଼ ଅଭିଯାନ ଆରମ୍ଭ କରିଛନ୍ତି ପ୍ରଧାନମନ୍ତ୍ରୀ। ନିଶା କବଳରେ ପଡ଼ି ଯୁବପିଢ଼ି ଅବାଟରେ ଚାଲିଯାଉଥିବାରୁ, ରୋକିବା ପାଇଁ ନିଶା ସେବନ ବିରୋଧରେ ଅଭିଯାନ ଆରମ୍ଭ

**୧୦୦ ସପ୍ତାହ ପର୍ଯ୍ୟନ୍ତ ଚାଲିବ ସଚେତନତା କାର୍ଯ୍ୟକ୍ରମ**

କରିଛନ୍ତି ପ୍ରଧାନମନ୍ତ୍ରୀ । ଏହି ଅବସରରେ ଓଡ଼ିଶାକୁ ଏକ ସମ୍ପୂର୍ଣ୍ଣ ନିଶାମୁକ୍ତ ରାଜ୍ୟ ଭାବେ ଗଢ଼ିତୋଳିବାକୁ ରାଜ୍ୟ ସରକାର ନେଇଛନ୍ତି ଦୃଢ଼ ସଂକଳ୍ପ।

ନିଶା ସେବନ ଠାରୁ ଯୁବବର୍ଗଙ୍କୁ ଦୂରେଇ ରଖିବା ସହ ବିକଶିତ ଭାରତ ନିର୍ମାଣ ପାଇଁ ବଡ଼ ଅଭିଯାନ ଆରମ୍ଭ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଭିଡିଓ କନଫରେନ୍ସିଂରେ ଯୋଡ଼ି ହୋଇ 'ବିକଶିତ ଭାରତ ପାଇଁ ନିଶାମୁକ୍ତ ଯୁବ ସଂକଳ୍ପ ଅଭିଯାନର ଶୁଭାରମ୍ଭ କରିଛନ୍ତି ।ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ଯୁବପିଢ଼ିଙ୍କୁ ନିଜ ନିଜ କ୍ଷେତ୍ରରେ ସକାରାତ୍ମକ ସାମାଜିକ ପରିବର୍ତ୍ତନର ଦୂତ ହେବାକୁ ଆହ୍ୱାନ ଦେଇଛନ୍ତି । କହିଛନ୍ତି, ନିଶା ଯୁବବର୍ଗଙ୍କ ସପ୍ନକୁ ଭାଙ୍ଗିଦେଇଥାଏ । ବହୁ ପରିବାର ଉଜୁଡ଼ି ଯାଇଥାଏ। ତେଣୁ ନିଶାଠାରୁ ଦୂରେଇ ରହିବାକୁ ପ୍ରଧାନମନ୍ତ୍ରୀ ଅପିଲ୍ କରିଛନ୍ତି । ସାରା ଦେଶରେ ଯୁବପିଢ଼ିଙ୍କୁ ନିଶା ଅପବ୍ୟବହାର ବିରୁଦ୍ଧରେ ଏକତ୍ରିତ ହେବା ଉପରେ ଜୋର ଦେଇଛନ୍ତି ।

ନିଶାମୁକ୍ତ ଯୁବ - ବିକଶିତ ଭାରତ ସଂକଳ୍ପ ଅଭିଯାନ'ର ଶୁଭାରମ୍ଭ ଅବସରରେ ଓଡ଼ିଶାକୁ ଏକ ସମ୍ପୂର୍ଣ୍ଣ ନିଶାମୁକ୍ତ ରାଜ୍ୟ ଭାବେ ଗଢ଼ିତୋଳିବାକୁ ରାଜ୍ୟ ସରକାର ଦୃଢ଼ ସଂକଳ୍ପ ଗ୍ରହଣ କରିଛନ୍ତି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ଠାରେ କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନସ୍ଥ 'ମାଇଁ ଭାରତ' ଦ୍ୱାରା ପରିଚାଳିତ, ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ସମ୍ବୋଧିତ ଏହି ଜାତୀୟ କାର୍ଯ୍ୟକ୍ରମକୁ ରାଜ୍ୟପାଳ ଡଃ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଓ କ୍ରୀଡା ଓ ଯୁବବ୍ୟାପାର ବିଭାଗ ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ ଶତାଧିକ ଛାତ୍ରଛାତ୍ରୀ ଆଭାସୀ ମାଧମରେ ଦେଖିଥିଲେ।





## ବିକଶିତ ଭାରତ ପାଇଁ ନିଶାମୁକ୍ତ ଯୁବ ସଂକଳ୍ପର ଅଭିଯାନର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ
## କୋଟିଏ ଯୁବବର୍ଗ ନେଲେ ସଂକଳ୍ପ
## ମାଫିଆଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଚେତାବନୀ - ସୁଧୁର, ନଚେତ୍ କଡ଼ା ଆକ୍ସନ

ରାଜ୍ୟପାଳ ଡଃ କମ୍ଭମପାଟି ଉପସ୍ଥିତ ସମସ୍ତଙ୍କୁ ନିଶାମୁକ୍ତ ଯୁବ - ବିକଶିତ ଭାରତ ସଂକଳ୍ପ ଅଭିଯାନ'ର ଶପଥପାଠ କରାଇଥିଲେ।

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଯୁବପିଢ଼ିକୁ ରାଷ୍ଟ୍ର ନିର୍ମାଣର ପ୍ରମୁଖ କର୍ଣ୍ଣଧାର ଭାବେ ଅଭିହିତ କରି ନିଶାମୁକ୍ତ ସମାଜ ଗଠନ ପାଇଁ କଳିଙ୍ଗ ଷ୍ଟାଡିୟମରୁ ଏକ ଓଜସ୍ୱୀ ଆହ୍ୱାନ ଦେଇଛନ୍ତି। ରାଜ୍ୟପାଳ କ୍ରୀଡ଼ା, ଫିଟନେସ୍, ଯୋଗ, ସଂସ୍କାର ଓ ସମାଜସେବାକୁ ନିଶାଶକ୍ତର ଶ୍ରେଷ୍ଠ ବିକଳ୍ପ ଭାବେ ବାଛିନେବାକୁ ଯୁବବର୍ଗଙ୍କୁ ପରାମର୍ଶ ଦେଇଛନ୍ତି। ଓଡ଼ିଶା ଆଜି ଦେଶର ଏକ ପ୍ରମୁଖ କ୍ରୀଡ଼ା ଆବୋଡ୍ ଭାବେ ଉଭା ହୋଇଥିବା ବେଳେ ଯୁବପିଢ଼ି ନିଶା ପରିବର୍ତ୍ତେ ଖେଳପଡ଼ିଆ ଓ କ୍ଲାସରୁମ୍‌କୁ ଆପଣେଇ ନିଜର ପ୍ରତିଭା ପ୍ରଦର୍ଶନ କରିବାକୁ ସେ ଆହ୍ୱାନ ଦେଇଛନ୍ତି। କେବଳ ସରକାରଙ୍କ ଉଦ୍ୟମ ଦ୍ୱାରା ନିଶାମୁକ୍ତ ସମାଜ ସମ୍ଭବ ନୁହେଁ; ପିତାମାତା, ଶିକ୍ଷକ, ସାମାଜିକ ଅନୁଷ୍ଠାନ ଓ ବିଶେଷ କରି ଯୁବପିଢ଼ି ନିଜେ ଏହି ଆନ୍ଦୋଳନର ବାର୍ତ୍ତାବହ ହୋଇ ବାହାରିଲେ ହିଁ ଏହା ଏକ ଯୁଗାନ୍ତକାରୀ 'ଜନ-ଆନ୍ଦୋଳନ'ରେ ପରିଣତ ହୋଇପାରିବ ବୋଲି ରାଜ୍ୟପାଳ ଗୁରୁତ୍ୱାରୋପ କରିଛନ୍ତି।

ରାଜ୍ୟରେ ନିଶାଦ୍ରବ୍ୟର ବେଆଇନ୍ କାରବାର ଓ ସିଣ୍ଡିକେଟ୍‌ଗୁଡ଼ିକୁ ସମ୍ପୂର୍ଣ୍ଣ ନଷ୍ଟ କରିବା ପାଇଁ ଓଡ଼ିଶା ସରକାର 'ଶୂନ୍ୟ ସହନଶୀଳତା' ନୀତି ଆପଣାଇଛନ୍ତି। ଓଡ଼ିଶା ପୋଲିସର କଠୋର କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ତଥ୍ୟ ଦେଇ ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ ଯେ, ଜୁଲାଇ ୨୦୨୪ ରୁ ଜୁନ୍ ୨୦୨୬ ମଧ୍ୟରେ ପୋଲିସ ପ୍ରାୟ ୧,୯୧୧ କୋଟି ଟଙ୍କା ମୂଲ୍ୟର ୬୩,୭୨୦ ଏକର ବେଆଇନ ଗଞ୍ଜେଇ ଚାଷ ନଷ୍ଟ କରିଛି । କେବଳ ଆଇନଗତ କାର୍ଯ୍ୟାନୁଷ୍ଠାନ ନୁହେଁ, ବରଂ ନିଶାପୀଡ଼ିତଙ୍କ ପୁନରୁଦ୍ଧାର ଓ ପୁନର୍ବାସ ପାଇଁ ଚିକିତ୍ସା କେନ୍ଦ୍ରଗୁଡ଼ିକୁ ମଧ୍ୟ ସୁଦୃଢ଼ କରାଯାଉଛି। କୌଣସି ବି ଅଂଚଳରେ ସନ୍ଦେହଜନକ ନିଶା କାରବାର ନଜରକୁ ଆସିଲେ ତୁରନ୍ତ ପୋଲିସକୁ ସୂଚନା ଦେବାକୁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

## ଦୁର୍ଘଟଣାରେ ୨ ବାଇକ୍ ଆରୋହୀ ମୃତ

**ଆନନ୍ଦପୁର ୨।୮:** ଅଟୋ ସହ ଧକ୍କା ହେଲା ବାଇକ୍ । ଦୁର୍ଘଟଣାରେ ଦୁଇ ବାଇକ୍ ଆରୋହୀ ରାସ୍ତା ଉପରେ ପଡିଥିଲେ । ସେହି ସମୟରେ ତାଙ୍କ ଉପରେ ମାଡିଗଲା ଟ୍ରକ୍ । ଘଟଣାସ୍ଥଳରେ ଉଭୟଙ୍କର ହେଲା ମୃତ୍ୟୁ । ଆଜି ବନ୍ଧୁତ୍ୱ ଦିବସରେ ଏଭଳି ଦୁଃଖଦ ଘଟଣା ଘଟିଛି କେନ୍ଦୁଝର ଜିଲ୍ଲା ଦୈତାରୀ ଥାନା ରାସୋଳ ଛକ ଠାରେ । ଫ୍ରେଣ୍ଡସିପ୍ ଡେ' ଥିବାରୁ ମୃତକ ଦୁଇ ସାଙ୍ଗ ଆକାଶ ଜେନା ଓ ଉତ୍ତମ ଦେହୁରୀ ରାସୋଳ ଗାଁରୁ ବାଇକ୍ ଯୋଗେ ବାହାରିଥିଲେ । ଗାଁ ଛକ ନିକଟରେ ପହଞ୍ଚିବା ସମୟରେ ପ୍ରଥମେ ଏକ ଅଟୋ ସହ ବାଇକ୍ ଧକ୍କା ହୋଇଥିଲା । ଫଳରେ ତଳେ ପଡିଯାଇଥିଲେ ଉଭୟ ଯୁବକ । ସେହି ସମୟରେ ପଛପଟୁ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଉଭୟଙ୍କ ଉପରେ ମାଡିଯାଇଥିଲା । ଯାହା ଫଳରେ ଘଟଣାସ୍ଥଳରେ ଉଭୟ ଆଖି ବୁଜିଥିଲେ ।

| | |
|---|---|
| ସେନ୍‌ସେକ୍ସ | ୭୮,୦୯୪ |
| ନିଫ୍ଟି | ୨୪,୩୮୩ |
| ସୁନା/୧୦ଗ୍ରା | ୧,୪୭,୬୫୫ |
| ରୂପା/କିଗ୍ରା | ୨,୩୫,୦୦୦ |
| ଡଲାର | ୯୫.୩୯ |

## ପାଣିପାଗ

| | |
|---|---|
| ସର୍ବାଧିକ | |
| ଭୁବନେଶ୍ୱର: | ୩୪.୫° |
| କଟକ: | ୩୪.୫° |
| ସର୍ବନିମ୍ନ | |
| ଭୁବନେଶ୍ୱର: | ୨୭.୪° |
| କଟକ: | ୨୫.୦° |

# କଣ୍ଟାବାଞ୍ଜିରେ ପୁଲିସ ଟିମ୍ ଉପରେ ଆକ୍ରମଣ

- ଓପିଏଫ୍ କର୍ମଚାରୀ ଗୁରୁତର ଆହତ
- ସ୍ଥାନୀୟଅଞ୍ଚଳରେ ପ୍ରବଳ ଉତ୍ତେଜନା




**କଣ୍ଟାବାଞ୍ଜି, ୨।୮:** ବଲାଙ୍ଗୀରଜିଲ୍ଲା କଣ୍ଟାବାଞ୍ଜି ସହରରେ ଚୋରି ଅଭିଯୋଗର ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଧରିବା ପାଇଁ ଯାଇଥିବା ପୁଲିସ ଟିମ୍ ଉପରେ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ସହରର ଜିଓ ପେଟ୍ରୋଲ ପମ୍ପ ନିକଟରେ ଏହି ଘଟଣା ଘଟିଥିବା ସୂଚନା ମିଳିଛି। ପୁଲିସ ଗାଡ଼ିକୁ ଭଙ୍ଗାରୁଜା କରାଯିବା ସହ ଥାନାର ଏକ ଟିମ୍‌ର ସଦସ୍ୟମାନଙ୍କୁ ଆକ୍ରମଣ କରାଯାଇଥିବା ଜଣାପଡ଼ିଛି।

ଏହି ଆକ୍ରମଣରେ ଓପିଏଫ୍ କର୍ମଚାରୀ ମନ ରସପେଡ଼ା ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲକୁ ପଠାଯାଇଥିବା ଜଣାପଡ଼ିଛି। ପ୍ରାଥମିକ ସୂଚନା ଅନୁଯାୟୀ, ଏହି ଆକ୍ରମଣରେ ଚୋରି ଘଟଣାରେ ସମ୍ପୃକ୍ତ ବୋଲି ଅଭିଯୋଗ ଥିବା ଗୋବିନ୍ଦ ସୁନା ଓ ରୋଶନ କୁକ ସାମିଲ ଥିବା କୁହାଯାଉଛି। ତେବେ ପୁଲିସ ପକ୍ଷରୁ ଏନେଇ ସରକାରୀ ଭାବେ ବିସ୍ତୃତ ସୂଚନା ପ୍ରକାଶ ପାଇନାହିଁ। ଘଟଣା ପରେ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି। ପୁଲିସ ତଦନ୍ତକୁ ଜୋରଦାର କରିଛି। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଚଢ଼ଉ ଜାରି ରହିଛି।

# କାଠଯୋଡିରେ ବୁଡ଼ିଗଲେ ନାବାଳକ

## ବୁଡ଼ିଯାଉଥିବା ପୁଅକୁ ଉଦ୍ଧାର କରି ଭାସିଗଲେ ବାପା

**କଟକ ୨।୮:** କଟକ ସଦର ଥାନା ଅଧୀନ ଶ୍ରୀକୋରୁଆଁ ଅଞ୍ଚଳରେ ଦୁଃଖଦ ଅଘଟଣ ଘଟିଛି । କାଠଯୋଡ଼ି ନଦୀରେ ଗାଧୋଉଥିବା ବେଳେ ୨ ନାବାଳକ ଭାସିଗଲେ । ଏଥିରେ ଜଣେ ନାବାଳକର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣଙ୍କୁ ଉଦ୍ଧାର କରାଯାଇଛି।

କାଠଯୋଡିକୁ ୩ ଜଣ ନାବାଳକ ଗାଧୋଇବାକୁ ଯାଇଥିଲେ। ଗାଧୋଉଥିବା ବେଳେ ହଠାତ ୨ ଜଣ ନାବାଳକ ବୁଡିଯାଇଥିଲେ ।ସ୍ଥାନୀୟ ଲୋକଙ୍କ ସହାୟତାରେ ଜଣେ ନାବାଳକଙ୍କୁ ତୁରନ୍ତ ଜୀବିତ ଉଦ୍ଧାର କରାଯାଇଥିଲା। ତେବେ ଅନ୍ୟ ଜଣେ ନାବାଳକର ମୃତ୍ୟୁ ଘଟିଛି ।ଖବର ପାଇ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି । ନଦୀରେ ଗାଧୋଇବା ବେଳେ କେଉଁ ପରିସ୍ଥିତିରେ ଏଭଳି ଅଘଟଣ ଘଟିଲା, ସେନେଇ ପୋଲିସ ଅଧିକ ତଦନ୍ତ କରୁଛି । ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

ଅନ୍ୟପକ୍ଷରେ ଜଗତସିଂପୁର ଜିଲ୍ଲା ପାରାଦ୍ୱୀପରେ ଏକ ଦୁଃଖଦ ଘଟଣା ଘଟିଛି। ଶ୍ରାବଣ ସୋମବାର ନିମନ୍ତେ ପାଣି ଭାର ନେଇ ଯିବା ନିମନ୍ତେ ମହାନଦୀକୁ ଯାଇଥିଲେ। ସେଠାରେ ହଠାତ୍ ନଦୀରେ ଗୋଡ଼ ଖସି ଭରାନଈକୁ ଭାସିଯାଉଥିବା ପୁଅକୁ ବଞ୍ଚାଇବାକୁ ଯାଇ ବାପା ନଦୀଗର୍ଭରେ ହଜି ଯାଇଛନ୍ତି। ଖବର ଲେଖାଯିବା ବେଳକୁ ବାପାଙ୍କ ପତ୍ତା ମିଳିନଥିବା ଜଣାଯାଇଛି।

# ନିଟ୍ ପିଜି ପାଇଁ କଡ଼ା ସୁରକ୍ଷା




**ନୂଆଦିଲ୍ଲୀ, ୨।୮:** ନିଟ୍ ପିଜି-୨୦୨୬ ପରୀକ୍ଷାକୁ ସ୍ୱଚ୍ଛ, ନିରପେକ୍ଷ ଓ ପରୀକ୍ଷାର୍ଥୀଙ୍କ ପାଇଁ ସୁବିଧାଜନକ କରିବା ନିମନ୍ତେ କେନ୍ଦ୍ର ସରକାର ବ୍ୟାପକ ପରିବର୍ତ୍ତନ କରିଛନ୍ତି। ଅଗଷ୍ଟ ୩୦ ତାରିଖ ରବିବାର ସକାଳ ୯ଟାରୁ ଅପରାହ୍ଣ ୧୨ଟା ୩୦ ପର୍ଯ୍ୟନ୍ତ ସାରା ଦେଶରେ ଗୋଟିଏ ପର୍ଯ୍ୟାୟରେ କମ୍ପ୍ୟୁଟର୍‌ଭିତ୍ତିକ ପରୀକ୍ଷା ହେବ। ପରୀକ୍ଷାର୍ଥୀଙ୍କୁ ସକାଳ ୭ଟାରୁ କେନ୍ଦ୍ରରେ ପ୍ରବେଶ ଅନୁମତି ମିଳିବ ଏବଂ ସାଢ଼େ ୮ଟାରେ ପ୍ରବେଶଦ୍ୱାର ବନ୍ଦ କରିଦିଆଯିବ।

କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ୍ ପ୍ରକାଶ ନଡ୍ଡା ଶନିବାର ନ୍ୟାସନାଲ୍ ବୋର୍ଡ ଅଫ୍ ଏକ୍‌ଜାମିନେସନ୍ସ ଇନ୍ ମେଡିକାଲ୍ ସାଇନ୍ସେସ (ଏନ୍‌ବିଇଏମ୍‌ଏସ୍), ପ୍ରଯୁକ୍ତି

**ଏଥର ଗୋଟିଏ ପର୍ଯ୍ୟାୟରେ ପରୀକ୍ଷା**

ସହଯୋଗୀ ସଂସ୍ଥା ଏବଂ ଅନ୍ୟ ଅଂଶୀଦାରଙ୍କ ପ୍ରସ୍ତୁତି ସମୀକ୍ଷା କରିଥିଲେ। ପରୀକ୍ଷା ଯେପରି ସୁରୁଖୁରୁରେ, ସୁରକ୍ଷିତ ଓ ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହ ହୁଏ, ତାହା ନିର୍ଦ୍ଦିଷ୍ଟ କରିବାକୁ ସେ ସମସ୍ତ ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥର ମୋଟ ୨ ଲକ୍ଷ ୭୩ ହଜାର ୧୮୩ ପରୀକ୍ଷାର୍ଥୀ ପଞ୍ଜୀକରଣ କରିଛନ୍ତି। ଗତବର୍ଷ ତୁଳନାରେ ଏହି ସଂଖ୍ୟା ସାଢ଼େ ୧୨ ପ୍ରତିଶତରୁ ଅଧିକ। ପ୍ରାୟ ୩୪୦ଟି ସହରର ୧୩୦୦ରୁ ଅଧିକ କେନ୍ଦ୍ରରେ ପରୀକ୍ଷା ହେବ ଏବଂ ୬୦ ହଜାରରୁ ଅଧିକ କର୍ମଚାରୀ ନିୟୋଜିତ ହେବେ।

ପରୀକ୍ଷା କେନ୍ଦ୍ର ବଣ୍ଟନରେ ପୂର୍ବରୁ ପ୍ରଚଳିତ 'ଆଗେ ଆସିଲେ ଆଗେ ପାଇବେ' ବ୍ୟବସ୍ଥାକୁ ହଟାଇ ଦିଆଯାଇଛି। ପରୀକ୍ଷାର୍ଥୀ ତିନିଟି ରାଜ୍ୟକୁ ପସନ୍ଦ କରିପାରିବେ। ସେମାନଙ୍କ ଚିଠିପତ୍ର ଠିକଣା ଥିବା ରାଜ୍ୟକୁ ପ୍ରଥମ ପସନ୍ଦ କରିବା ବାଧ୍ୟତାମୂଳକ। ଫଳରେ ବାସସ୍ଥାନ ନିକଟରେ କେନ୍ଦ୍ର ମିଳିବାର ସମ୍ଭାବନା ବଢ଼ିବ। ପରୀକ୍ଷାର ପ୍ରାୟ ତିନି ସପ୍ତାହ ପୂର୍ବରୁ ସହର ସମ୍ପର୍କରେ ସୂଚନା ମିଳିବ। ପୂର୍ବର ୨୦୦ ବଦଳରେ ଏଥର ୧୮୦ଟି ପ୍ରଶ୍ନ ରହିବ। କିନ୍ତୁ ପରୀକ୍ଷା ଅବଧି ୨୧୦ ମିନିଟ୍ ରହିବାରୁ ପ୍ରତ୍ୟେକ ପ୍ରଶ୍ନ ପାଇଁ ଅଧିକ ସମୟ ମିଳିବ।

## ବଜ୍ରପାତରେ ୨ ମୃତ, ୨ ଗୁରୁତର

**ବଡ଼ଚଣା, ୨।୮:** ବଜ୍ରପାତ ଘଟି ଦୁଇ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଦୁଇ ଜଣଙ୍କର ଅବସ୍ଥା ଗୁରୁତର ହୋଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ପ୍ରକାଶ ଚଣ୍ଡିତଳ ପଞ୍ଚାୟତର ଚନ୍ଦନ ମଲ୍ଲିକ (୨୮), ସମିଆ ପଞ୍ଚାୟତ ବନ୍ଧୁ ପରିଜନଙ୍କ କ୍ଷେତରେ କାମ କରୁଥିବା ସମୟରେ ବଜ୍ରପାତ ହେବାରୁ ସଂଜ୍ଞା ହୀନ ହୋଇ ପଡ଼ିଥିଲେ। ତାଙ୍କୁ ସ୍ଥାନୀୟ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆ ଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି, ଅନ୍ୟ ଏକ ଘଟଣାରେ, ବନ୍ଧାଳ ପାଞ୍ଚୟତର ଜଣେ ଯୁବକ ବିଲରେ କାମ କରୁଥିବା ସମୟରେ ବଜ୍ରପାତ ଘଟି ମୃତ ହୋଇଥିବା ଖବର ମିଳିଛି। ଗୁରୁତର ଆହତ ହୋଇଥିବା ଅଭିମନ୍ୟୁ ମଲ୍ଲିକ ଓ ଦିପୁନା ମଲ୍ଲିକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି।

# ହର୍ମୁଜ୍ ଖୋଲିବା ଦାବିକୁ ଇରାନର ଖଣ୍ଡନ

## ଆମେରିକାକୁ ଦେଲା କଡ଼ା ଚେତାବନୀ



**ତେହେରାନ, ୨।୮:** ଆମେରିକା ସହ କୌଣସି ଚୁକ୍ତି ହୋଇଥିବା ଏବଂ ହର୍ମୁଜକୁ ପୁଣିଥରେ ଖୋଲିବା ନେଇ ଆସିଥିବା ଖବରକୁ ଇରାନ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ଉପରେ ହେବାକୁ ଥିବା ଆକ୍ରମଣକୁ ରୋକିବା ସହ ଇରାନ ସହ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଖୋଲିବା ନେଇ ସହମତି ହୋଇଥିବା ଦାବି କରିବାର କିଛି ଘଣ୍ଟା ପରେ ଇରାନ ଏହାକୁ ଖଣ୍ଡନ କରିଛି। ଇରାନର ସରକାରୀ ଗଣମାଧମ ଏହି ଦାବିକୁ ଭୁଲ୍ ଆଖ୍ୟା ଦେବା ସହ କଡ଼ା ଶବ୍ଦରେ ଆମେରିକାକୁ ସମାଲୋଚନା କରିଛି। ସାମ୍ବାଦିକ ବାରାକ ରବିଦ୍ ?ଙ୍କ ଦ୍ୱାରା ଦିଆଯାଇଥିବା ରିପୋର୍ଟ ସମ୍ପୂର୍ଣ୍ଣ ମିଥ୍ୟା ବୋଲି ଇରାନ ସୈନ୍ୟବାହିନୀ ସୂଚନା ଦେଇଛି ।

ଇରାନର ସରକାରୀ ସମ୍ବାଦ ସଂସ୍ଥା 'ଫାର୍ସ'ର ରିପୋର୍ଟ ଅନୁଯାୟୀ, 'ହର୍ମୁଜ ଖୋଲିବା ନେଇ କୌଣସି ଚୁକ୍ତି ହୋଇନାହିଁ। ଯେପର୍ଯ୍ୟନ୍ତ ଆମେରିକା ନିଜର ଶତ୍ରୁତାପୂର୍ଣ୍ଣ ମନୋଭାବ ଜାରି ରଖିବ, ସେପର୍ଯ୍ୟନ୍ତ ଏହି ସାମୁଦ୍ରିକ ପଥ ବନ୍ଦ ରହିବ।'

## ଏସିଏଫ୍ ମୃତ୍ୟୁ ମାମଲାରେ ପୂର୍ବତନ ଡିଏଫ୍‌ଓ ନିଲମ୍ବିତ

**ଭୁବନେଶ୍ୱର, ୨।୭:** ୨୦୨୧ ମସିହାର ବହୁଚର୍ଚ୍ଚିତ ସହାୟକ ବନ ସଂରକ୍ଷକ (ଏସିଏଫ୍) ସୌମ୍ୟ ରଞ୍ଜନ ମହାପାତ୍ରଙ୍କ ମୃତ୍ୟୁ ମାମଲାରେ ଓଡ଼ିଶା ସରକାର ପୂର୍ବତନ ଗଜପତି ଡିଭିଜନାଲ ଫରେଷ୍ଟ ଅଫିସର (ଡିଏଫ୍‌ଓ) ସଂଗ୍ରାମ କେଶରୀ ବେହେରାଙ୍କୁ ନିଲମ୍ବିତ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ଏହି ପଦକ୍ଷେପ ନିଆଯାଇଛି। ବର୍ତ୍ତମାନ ଓଡ଼ିଶା ଫରେଷ୍ଟ ଡେଭେଲପମେଂଟ କର୍ପୋରେସନ୍ (ଓଏଫ୍‌ଡିସି)ରେ ନିର୍ଦ୍ଦେଶକ (ବାଣିଜ୍ୟିକ) ଭାବେ କାର୍ଯ୍ୟରତ ଥିବା ବେହେରାଙ୍କୁ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଶେଷ ନହେବା ପର୍ଯ୍ୟନ୍ତ ନିଲମ୍ବନ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ସୋମବାର ସଂଗ୍ରାମ ବେହେରା ପାରଳାଖେମୁଣ୍ଡି ଏସ୍‌ଡିଜେଏମ୍ ଅଦାଲତରେ ଆତ୍ମସମର୍ପଣ କରିଥିଲେ।

## ହାଲ୍‌ଚାଲ୍



ରାଜ୍ୟରେ ବନ୍ୟା ପରିସ୍ଥିତିରେ ସୁଧାର ଧିରେ ଧିରେ ଆସୁଛି କମୁଛି ହୀରାକୁଦ ଜଳସ୍ତର ହେଲେ ଦୁର୍ଦ୍ଦଶା ଲୋକଙ୍କ ବଢୁଛି ପିଇପା ପାଣି ପାଇଁ ହଟହଟା ସରୀସୃପଙ୍କ ଡର ବଢୁଛି ।

# ଆଉ ବନ୍ୟା ଆଶଙ୍କା ନାହିଁ ଖସୁଛି ହୀରାକୁଦ ଜଳସ୍ତର

## ବିଭିନ୍ନ ସ୍ଥାନରେ ବଢୁଛି ଦୁର୍ଦ୍ଦଶା
## ବାଲେଶ୍ୱର, ଭଦ୍ରକ ଓ ଯାଜପୁର ସର୍ବାଧିକ ପ୍ରଭାବିତ

**ନୂଆଦିଲ୍ଲୀ, ୧।୮:** ଭୁବନେଶ୍ୱର: ରାଜ୍ୟରେ ମହାନଦୀ ଓ ଏହାର ଶାଖାନଦୀଗୁଡ଼ିକରେ ବନ୍ୟା ସ୍ଥିତିରେ କ୍ରମଶଃ ସୁଧରିବାରେ ଲାଗିଛି। ମୁଣ୍ଡଳୀରେ ଜଳପ୍ରବାହ କମିବା ପରେ ହୀରାକୁଦ ଜିଅର୍‌ରୁ ଜଳ ନିଷ୍କାସନ କରାଯାଇଛି। ବର୍ତ୍ତମାନ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୩ ଫୁଟକୁ ହ୍ରାସ ପାଇଥିବା ବେଳେ ଏହା କମିବାରେ ଲାଗିଛି ଏବଂ ଆସନ୍ତା ଅଗଷ୍ଟ ୪ ସୁଦ୍ଧା ଏହା ୬୧୫ ଫୁଟକୁ ଖସିବ ବୋଲି ଆକଳନ କରାଯାଇଛି। ଏହି ସୂଚନା ଦେଇଛନ୍ତି ଜଳସଂପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ।

ସେ କହିଛନ୍ତି, ଜଳଭଣ୍ଡାରରୁ ଜଳ ପ୍ରବେଶ ଓ ନିଷ୍କାସନ ସ୍ଥିତିକୁ ଦେଖିଲେ, ବର୍ତ୍ତମାନ ପ୍ରତି ସେକେଣ୍ଡରେ ପ୍ରାୟ ୨ ଲକ୍ଷ ୧୨ ହଜାର କ୍ୟୁସେକ୍ ଜଳ ପ୍ରବେଶ କରୁଥିବା ବେଳେ, ଏହାର ତିନି ଗୁଣ ଅଧିକ ଜଳ ନିଷ୍କାସନ କରାଯାଉଛି।



ବର୍ତ୍ତମାନ ୨୨ଟି ଗେଟ୍ ଜରିଆରେ ପାଣି ଛଡ଼ାଯାଇ ବର୍ମୁଲ ପାର କରିଛି। ହୀରାକୁଦରୁ ଛଡ଼ାଯାଇଥିବା ଏହି ଜଳ ଆଜି ସନ୍ଧ୍ୟା ସୁଦ୍ଧା ମୁଣ୍ଡଳୀ ପହଞ୍ଚିବ ଏବଂ ଆସନ୍ତାକାଲି ସକାଳଠାରୁ ସେଠାରେ ଜଳସ୍ତର କମିବା ଆରମ୍ଭ ହେବ। ସେହିପରି ରେଙ୍ଗାଲିର ଗୋଟିଏ ଗେଟ୍ ଖୋଲା ରହିଥିଲେ ମଧ୍ୟ ଏହାଦ୍ୱାରା କୌଣସି ବନ୍ୟା ଆଶଙ୍କା ନାହିଁ।

ପୂର୍ବରୁ ଯାଜପୁର, ଭଦ୍ରକ ଏବଂ ବାଲେଶ୍ୱର ଜିଲ୍ଲାର ତଳିଆ ଅଞ୍ଚଳ ବନ୍ୟା ପ୍ରଭାବିତ ହୋଇଥିଲା। ତେବେ ବନ୍ୟାଞ୍ଚଳରୁ ପ୍ରାୟ ଦୁଇ ତୃତୀୟାଂଶ ଅଞ୍ଚଳରୁ ପାଣି ବାହାରି ସାରିଛି। ଅନ୍ୟପକ୍ଷରେ ବୈତରଣୀ ନଦୀର ଆଖୁଆପଦା ଓ ଆନନ୍ଦପୁରରେ ନଦୀର ଜଳସ୍ତର ଏବେ ବିପଦ ସଙ୍କେତ ତଳେ ରହିଥିବା ବେଳେ ଆଉ ବନ୍ୟା ହେବାର କୌଣସି ସମ୍ଭାବନା ନାହିଁ। ଶାଳନ୍ଦୀ ନଦୀର ରାଜଘାଟ ବ୍ରିଜ୍‌ରେ ଜଳସ୍ତର ହ୍ରାସ ପାଇବା ସହ ବନ୍ୟା ପ୍ରକୋପ କମିଛି ଏବଂ ଜଳକା ନଦୀ ମଥାନୀରେ ସ୍ଥିର ରହିଥିଲେ ମଧ୍ୟ ସେଠାରେ ଜଳ କମିବାକୁ ଆଉ କିଛି ସମୟ ଲାଗିବ।

ଘାଇ ମରାମତି ଏବଂ ସରକାରୀ ପଦକ୍ଷେପ ସମ୍ପର୍କରେ ଗତକାଲି ମାନ୍ୟବର ମୁଖ୍ୟମନ୍ତ୍ରୀ ଏକ ଜରୁରୀକାଳୀନ ସମୀକ୍ଷା ବୈଠକ କରିଥିଲେ। ଆଗାମୀ ଦିନରେ ଅନ୍ୟ ଏକ ବନ୍ୟା ଆସିବା ପୂର୍ବରୁ ସମସ୍ତ ନଦୀବନ୍ଧ ଘାଇକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି।

# ବାଘକୁ ମାରି ନିଜ ଜୀବନ ବଞ୍ଚାଇଲେ, ୨ ଗୁରୁତର

**ଉମରକୋଟ, ୨।୮:** ବାଘ- ମଣିଷ ଲଢ଼େଇରେ ଆଖି ବୁଜିଲା କଲରାପତରିଆ। ଏଭଳି ଚାଞ୍ଚଲ୍ୟକର ଘଟଣା ଛତିଶଗଡ଼ ଧମତରୀ ଜିଲ୍ଲାରେ ଘଟିଛି। ବିଳମ୍ବିତ ରାତିରେ ଘରେ କଲରାପତରିଆ ବାଘ ପଶି ଆକ୍ରମଣ କରିଥିଲା। ଘର ଭିତରେ ବାଘ ସହ ମଣିଷ ମଧ୍ୟ ଜୋରାଦାର ଲଢ଼େଇ ହୋଇଥିଲା। ଲଢ଼େଇରେ କଲରାପତରିଆ ବାଘର ମୃତ୍ୟୁ ଘଟିଛି। ବାଘ ଆକ୍ରମଣରେ ୨ଜଣ ଗ୍ରାମବାସୀ ଆହତ ହୋଇଛନ୍ତି। ଆହତଙ୍କୁ ଉଦ୍ଧାର କରାଯାଇ ମେଡିକାଲରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ବନ ବିଭାଗ ଟିମ୍ ପହଞ୍ଚି କଲରାପତରିଆର ମୃତଦେହ ଉଦ୍ଧାର କରିଛି। ମୃତଦେହ ଜବତ ପରେ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ସୂଚନା ମୁତାବକ, ଧମତରୀ ଜିଲ୍ଲାର ନଗରୀ ଅଞ୍ଚଳ କର୍ଣ୍ଣାଘାଟି ଗାଁରେ ଶନିବାର ରାତି ପ୍ରାୟ ଗୋଟାଏ ବେଳେ ଅଞ୍ଜୋର ସିଂହଙ୍କ ଘରେ ହଠାତ୍ ଏକ କଲରାପତରିଆ ପଶିଯାଇଥିଲା। ଘର

**ମଣିଷ ଓ କଲରାପତରିଆ ମଧ୍ୟରେ ଲଢ଼େଇ**

ବାଘକୁ ଦେଖି ପରିବାର ଲୋକ ଭୟଭୀତ ହୋଇ ବାହାରକୁ ଦୌଡ଼ିଥିଲେ। ଏହି ସମୟରେ କଲରାପତରିଆ ଆକ୍ରମଣ କରିବାରୁ ଘର ଭିତରେ ଆତଙ୍କ ଖେଳିଯାଇଥିଲା। ପରିବାର ଲୋକଙ୍କ ଚିତ୍କାର ଶୁଣି ପଡ଼ୋଶୀ ଦୁଇ ଜଣ ସହାୟତା ପାଇଁ ପହଞ୍ଚିଯାଇଥିଲେ।

ମାତୃଭାଷା

# ନଗର ଖବର








ଆଜି ଶ୍ରାବଣ ମାସର ପ୍ରଥମ ସୋମବାର : ଜଳଲାଗି ପାଇଁ ଗଡ଼ଗଡ଼ିଆ ଘାଟରେ ପାଣି ଉଠାଉଛନ୍ତି କାଉଡ଼ିଆ (ଫଟୋ : ମାତୃଭାଷା)

### ପୁରୀ ପୋଲିସର ଉଲ୍ଲେଖନୀୟ ସଫଳତା

## ୬ ମାସରେ ଉଦ୍ଧାର ହେଲେ ୪୮୭୪ ନିଖୋଜ ମହିଳା ଓ ଶିଶୁ

ଭୁବନେଶ୍ୱର/ପୁରୀ : ପରିବାରଠାରୁ ବିଚ୍ଛିନ୍ନ ହୋଇ ନିଖୋଜ ହୋଇଥିବା ମହିଳା ଓ ଶିଶୁମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ସେମାନଙ୍କ ପରିବାର ସହ ପୁନଃମିଳନ କରାଇବାରେ ପୁରୀ ପୋଲିସ ଏକ ଐତିହାସିକ ସଫଳତା ହାସଲ କରିଛି । ମହିଳା ଓ ଶିଶୁଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ନିରନ୍ତର କାର୍ଯ୍ୟ କରୁଥିବା ପୁରୀ ପୋଲିସ, ଜାନୁଆରୀରୁ ଜୁନ୍ ୨୦୨୬ ମଧ୍ୟରେ ସମୁଦାୟ ୪୮୭୪ ଜଣ ନିଖୋଜ ବ୍ୟକ୍ତିଙ୍କୁ ସଫଳତାର ସହ ଉଦ୍ଧାର କରି ପରିବାର ସହ ପୁନଃମିଳନ କରାଇଛି । ଏଥିମଧ୍ୟରେ ୧୧୬୧ ଜଣ ନିଖୋଜ ଶିଶୁ ଏବଂ ୩୭୧୩ ଜଣ ନିଖୋଜ ମହିଳା ଅନ୍ତର୍ଭୁକ୍ତ । ଏହି ସଫଳତା କେବଳ ଏକ ନମ୍ବର ନୁହେଁ, ବରଂ ୪୮୭୪ଟି ପରିବାରର ଆଖିରୁ ଲୁହ ପୋଛି ସେମାନଙ୍କ ଜୀବନରେ ପୁଣିଥରେ ଖୁସି, ଆଶା ଓ ଆତ୍ମବିଶ୍ୱାସ ଫେରାଇ ଆଣିବାର ଏକ ମାନବିକ ପ୍ରୟାସର ସଫଳ ପରିଣାମ । ପ୍ରତ୍ୟେକ ଉଦ୍ଧାର ପଛରେ ରହିଛି ଜଣେ ମା'ର ଆଖିର ଲୁହ ପୋଛିବାର ସନ୍ତୋଷ, ଜଣେ ବାପାଙ୍କ ଅପେକ୍ଷାର ଅନ୍ତ, ଜଣେ ଶିଶୁର ନିଜ ପରିବାରକୁ ଫେରିବାର ଖୁସି ଏବଂ ଜଣେ ପରିବାରର ଜୀବନରେ ପୁଣିଥରେ ଆଲୋକ ଫେରି ଆସିବାର ଆନନ୍ଦ । ନିଖୋଜ ମହିଳା ଓ ଶିଶୁଙ୍କୁ ଖୋଜି ବାହାର କରିବା ପାଇଁ ମହିଳା ଓ ଶିଶୁ ସୁରକ୍ଷା ଶାଖା ପକ୍ଷରୁ ନିୟମିତ ଭାବେ 'ଅପରେସନ୍ ଅନ୍ୱେଷଣ' ନାମକ ସ୍ୱତନ୍ତ୍ର ଅଭିଯାନ ପରିଚାଳନା କରାଯାଉଛି । ଏହି ଅଭିଯାନରେ ପୁରୀ ପୋଲିସର ବିଭିନ୍ନ ଥାନା, ମହିଳା ଓ ଶିଶୁ ସୁରକ୍ଷା ଶାଖା ଏବଂ ଅନ୍ୟାନ୍ୟ ଜିଲ୍ଲା ପୋଲିସ ସହ ସମନ୍ୱୟ ରକ୍ଷା କରି ନିଖୋଜ ବ୍ୟକ୍ତିଙ୍କ ସନ୍ଧାନ କାର୍ଯ୍ୟକୁ ଅଧିକ ଫଳପ୍ରଦ କରାଯାଉଛି । ପୁରୀ ପୋଲିସର ଏହି ସଫଳତା ପଛରେ ରହିଛି ସମସ୍ତ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ନିଷ୍ଠା, ପରିଶ୍ରମ, ସମ୍ବେଦନଶୀଳତା ଏବଂ କର୍ତ୍ତବ୍ୟନିଷ୍ଠା । ନିଖୋଜ ବ୍ୟକ୍ତିଙ୍କୁ ଖୋଜି ବାହାର କରିବା କେବଳ ଏକ ପ୍ରଶାସନିକ ଦାୟିତ୍ୱ ନୁହେଁ, ବରଂ ଏକ ମାନବିକ କର୍ତ୍ତବ୍ୟ । ପ୍ରତ୍ୟେକ ସଫଳ ଉଦ୍ଧାର ଏକ ପରିବାରର ଜୀବନରେ ନୂଆ ଆଶା ସଂଚାର କରିଥାଏ । ମହିଳା ଓ ଶିଶୁମାନଙ୍କ ସୁରକ୍ଷା ପୁରୀ ପୋଲିସର ସର୍ବୋଚ୍ଚ ପ୍ରାଥମିକତା ହୋଇ ରହିବ । ଆଗାମୀ ଦିନରେ ମଧ୍ୟ 'ଅପରେସନ୍ ଅନ୍ୱେଷଣ' ଭଳି ସ୍ୱତନ୍ତ୍ର ଅଭିଯାନକୁ ଆହୁରି ବ୍ୟାପକ, ପ୍ରଭାବଶାଳୀ ଏବଂ ଜୋରଦାର ଭାବେ ଜାରି ରଖାଯିବ, ଯାହାଦ୍ୱାରା ଅଧିକରୁ ଅଧିକ ନିଖୋଜ ମହିଳା ଓ ଶିଶୁଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ସେମାନଙ୍କ ପରିବାର ସହ ପୁନଃମିଳନ କରାଯାଇପାରିବ । ପୁରୀ ଏସ୍ପି ଶ୍ରୀ ପ୍ରତୀକ ସିଂଙ୍କ ନେତୃତ୍ୱ ଓ ତତ୍ତ୍ୱାବଧାନରେ ପୁରୀ ପୋଲିସର ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ସମନ୍ୱିତ ପ୍ରୟାସ ଯୋଗୁଁ ଏହି ଉଲ୍ଲେଖନୀୟ ସଫଳତା ସମ୍ଭବ ହୋଇପାରିଛି ।

### ଆକ୍ସନ୍ ମୋଡ୍‌ରେ ଜଳ ସମ୍ପଦ ବିଭାଗ

## ରାଜ୍ୟବ୍ୟାପୀ ତଦାରଖ, ବନ୍ଧ ସୁରକ୍ଷା ଓ ପୁନରୁଦ୍ଧାର କାର୍ଯ୍ୟ ଜୋରଦାର



ଭୁବନେଶ୍ୱର : ବନ୍ୟା ପରିସ୍ଥିତି ପରେ ରାଜ୍ୟରେ ଜଳ ବନ୍ଧ ସଂରଚନାର ସୁରକ୍ଷା ଓ କ୍ଷତିଗ୍ରସ୍ତ ସ୍ଥାନଗୁଡ଼ିକର ଶୀଘ୍ର ପୁନରୁଦ୍ଧାର ପାଇଁ ଜଳ ସମ୍ପଦ ବିଭାଗ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଜାରି ରଖିଛି । ବିଭାଗର ବରିଷ୍ଠ ଯନ୍ତ୍ରୀମାନେ କ୍ଷେତ୍ର ପରିଦର୍ଶନ କରି ସ୍ଥିତିର ସମୀକ୍ଷା କରୁଥିବାବେଳେ, ଆବଶ୍ୟକ ସ୍ଥାନରେ ତୁରନ୍ତ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଛି । ଯାଜପୁର ଜିଲ୍ଲାର କାଣି ଡାହାଣ ପାର୍ଶ୍ୱ ବନ୍ଧର ବ୍ରହ୍ମଚାରୀପାଟଣା ଏବଂ ବ୍ରାହ୍ମଣୀ ନଦୀର କିମିରିଆପାଲ ନିକଟରେ ହୋଇଥିବା ଅସ୍ଥାୟୀ ଘାଇର ମରାମତି କରିବା କାର୍ଯ୍ୟ ଆରମ୍ଭ ହୋଇଛି । ଆବଶ୍ୟକ ଯନ୍ତ୍ରପାତି, ସାମଗ୍ରୀ ଏବଂ ଜନଶକ୍ତି ନିୟୋଜିତ କରାଯାଇ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଚାଲିଛି । କଟକ, ପୁରୀ, ଖୋର୍ଦ୍ଧା ଓ ଜଗତସିଂହପୁର ଜିଲ୍ଲା ଦେଇ ପ୍ରବାହିତ ଦୟା, ରାଜୁଆ, ମକରା, ଭାର୍ଗବୀ, ମହାନଦୀ, କୁଶଭଦ୍ରା ଓ ଦେବୀ ନଦୀର ସମସ୍ତ ନଦୀବନ୍ଧକୁ ଦିନରାତି ନିରନ୍ତର ନିରୀକ୍ଷଣ କରାଯାଉଛି । ଚିହ୍ନଟ ହୋଇଥିବା ସମସ୍ତ ଗଳିଆକୁ ତୁରନ୍ତ ମରାମତି କରାଯାଇ ସମ୍ଭାବ୍ୟ ଘାଇ ସୃଷ୍ଟି ହେବାର ଆଶଙ୍କାକୁ ସଫଳତାର ସହ ଏଡ଼ାଇ ଦିଆଯାଇଛି । ଏହି ପରିପ୍ରେକ୍ଷୀରେ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଇଂ ଦିଲ୍ଲୀପ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ବନ୍ୟା ସେଲ୍‌ରେ ଅନ୍ୟ ବରିଷ୍ଠ ମୁଖ୍ୟ ଯନ୍ତ୍ରୀମାନଙ୍କ ସହ ଆଜି ପୁନଃ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ବର୍ତ୍ତମାନର ବନ୍ୟା ପରିସ୍ଥିତି, ହୀରାକୁଦ ଜଳଭଣ୍ଡାରର ପରିଚାଳନା, ନଦୀଗୁଡ଼ିକର ଜଳପ୍ରବାହ, ତଳମୁଣ୍ଡ ଅଂଚଳର ସ୍ଥିତି ଏବଂ ପୁନରୁଦ୍ଧାର କାର୍ଯ୍ୟର ଅଗ୍ରଗତିର ସମୀକ୍ଷା କରାଯାଇଥିଲା । ସମସ୍ତ ଇଞ୍ଜିନିୟରିଂ ଦଳକୁ ସତର୍କ ରହିବା, ୨୪x୭ ନଜରଦାରି ଜାରି ରଖିବା ଏବଂ ଯେକୌଣସି ସମ୍ଭାବ୍ୟ ଚ୍ୟାଲେଞ୍ଜର ତୁରନ୍ତ ମୁକାବିଲା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ବିଭାଗ ପରିସ୍ଥିତି ଉପରେ ନିରନ୍ତର ନଜର ରଖି ସମୟୋପଯୋଗୀ ପଦକ୍ଷେପ ଗ୍ରହଣ କରୁଛି । ଏହା ସହ, ଖୋର୍ଦ୍ଧା ଜଳସେଚନ ଡିଭିଜନ୍ ଅଧୀନ ବନ୍ଧ ଏବଂ ଜଳସେଚନ ସଂରଚନାଗୁଡ଼ିକର ପରିଦର୍ଶନ କରିଥିଲେ । ତାଙ୍କ ସହ ସେଣ୍ଟ୍ରାଲ ସର୍କଲର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ, ବନ୍ୟା ନୋଡାଲ ଅଧିକାରୀ ଏବଂ କ୍ଷେତ୍ରସ୍ତରୀୟ କର୍ମଚାରୀମାନେ ପୁନରୁଦ୍ଧାର କାର୍ଯ୍ୟର ଅଗ୍ରଗତିର ସମୀକ୍ଷା କରିଥିଲେ । ସୁନ୍ଦରଗଡ଼ ଜଳସେଚନ ଡିଭିଜନ୍ ଅଧୀନ କୋପାସିଂଘା ଇନ୍-ଷ୍ଟ୍ରିମ୍ ଷ୍ଟୋରେଜ୍ (ଓଝଝ)ର ମଧ୍ୟ ପରିଦର୍ଶନ କରାଯାଇଥିଲା । ଜଳ ସମ୍ପଦ ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ପ୍ରମୁଖ ବନ୍ଧ, ଜଳଭଣ୍ଡାର, ନଦୀବନ୍ଧ ଓ ଜଳସେଚନ ସଂରଚନା ଉପରେ ନିରବଚ୍ଛିନ୍ନ ନଜରଦାରି ଜାରି ରହିଛି । ଯେଉଁଠାରେ କ୍ଷୟକ୍ଷତି ହୋଇଛି, ସେଠାରେ ତୁରନ୍ତ ପୁନରୁଦ୍ଧାର କାର୍ଯ୍ୟ କରାଯାଉଛି । ବନ୍ୟା ପରିସ୍ଥିତିର ସଫଳ ପରିଚାଳନା ସହିତ ଜନସୁରକ୍ଷା ଏବଂ ଜଳ ସଂରଚନାର ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେଇ ବିଭାଗ ସମ୍ପୂର୍ଣ୍ଣ ସଜାଗ ଓ ପ୍ରସ୍ତୁତ ରହିଛି ।

### କେରଳରେ ବର୍ଷା ଓ ଭୂସ୍ଖଳନର ତାଣ୍ଡବ

## ମୃତ୍ୟୁସଂଖ୍ୟା ୮କୁ ବୃଦ୍ଧି, ୮ ନିଖୋଜ



ତିରୁବନନ୍ତପୁରମ: କେରଳରେ ଶନିବାର ହୋଇଥିବା ପ୍ରବଳ ବର୍ଷା, ଭୂସ୍ଖଳନ ଏବଂ ଜଳବନ୍ଦି ସମସ୍ୟା ଯୋଗୁଁ ମୃତ୍ୟୁସଂଖ୍ୟା ୮କୁ ବୃଦ୍ଧି ପାଇଛି । ଏହା ସହିତ ୮ ଜଣ ବ୍ୟକ୍ତି ଏବେ ମଧ୍ୟ ନିଖୋଜ ଅଛନ୍ତି ଏବଂ ୧୩ ଜଣ ଆହତ ହୋଇଛନ୍ତି । ମୁଖ୍ୟମନ୍ତ୍ରୀ ଭି ଡି ସତୀଶନ ଏକ ବିବୃତିରେ କହିଛନ୍ତି ଯେ ରାଜ୍ୟରେ ବ୍ୟାପକ ସମ୍ପତ୍ତି ନଷ୍ଟ ହେବା ସହ ୨୭ଟି ଘର ସମ୍ପୂର୍ଣ୍ଣ ରୂପେ ଧ୍ୱଂସ ହୋଇଯାଇଛି ଏବଂ ୧୯୬ଟି ଘର ଆଂଶିକ ଭାବେ କ୍ଷତିଗ୍ରସ୍ତ ହୋଇଛି । ବର୍ତ୍ତମାନ ସୁଦ୍ଧା ପ୍ରଭାବିତ ଅଞ୍ଚଳରୁ ୫,୭୯୨ ଜଣ ଲୋକଙ୍କୁ ଉଦ୍ଧାର କରାଯାଇ ରାଜ୍ୟ ସାରା ଖୋଲାଯାଇଥିବା ୨୦୯ଟି ରିଲିଫ୍ କ୍ୟାମ୍ପକୁ ସ୍ଥାନାନ୍ତର କରାଯାଇଛି । ସରକାର ମୃତକଙ୍କ ପରିବାର ଏବଂ ବାସଗୃହ ତଥା ଜୀବିକା ହରାଇଥିବା ପ୍ରଭାବିତ ଲୋକଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇଦେବେ ବୋଲି ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି । ଶନିବାର ଅପେକ୍ଷା ରବିବାର ବର୍ଷାର ପରିମାଣ କମିଥିଲେ ମଧ୍ୟ ପାର୍ବତ୍ୟ ଅଞ୍ଚଳରେ ରହୁଥିବା ଲୋକମାନଙ୍କୁ ସତର୍କ ରହିବାକୁ କୁହାଯାଇଛି । ରାଜସ୍ୱ ମନ୍ତ୍ରୀ ଏ ପି ଅନିଲକୁମାର ଗଣମାଧ୍ୟମକୁ କହିଛନ୍ତି ଯେ ବନ୍ୟା ସ୍ଥିତି ଏବେ ନିୟନ୍ତ୍ରଣାଧୀନ ରହିଛି । ପ୍ରବଳ ବର୍ଷା ଯୋଗୁଁ ବିଶେଷ କରି ପଠାନମଥିଟ୍ଟା, ଇଡୁକ୍କି, ଓ୍ୱାୟାନାଡ, କୋଟାୟାମ, କୋଜିକୋଡ ଏବଂ କନ୍ନୁର ଜିଲ୍ଲାର ନଦୀକୂଳିଆ ଏବଂ ତଳୁଆ ଅଞ୍ଚଳ ପାଣିରେ ବୁଡ଼ି ରହିଛି ଏବଂ ଅନେକ ଘର ଭିତରକୁ ବନ୍ୟା ଜଳ ପ୍ରବେଶ କରିଛି । ରବିବାର ସକାଳେ ବର୍ଷା କମିଥିଲେ ମଧ୍ୟ ପଠାନମଥିଟ୍ଟା ଜିଲ୍ଲାର ରାନି ଏବଂ ଆଲାପୁଝା ଜିଲ୍ଲାର କୁଟ୍ଟାନାଡ ଅଞ୍ଚଳରୁ ବନ୍ୟା ଜଳ ହ୍ରାସ ପାଇନାହିଁ, ଯେଉଁଥିପାଇଁ ସ୍ଥାନୀୟ ବାସିନ୍ଦା ଯାତାୟାତ ପାଇଁ ଛୋଟ ଡଙ୍ଗା ବ୍ୟବହାର କରୁଛନ୍ତି । ୧୨ଟି ଜିଲ୍ଲାରେ ଅରେଞ୍ଜ ଆଲର୍ଟ ଜାରି କରାଯାଇଥିବା ବେଳେ ଆଜି ପ୍ରବଳ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ଗତକାଲି ହୋଇଥିବା ପ୍ରବଳ ବର୍ଷା ଯୋଗୁଁ ନଦୀ ଏବଂ ଡ୍ୟାମଗୁଡ଼ିକର ଜଳସ୍ତର ବୃଦ୍ଧି ପାଇବା ସହ ବିଭିନ୍ନ ଅଞ୍ଚଳରେ ବ୍ୟାପକ ସ୍ଥାନାନ୍ତର ପ୍ରକ୍ରିୟା ଜାରି ରହିଛି ।

## ରାଜଧାନୀରେ ଷ୍ଟାଫ ନର୍ସଙ୍କୁ ବିବାହର ପ୍ରତିଶୃତି ଦେଇ ଦୁଷ୍କର୍ମ ଅଭିଯୋଗ, ପ୍ରେମିକ ଗିରଫ

ଭୁବନେଶ୍ୱର : ରାଜଧାନୀରେ ଷ୍ଟାଫ ନର୍ସଙ୍କୁ ବିବାହର ପ୍ରତିଶୃତି ଦେଇ ଦୁଷ୍କର୍ମ ଅଭିଯୋଗ ହୋଇଛି । ଏନେଇ ବାଲିପାଟଣା ଥାନାରେ ଜିରୋ ଏଫଆଇଆର ହେବା ପରେ ଅଭିଯୁକ୍ତ ପ୍ରେମିକକୁ ଗିରଫ କରିଛି ଲିଙ୍ଗରାଜ ଥାନା ପୋଲିସ । ଗିରଫ ଅଭିଯୁକ୍ତ ହେଲେ ବାଲିପାଟଣା ଥାନା ଅଂଚଳର ଭବତୋଷ ମହାନ୍ତି । ଷ୍ଟାଫ ନର୍ସ ଜଣଙ୍କ ଗତ ୯ବର୍ଷ ତଳେ ବିବାହ କରିଥିଲେ । ତାଙ୍କର ୯ ବର୍ଷର ପୁଅ ଅଛି । ସ୍ୱାମୀ ସହ କୌଣସି କଥାକୁ ନେଇ ଝଗଡା ହେବାରୁ ପୁଅକୁ ଧରି ଭୁବନେଶ୍ୱର ପଳେଇ ଆସିଥିଲେ । ଏଠାରେ ଷ୍ଟାଫ ନର୍ସ ଭାବରେ କାମ କରୁଥିଲେ । ଦେଢ଼ ବର୍ଷ ତଳେ ଭ୍ବତୋଷ ମହାନ୍ତିଙ୍କ ସହ ପରିଚିତ ହୋଇଥିଲା । ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା । ଉଭୟ ମଧ୍ୟ ବର୍ଷେ ହେବ ଲିଭ-ଇନରେ ରହୁଥିଲେ । ଷ୍ଟାଫ ନର୍ସ ଜଣଙ୍କ ଭବତୋଷକୁ ବିବାହ କରିବାକୁ କହିବାରୁ ଭ୍ବତୋଷ ନିଜ ଗାଁ ବାଲିପାଟଣାକୁ ପଳାଇଯାଇଥିଲେ । ମୋବାଇଲ ନମ୍ବର ଚେଞ୍ଜ କରି ଦେଇଥିଲେ । ଷ୍ଟାଫ ନର୍ସ ଜଣଙ୍କ ତାଙ୍କ ଘରକୁ ଯାଇ ଭବଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ । ସେଠାରେ ଭବଙ୍କ ବାପା, ଭାଇ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ । ବାଧ୍ୟ ହୋଇ ଷ୍ଟାଫ ନର୍ସ ଜଣଙ୍କ ବାଲିପାଟଣା ଥାନାରେ ଅଭିଯୋଗ କରିଥିଲେ । ଘଟଣା ଯେହେତୁ ଓ୍ବଲ୍ଡ ଟାଉନ ଅଂଚଳରେ ଘଟିଛି ସେଥିପାଇଁ ଜିରୋ ଏଫଆଇଆର ଗ୍ରହଣ କରି ଲିଙ୍ଗରାଜ ଥାନା ପୋଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି ।

## ପାକିସ୍ତାନ ଶାନ୍ତି ରାଲିରେ ଆତ୍ମଘାତୀ ବିସ୍ଫୋରଣ, ୭ ମୃତ



ଇସଲାମାବାଦ: ପାକିସ୍ତାନର ଖୈବର ପଖତୁନଖ୍ୱା ପ୍ରଦେଶର ସ୍ୱାତ ଜିଲ୍ଲାରେ ରବିବାର ଏକ ଶାନ୍ତି ରାଲି ସମୟରେ ହୋଇଥିବା ଆତ୍ମଘାତୀ ବିସ୍ଫୋରଣରେ ଅତି କମ୍‌ରେ ୭ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୮ରୁ ଅଧିକ ଲୋକ ଆହତ ହୋଇଛନ୍ତି । ମୃତକଙ୍କ ମଧ୍ୟରେ ପୁଲିସ କର୍ମଚାରୀ ଓ ସାଧାରଣ ନାଗରିକ ରହିଛନ୍ତି । ଆହତମାନଙ୍କ ମଧ୍ୟରୁ କେତେକଙ୍କ ଅବସ୍ଥା ଗୁରୁତର ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିପାରେ । ସୂଚନା ଅନୁସାରେ, ସ୍ୱାତ ଅମନ ଜିର୍ଗା ପକ୍ଷରୁ ଏହି ଶାନ୍ତି ରାଲିର ଆୟୋଜନ କରାଯାଇଥିଲା । ଅଞ୍ଚଳରେ ବଢ଼ୁଥିବା ହିଂସା ଓ ଆତଙ୍କବାଦୀ କାର୍ଯ୍ୟକଳାପ ବିରୋଧରେ ସ୍ଥାନୀୟ ଲୋକେ ବ୍ୟାନର ଓ ପ୍ଲାକାର୍ଡ ଧରି ଶାନ୍ତି ପାଇଁ ଦାବି କରୁଥିଲେ । ରାଲି କାବାଲ ପୁଲିସ ଥାନା ନିକଟରେ ପହଞ୍ଚିବାବେଳେ ଜଣେ ଆତ୍ମଘାତୀ ଆକ୍ରମଣକାରୀ ବିସ୍ଫୋରଣ ଘଟାଇଥିଲା । ବିସ୍ଫୋରଣ ଏତେ ପ୍ରବଳ ଥିଲା ଯେ ଘଟଣାସ୍ଥଳରେ ଅନେକ ଲୋକ ଛିଟିକି ପଡ଼ିଥିଲେ ଏବଂ ଚାରିଆଡ଼େ ଆତଙ୍କ ଖେଳିଯାଇଥିଲା । ସ୍ୱାତ ଜିଲ୍ଲା ପୁଲିସ ଅଧିକାରୀ ଉମର ଗଣ୍ଡାପୁର କହିଛନ୍ତି, ବିସ୍ଫୋରଣ କାବାଲ ପୁଲିସ ଥାନାର ପ୍ରବେଶ ପଥ ନିକଟରେ ଘଟିଥିଲା । ଏହି ଆକ୍ରମଣର ଦାୟିତ୍ୱ କୌଣସି ସଂଗଠନ ତୁରନ୍ତ ନିଜ ମୁଣ୍ଡକୁ ନେଇନାହିଁ । ତେବେ ଖୈବର ପଖତୁନଖ୍ୱାରେ ଗତ କିଛି ମାସ ଧରି ଆତଙ୍କବାଦୀ ହିଂସା ଚାଲିଥିବାରୁ ସୁରକ୍ଷା ଏଜେନ୍ସିମାନେ ବିଭିନ୍ନ ଉଗ୍ରବାଦୀ ସଂଗଠନର ସମ୍ପୃକ୍ତିକୁ ନେଇ ତଦନ୍ତ କରୁଛନ୍ତି ।

## ବୋଲେରୋକୁ ପଛରୁ ଧକ୍କା ଦେଲା କାର ଜଣେ ମୃତ, ୩ ଗୁରୁତର ଆହତ

ଝାରସୁଗୁଡ଼ା : ବଡମାଲ ଥାନା ଅନ୍ତର୍ଗତ ବିଜୁ ପଟ୍ଟନାୟକ ଛକ ନିକଟ ୧୦ ନମ୍ବର ଜାତୀୟ ରାଜପଥରେ ରବିବାର ରାତି ପ୍ରାୟ ୧୨.୩୦ଟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୩ ଜଣ ଗୁରୁତର ଆହତ ହୋଇଛନ୍ତି । ସୂଚନା ଅନୁସାରେ, ସମ୍ବଲପୁର ପଟୁ ସରବାହାଲ ଅଭିମୁଖେ ଯାଉଥିବା ବୋଲେରୋ (ଓଡ଼ି–୨୩–ପି–୩୧୨୪)କୁ ପଛରୁ ଆସୁଥିବା କାର (ଓଡ଼ି–୨୩–ୟୁ–୮୦୬୨) ଜୋରଦାର ଧକ୍କା ଦେଇଥିଲା । ଫଳରେ ଉଭୟ ଗାଡ଼ିରେ ଥିବା ଯାତ୍ରୀମାନେ ଗୁରୁତର ଆହତ ହୋଇଥିଲେ । କାରରେ କିଷାନ ସିଂ (୨୭) ଓ ନବୀନ ସିଂ (୨୪) ଯାତ୍ରା କରୁଥିଲେ । କିଷାନ ସିଂ ଗାଡ଼ି ଚଳାଉଥିବା ବେଳେ ଦୁର୍ଘଟଣାରେ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା । ନବୀନ ସିଂ ଗୁରୁତର ଆହତ ହୋଇଛନ୍ତି । ଉଭୟେ ହରିଆଣା ରାଜ୍ୟର ବାସିନ୍ଦା ହୋଇଥିବା ବେଳେ ଝାରସୁଗୁଡ଼ାରେ ରହୁଥିଲେ । ଅନ୍ୟପକ୍ଷରେ ବୋଲେରୋରେ ସୁନ୍ଦରଗଡ଼ ଜିଲ୍ଲାର ସୁଦାମ ପାଉଲି (୨୪) ଓ ଚନ୍ଦ୍ର କୁମାର (୪୩) ଯାତ୍ରା କରୁଥିଲେ । ଦୁର୍ଘଟଣାରେ ସେମାନେ ମଧ୍ୟ ଗୁରୁତର ଆହତ ହୋଇଛନ୍ତି । ସମସ୍ତ ଆହତଙ୍କୁ ପ୍ରଥମେ ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା । ପରେ ସେମାନଙ୍କୁ ଅଧିକ ଚିକିତ୍ସା ପାଇଁ ବୁର୍ଲା ଭୀମସାରକୁ ସ୍ଥାନାନ୍ତର କରାଯାଇଛି । ଖବର ପାଇ ବଡମାଲ ପୁଲିସ ଘଟଣାସ୍ଥଳରେ ପହଂଚି ଉଭୟ ଗାଡ଼ିକୁ ଜବତ କରିଛି । ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି । ମୃତ ଯୁବକଙ୍କ ପରିବାର ସଦସ୍ୟଙ୍କ ଆସିବା ପରେ ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ ସୂଚନା ଦେଇଛି ।

### ଟ୍ରାକ୍ଟର ଧକ୍କାରେ ନାବାଳକର ମୃତ୍ୟୁ

## ଡାକ୍ତରଙ୍କ ଅବହେଳା ଅଭିଯୋଗରେ କାର୍ଯ୍ୟାନୁଷ୍ଠାନ ଦାବି

ରାଇରଙ୍ଗପୁର/ଗୋରୁମହିଷାଣୀ: ମୟୂରଭଞ୍ଜଜିଲ୍ଲା ଗୋରୁମହିଷାଣୀ ଥାନା ଅଞ୍ଚଳ ଶୁଣ୍ଢଳ ଗ୍ରାମ କଲୋନିସାହିରେ ଏକ ଅଭାବନୀୟ ଘଟଣା ଘଟିଯାଇଥିଲା । ଗତ ୨୩ ଜୁଲାଇରେ ଟ୍ରାକ୍ଟର ଧକ୍କାରେ ୧୩ ବର୍ଷର ନାବାଳକ ଗୁରୁତର ହୋଇଥିବା ବେଳେ ଟ୍ରାକ୍ଟର ମାଲିକ ଏବଂ ଡ୍ରାଇଭର ଗୁରୁତର ନାବାଳକକୁ ଗୋରୁମହିଷାଣୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ଡାକ୍ତର ସେଠାରେ ନାବାଳକକୁ ମୃତ ଘୋଷଣା କରିଥିଲେ । ତେବେ ହସ୍ପିଟାଲରେ ଭର୍ତ୍ତି କରିଥିବା ଲୋକେ ଗଛରୁ ପଡ଼ି ଗୁରୁତର ହୋଇଛି ବୋଲି କହିଥିଲେ । ମେଡିକାଲ କର୍ତ୍ତୃପକ୍ଷ ପୁଲିସକୁ କୌଣସି ଖବର ନଦେଇ ଶବଟିକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ । ତେବେ ମୃତ ନାବାଳକ ମା'ଙ୍କ କହିବା ଅନୁସାରେ ଟ୍ରାକ୍ଟର ମାଲିକ ଏବଂ ଡ୍ରାଇଭର ତାଙ୍କୁ ଭୟଭୀତ କରି ୪୦ ହଜାର ଟଙ୍କା ଦେଇ ମୃତଦେହ ପୋତି ଦେବା ପାଇଁ କହି ଏହା କରିଥିଲେ । ପରବର୍ତ୍ତୀ ସମୟରେ ମୃତ ନାବାଳକଙ୍କ ପିତା ଭଗବାନ ବୈଠା ବେଙ୍ଗାଲୁରୁରୁ ଆସି ଥାନାରେ ଅଭିଯୋଗ କରିବା ପରେ ରାଇରଙ୍ଗପୁର ଅତିରିକ୍ତ ତହସିଲଦାର ପ୍ରତାପ ବେହେରା (ମାଜିଷ୍ଟ୍ରେଟ) ଏବଂ ପୁଲିସର ଉପସ୍ଥିତିରେ ଶବକୁ ମାଟିତଳୁ ଉଦ୍ଧାର କରି ବ୍ୟବଚ୍ଛେଦ କରାଯାଇଥିଲା । ମେଡିକାଲ କର୍ତ୍ତୃପକ୍ଷ କିମ୍ବା ଡାକ୍ତର ପୁଲିସକୁ କାହିଁକି ଖବର ଦେଲେନି ତାହାକୁ ନେଇ ମଧ୍ୟ ଉଠିଛି ବଡ ପ୍ରଶ୍ନ ଉଠିଥିଲା । ଦୁର୍ଘଟଣା ମାମଲା ଥିବାରୁ ପୁଲିସକୁ ସୂଚନା ଦେବାର ଦାୟିତ୍ୱ ହସ୍ପିଟାଲ୍ କର୍ତ୍ତୃପକ୍ଷଙ୍କ ଥିଲା । କିନ୍ତୁ ସେମାନେ ନ ଜଣାଇବାରୁ ବ୍ୟବଚ୍ଛେଦ ନହୋଇ ଶବ ପଠାଯାଇଥିଲା । ୬ ଦିନ ପରେ ଶବ ଉଦ୍ଧାର କରି ବ୍ୟବଚ୍ଛେଦ କରାଯାଇଥିଲା । ଫଳରେ ଶବ ପଚିସଢ଼ି ଯାଇଥିଲା । ଉକ୍ତ ଘଟଣାକୁ ବିଭିନ୍ନ ମହଲରୁ ନିନ୍ଦା କରାଯାଇଛି । ଉକ୍ତ ଘଟଣାରେ କେବଳ ଟ୍ରାକ୍ଟର ଚାଳକଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଅବହେଳା କରିଥିବା ଡାକ୍ତର କିମ୍ବା ହସ୍ପିଟାଲ୍ କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ତେବେ ସେ ସମ୍ବନ୍ଧରେ ଦାୟିତ୍ୱରେ ଥିବା ଡାକ୍ତର ରାହୁଲ କୁମାରଙ୍କ ସହିତ ଯୋଗାଯୋଗ କରିବାରୁ ସନ୍ଧ୍ୟାବେଳେ ସେ କ୍ୱାର୍ଟରରେ ଥିବା ସମୟରେ ତାଙ୍କ ପାଖକୁ ଫୋନ୍ ଯାଇଥିଲା । ପରେ ସେ ନାବାଳକଙ୍କୁ ପରୀକ୍ଷା କରିବା ପରେ ମୃତ ଘୋଷଣା କରିଥିଲେ । ସେ ଥାନାକୁ ସୂଚନା ଦେବା ପାଇଁ କହିବାରୁ ତାଙ୍କ ପରିବାର ଲୋକେ ଓ ଉପସ୍ଥିତ ଥିବା ଲୋକେ ଗଛରୁ ପଡିଛି କହିଥିଲେ ଏବଂ ପୁଲିସକୁ ସୂଚନା ଦେବା ପାଇଁ ମନା କରିବାରୁ ସେ ପୁଲିସକୁ ସୂଚନା ଦେଇନଥିଲେ । ଡାକ୍ତର ଭୁଲ୍ କରିଥିବା ନେଇ ସେ ସ୍ୱୀକାର କରିଛନ୍ତି ।

## ବୃଦ୍ଧ ଦମ୍ପତିଙ୍କ ଉପରେ ଭୁଶୁଡ଼ି ପଡ଼ିଲା କାନ୍ଥ, ପତି ମୃତ, ପତ୍ନୀ ଗୁରୁତର



ଉଲୁଣ୍ଡା : ଉଲୁଣ୍ଡା ବ୍ଲକ୍ ଅନ୍ତର୍ଗତ ନାଏକପଡ଼ା ଗ୍ରାମରେ ଏକ ବୃଦ୍ଧ ଦମ୍ପତିଙ୍କ ଉପରେ ଘରର କାନ୍ଥ ପଡ଼ିଯିବା ଫଳରେ ପତିଙ୍କ ମୃତ୍ୟୁ ଘଟିଥିବାବେଳେ ପତ୍ନୀଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ସୂଚନାନୁସାରେ, ସଦାନନ୍ଦ ନାୟକ (୭୨) ଏବଂ ଗୁରୁତର ସ୍ତ୍ରୀ ପ୍ରେମସିଳା ନାୟକ (୬୫) ଆଜି ମଧ୍ୟାହ୍ନ ସମୟରେ ଘର ଭିତରେ ଶୋଇଥିଲେ । ଏହି ସମୟରେ ଘରର କାନ୍ଥଟି ହଠାତ୍ ଭୁଶୁଡ଼ି ପଡ଼ିଥିଲା । ଫଳରେ ବୃଦ୍ଧ ଦମ୍ପତି ମାଟି ଭିତରେ ପୋତି ହୋଇଯାଇଥିଲେ । ତୁରନ୍ତ ସ୍ଥାନୀୟ ଲୋକେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ କ୍ଷ ଖବର ପାଇ ସୋନପୁର ଅଗ୍ନିଶମ ବାହିନୀ ପହଂଚି ବୃଦ୍ଧ ଦମ୍ପତିଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସା ଳୟରେ ଭର୍ତ୍ତି କହିଥିଲେ । ସେଠାରେ ଡାକ୍ତର ବୃଦ୍ଧଙ୍କୁ ମୃତ ଘୋଷଣା କରିଥିଲେ । ସମ୍ପ୍ରତି ବୃଦ୍ଧା ଜଣକ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି । ବୀରମହାରାଜପୁର ପୁଲିସ୍ ଶବ ଜବତ କରି ୧୯/୨୦୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ବ୍ୟବଚ୍ଛେଦ ପରେ ଶବକୁ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରାଯାଇଛି । ପ୍ରକାଶ ଯେ ବୃଦ୍ଧ ଦମ୍ପତିଙ୍କ ଦୁଇଟି ପୁଅ ବାହାରେ ଚାକିରୀ କରୁଛନ୍ତି ଏବଂ ଦମ୍ପତି ଘରେ ଏକା ରହୁଥିଲେ କ୍ଷ ଗତ ପ୍ରବଳ ବର୍ଷା ହେତୁ ଘର ଚାରି କଡ଼ ରେ ପାଣି ଜମି ଯାଇଥିଲା ଘର କାନ୍ଥ ସବୁ ଓଦା ହୋଇ ଯିବାରୁ କାନ୍ଥ ଭୁଶୁଡି ପଡି ଥିଲା ।

## ଇଣ୍ଡୋନେସିଆ ଫେରି ଅଗ୍ନିକାଣ୍ଡ: ୫ ମୃତ, ୪୧ ନିଖୋଜ



ଜାକର୍ତ୍ତା: ଇଣ୍ଡୋନେସିଆର ମାଦୁରା ଦ୍ୱୀପରେ ରବିବାର ଦିନ ଏକ ଫେରିରେ ନିଆଁ ଲାଗିଯିବାରୁ ପାଞ୍ଚ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ଅନ୍ୟ ୪୧ ଜଣ ନିଖୋଜ ଅଛନ୍ତି ବୋଲି ଦେଶର ସନ୍ଧାନ ଏବଂ ଉଦ୍ଧାର ଏଜେନ୍ସି କହିଛି । ସନ୍ଧାନ ଏବଂ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଏଜେନ୍ସି କହିଛି ଯେ ଫେରିରେ ମୋଟ ୨୭୧ ଜଣ ଯାତ୍ରୀ ଏବଂ କ୍ରୁ ସଦସ୍ୟ ଥିଲେ । ରବିବାର ଅପରାହ୍ନରେ ସନ୍ଧାନ ଏବଂ ଉଦ୍ଧାର ସଂସ୍ଥା ଦ୍ୱାରା ଜାରି ତଥ୍ୟ ଅନୁଯାୟୀ, ଏପର୍ଯ୍ୟନ୍ତ ୨୨୫ ଜଣଙ୍କୁ ଉଦ୍ଧାର କରାଯାଇଛି । ସଂସ୍ଥା କହିଛି ଯେ ଉଦ୍ଧାର ଦଳଗୁଡ଼ିକ ନିଖୋଜ ଥିବା ଲୋକଙ୍କ ସନ୍ଧାନ ଜାରି ରଖିଛନ୍ତି । ଫେରିଟି ପୂର୍ବ ଜାଭା ପ୍ରଦେଶର ସୁରାବାୟାରୁ ଦକ୍ଷିଣ ସୁଲାୱେସିର ମାକାସାର ସହରକୁ ଯାଉଥିବା ବେଳେ ଅଗ୍ନିକାଣ୍ଡ ଘଟିଥିଲା । ଅଧିକାରୀମାନେ କହିଛନ୍ତି ଯେ ଘଟଣାଟି ରବିବାର ସକାଳେ ଘଟିଛି । ଅଗ୍ନିକାଣ୍ଡର କାରଣ ଏପର୍ଯ୍ୟନ୍ତ ଜଣାପଡିନାହିଁ । ସନ୍ଧାନ ଏବଂ ଉଦ୍ଧାର ସଂସ୍ଥା ଦ୍ୱାରା ପ୍ରକାଶିତ ସଦ୍ୟତମ ସଂଖ୍ୟାରେ ମୃତ୍ୟୁ ସଂଖ୍ୟା ପାଞ୍ଚ ବୋଲି ଦର୍ଶାଯାଇଛି, ଯେତେବେଳେ ୪୧ ଜଣଙ୍କର ପତ୍ତା ମିଳିନାହିଁ । ଘଟଣା ଘଟିଥିବା ମାଦୁରା ଦ୍ୱୀପ ଜାଭାର ଉତ୍ତର-ପୂର୍ବ ଉପକୂଳରେ ଅବସ୍ଥିତ ।

## ପୁଲିସ ପୋଷାକରେ ଜନ୍ତରମନ୍ତର ଆନ୍ଦୋଳନରେ ପଶିଥାନ୍ତା ସନ୍ଦିଗ୍ଧ ଆତଙ୍କବାଦୀ

କୋଲକାତା: ଦିଲ୍ଲୀର ଜନ୍ତରମନ୍ତରଠାରେ ହୋଇଥିବା କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ଛାତ୍ର ଆନ୍ଦୋଳନରେ ପୁଲିସ ପୋଷାକରେ ପ୍ରବେଶ କରି ବିଶୃଙ୍ଖଳା ସୃଷ୍ଟି କରିବା ପାଇଁ ପାକିସ୍ତାନରୁ ଷଡ଼ଯନ୍ତ୍ର କରାଯାଇଥିଲା । ପଶ୍ଚିମବଙ୍ଗରୁ ଗିରଫ ହୋଇଥିବା ସନ୍ଦିଗ୍ଧ ଆତଙ୍କବାଦୀ ହମିମ୍ ମଣ୍ଡଳକୁ ତା'ର ପାକିସ୍ତାନୀ ପରିଚାଳକମାନେ ଏହି କାମ ଦେଇଥିଲେ ବୋଲି ପଶ୍ଚିମବଙ୍ଗ ସ୍ୱତନ୍ତ୍ର ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ରବିବାର କହିଛି । ପାକିସ୍ତାନଭିତ୍ତିକ ଆତଙ୍କବାଦୀ ସଂଗଠନ ଜୈସ୍-ଏ-ମହମ୍ମଦ ସହ ସମ୍ପର୍କ ଥିବା ସନ୍ଦେହରେ ହମିମ୍‌କୁ ଶୁକ୍ରବାର ପୂର୍ବ ବର୍ଦ୍ଧମାନ ଜିଲ୍ଲାରୁ ଗିରଫ କରାଯାଇଥିଲା । ଏସ୍‌ଟିଏଫ୍ ମହାନିରୀକ୍ଷକ ଗୌରବ ଶର୍ମା ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ହମିମ୍‌କୁ ପୁଲିସ ପୋଷାକ କିଣି ଦିଲ୍ଲୀର ଜନ୍ତରମନ୍ତରଠାରେ ଚାଲିଥିବା ଛାତ୍ର ଆନ୍ଦୋଳନରେ ଅନୁପ୍ରବେଶ କରିବାକୁ କୁହାଯାଇଥିଲା । ସେଠାରେ ବିଶୃଙ୍ଖଳା ଓ ଅଶାନ୍ତି ସୃଷ୍ଟି କରିବା ତା'ର ଉଦ୍ଦେଶ୍ୟ ଥିଲା ବୋଲି ଏସ୍‌ଟିଏଫ୍ ଦାବି କରିଛି । ଏହାଛଡ଼ା ହମିମ୍‌କୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ଗତିବିଧି ଉପରେ ନଜର ରଖିବା ଏବଂ ସେ କେଉଁ ସ୍ଥାନରେ ସୁରକ୍ଷା ବିନା ରହୁଛନ୍ତି, ସେ ସମ୍ପର୍କରେ ସୂଚନା ସଂଗ୍ରହ କରିବାକୁ କୁହାଯାଇଥିଲା । ମୁଖ୍ୟମନ୍ତ୍ରୀ ତାଙ୍କର ଅନ୍ୟତମ ନିଶାଣ ଥିଲେ ବୋଲି ଗୌରବ କହିଛନ୍ତି । ଜେରା ବେଳେ ପଶ୍ଚିମବଙ୍ଗରେ ଜୈସ୍-ଏ-ମହମ୍ମଦର ଅନେକ ପରିଚାଳକଙ୍କ ସହ ହମିମ୍‌ର ସମ୍ପର୍କ ଥିବା ଜଣାପଡ଼ିଛି । ଅଦାଲତ ତାକୁ ୧୪ ଦିନ ପାଇଁ ଏସ୍‌ଟିଏଫ୍ ହେପାଜତକୁ ପଠାଇଛନ୍ତି । ହମିମ୍‌ର ବାନ୍ଧବୀ ଅର୍ପିତା ସରକାରକୁ ମଧ୍ୟ ଶୁକ୍ରବାର ଝାଡ଼ଖଣ୍ଡର ସାହିବଗଞ୍ଜରୁ ଗିରଫ କରାଯାଇଛି । ଉଭୟେ ରାଜ୍ୟମନ୍ତ୍ରୀ ଉମେଶ ରାୟଙ୍କ ପୁଅଙ୍କୁ ପ୍ରେମଜାଲରେ ଫସାଇ ଅପହରଣ କରିବା ଏବଂ ତାଙ୍କ ପରିବାରଠାରୁ ଅର୍ଥ ଆଦାୟ ପାଇଁ ଷଡ଼ଯନ୍ତ୍ର କରୁଥିଲେ ବୋଲି ପୁଲିସ ଅଭିଯୋଗ କରିଛି । ଅର୍ପିତା ଅନେକ ପ୍ରମୁଖ ବ୍ୟକ୍ତି ଓ ରାଜନେତାଙ୍କୁ ପ୍ରେମଜାଲରେ ଫସାଇ ସେମାନଙ୍କ ସମ୍ପର୍କରେ ସୂଚନା ହମିମ୍‌କୁ ଦେଉଥିଲା ବୋଲି ଏସ୍‌ଟିଏଫ୍ କହିଛି । ଅର୍ପିତାର ହ୍ୱାଟ୍‌ସଆପ୍ ବାର୍ତ୍ତାରୁ ପାକିସ୍ତାନ ସହ ସମ୍ପର୍କର ସୂଚନା ମିଳିଥିଲା । ତା' ସାମାଜିକ ଗଣମାଧ୍ୟମ ଆକାଉଣ୍ଟ ଯାଞ୍ଚ କରିବା ପରେ ଏସ୍‌ଟିଏଫ୍ ହମିମ୍ ପାଖରେ ପହଞ୍ଚିଥିଲା । ଦୁହେଁ ଇନ୍‌ଷ୍ଟାଗ୍ରାମ୍‌ରେ ପ୍ରଥମେ ପରିଚିତ ହୋଇଥିଲେ ଏବଂ ଚାରିବର୍ଷ ହେଲା ସମ୍ପର୍କରେ ଥିଲେ ।

## ସିନ୍ଧୁ ଚୁକ୍ତି ସ୍ଥଗିତ: ପାକିସ୍ତାନକୁ ଭାରତର କଡ଼ା ଜବାବ

ୱାଶିଂଟନ୍:ସିନ୍ଧୁ ନଦୀ ଜଳ ଚୁକ୍ତିକୁ ସ୍ଥଗିତ ରଖିବା ପାଇଁ ଭାରତ ନେଇଥିବା ନିଷ୍ପତ୍ତିକୁ ଆମେରିକାରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ବିନୟ କ୍ୱାତ୍ରା ଦୃଢ଼ ସମର୍ଥନ କରିଛନ୍ତି । ସେ କହିଛନ୍ତି ଯେ, ଏହି ଚୁକ୍ତି ସଦ୍ଭାବନା ଓ ବନ୍ଧୁତା ଉପରେ ଆଧାରିତ ଥିଲା, କିନ୍ତୁ ପାକିସ୍ତାନ ନିଜ କାର୍ଯ୍ୟକଳାପ ଦ୍ୱାରା ଦୀର୍ଘ ଦଶନ୍ଧି ଧରି ଏହାକୁ ଉଲ୍ଲଂଘନ କରିସାରିଛି । ଭାରତର ସ୍ଥଗିତାଦେଶ କେବଳ ସେହି ସତ୍ୟକୁ ଆନୁଷ୍ଠାନିକ ଭାବେ ସ୍ୱୀକାର କରିଛି । ୧୯୬୦ ଚୁକ୍ତି ଅନୁଯାୟୀ ପାକିସ୍ତାନକୁ ୮୦ ପ୍ରତିଶତ ଜଳ ମିଳୁଥିବା ବେଳେ ଭାରତ ମାତ୍ର ୨୦ ପ୍ରତିଶତ ପାଉଥିଲା । ଏହି ଅସମାନତା ସତ୍ତ୍ୱେ ଭାରତ ଚୁକ୍ତିକୁ ସମ୍ମାନ ଦେଇଆସିଥିଲା, ମାତ୍ର ପାକିସ୍ତାନ ଏହାର ନବୀକରଣ ଓ ଆଧୁନିକୀକରଣରେ କ୍ରମାଗତ ବାଧା ସୃଷ୍ଟି କରିଛି । ପାକିସ୍ତାନର ଜଳସଙ୍କଟ ପାଇଁ ଭାରତ ନୁହେଁ, ବରଂ ସେଠାକାର ଖରାପ ଆଭ୍ୟନ୍ତରୀଣ ଜଳ ପରିଚାଳନା ଦାୟୀ । ପାକିସ୍ତାନ ପାଉଥିବା ଜଳରୁ ୩୦ ପ୍ରତିଶତରୁ ଅଧିକ ଜଳ ବାଟରେ ନଷ୍ଟ ହେଉଥିବା ବେଳେ ବହୁ ପରିମାଣର ଜଳ ଅବ୍ୟବହୃତ ହୋଇ ସମୁଦ୍ରକୁ ବହିଯାଉଛି । ଦ୍ୱିପାକ୍ଷିକ ଆଲୋଚନା ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆଭିମୁଖ୍ୟକୁ ସ୍ପଷ୍ଟ କରି ସେ କହିଛନ୍ତି ଯେ 'ସନ୍ତ୍ରାସବାଦ ଓ ଆଲୋଚନା, ସନ୍ତ୍ରାସବାଦ ଓ ବାଣିଜ୍ୟ ଏବଂ ରକ୍ତ ଓ ପାଣି କେବେହେଲେ ଏକାଠି ବହିପାରିବ ନାହିଁ ।' ସୂଚନାଯୋଗ୍ୟ, ୨୦୨୫ ଏପ୍ରିଲ ୨୨ରେ ଜମ୍ମୁ-କାଶ୍ମୀରର ପହଲଗାମଠାରେ ପାକିସ୍ତାନୀ ଆତଙ୍କବାଦୀଙ୍କ ଆକ୍ରମଣରେ ୨୬ ଜଣଙ୍କ ମୃତ୍ୟୁ ପରେ ଭାରତ ଏହି ଚୁକ୍ତିକୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଥିଲା ।

## ବରିଷ୍ଠ ନାଗରିକଙ୍କ ଅଧିକାର ସଂପର୍କରେ ଆଲୋଚନା



କଟକ : ହୋପ ଏଜ ଟ୍ରଷ୍ଟ ପକ୍ଷ ରୁ ଆଜି ଅପରାହ୍ନ ରେ ମରକତ ନଗର ସେକ୍ଟର ୭ ସ୍ଥିତ ଆଶ୍ରୟ ଦି ସେଲଟର ଠାରେ ବରିଷ୍ଠ ନାଗରିକ ମାନଙ୍କର ଅଧିକାର ସଂପର୍କ ରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇ ଯାଇଛି । 'କ୍ଲାପ ' ଅନୁଷ୍ଠାନ ର ସଭାପତି ତଥା ବିଶିଷ୍ଟ ସାମାଜିକ କର୍ମକର୍ତ୍ତା ବିକାଶ ଦାସ ଏଥିରେ ମୁଖ୍ୟ ଆଲୋଚକ ରୂପେ ଯୋଗ ଦେଇ କହିଲେ ଯେ ସଚେତନତା ଅଭାବ ରୁ ଅସହାୟ ବୃଦ୍ଧ ବୃଦ୍ଧା ମାନେ ସେମାନଙ୍କର ନ୍ୟାଯ୍ୟ ସୁବିଧା ସୁଯୋଗ ହାସଲ କରିବାରୁ ବଂଚିତ ହେଉଛନ୍ତି. ତେଣୁ ସ୍ୱେଚ୍ଛାସେବୀ ସଂଗଠନ ର କର୍ମକର୍ତ୍ତା ଓ ସମାଜ ସେବୀ ମାନେ ସେମାନଙ୍କ ର ଅଧିକାରର ସୁରକ୍ଷା ନିମନ୍ତେ ପ୍ରୟାସ କରିବାକୁ ଶ୍ରୀ ଦାସ ନିବେଦନ କରିଥିଲେ । ସଭାପତି କିଶୋର ଶତପଥୀ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଏହି ସଭାରେ ଟ୍ରଷ୍ଟି ଡ଼ଃ ସତ୍ୟ ରାୟ, ଉପ ସଭାପତି ବିଜୟ କୁମାର ପୁଷ୍ଟି,, ସଂପାଦକ ରଂଜିତ ସାହୁ, ଯୁଗ୍ମ ସମ୍ପାଦିକା ସୁଜାତା ପଟ୍ଟନାୟକ, ଅନିଲ ରାୟ, ବୃନ୍ଦାବନ ଚନ୍ଦ୍ର ହୋତା, ଇଂ କେ. କେ. ଦାସବର୍ମା,, ହିମାଂଶୁବାଳା ପଟ୍ଟନାୟକ, ଉତ୍କଳ ଭୂଷଣ ରାଉତରାୟ, ପ୍ରମୋଦ ପଟ୍ଟନାୟକ, ଶଶି ଭୂଷଣ ପ୍ରଧାନ, ପି କେ ସାହୁ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# ହ୍ୱାଲୋ ବଲିଉଡ୍



## ଦୁଇ ଦିନରେ 'ରାମାୟଣ' ଟ୍ରେଲର ରଚିଲା ଇତିହାସ

ରଣବୀର କପୁର ଏବଂ ୟଶଙ୍କ ଅପକମିଂ ଫିଲ୍ମ ରାମାୟଣ ରିଲିଜ ପୂର୍ବରୁ ହିଁ ଏକ ଐତିହାସିକ ରେକର୍ଡ଼ କରିଛି । ପ୍ରକାଶ ଯେ, ଫିଲ୍ମର ଟ୍ରେଲର ରିଲିଜ ହେବାର ମାତ୍ର ୪୮ଘଣ୍ଟା ଭିତରେ ସବୁ ଅଫିସିଆଲ ପ୍ଲାଟଫର୍ମ୍ସରେ ୩୫କୋଟିରୁ ଅଧିକ ଭ୍ୟୁ ହାସଲ କରି ନେଇଛି । ଏହାସହ ଏହା ଭାରତୀୟ ସିନେମା ଇତିହାସର ସବୁଠାରୁ ବଡ଼ ଫିଲ୍ମ ଟ୍ରେଲର ହୋଇଯାଇଛି । ଏହି ରେକର୍ଡ଼ ଏବେ ଫିଲ୍ମକୁ ବିଶ୍ୱର ସବୁଠାରୁ ମୋଷ୍ଟ ଆୱେଟେଡ ଫିଲ୍ମ ମଧ୍ୟରୁ ଗୋଟିଏ କରିଛି । ଦୁଇଟି ପାର୍ଟରେ ନିର୍ମାଣଧିନ ଏହି ଫିଲ୍ମ ରାମାୟଣ ନିଜ ଶାନଦାର ଷ୍ଟାରକାଷ୍ଟ ଏବଂ ଫିଲ୍ମ ଇଣ୍ଡଷ୍ଟ୍ରିର କେତେକ ବଡ଼ କ୍ରିଏଟିଭ ଟ୍ୟାଲେଣ୍ଟ୍ସ ସହ ଭାରତ ନୁହେଁ ବରଂ ବିଶ୍ୱ ସାରା ଦର୍ଶକଙ୍କ ମଧ୍ୟରେ ଜବରଦସ୍ତ ଉତ୍ସାହ ଆଣିଛି । ଲମ୍ବା ସମୟର ଅପେକ୍ଷା ପରେ ମେକର୍ସ ଫିଲ୍ମର ଟ୍ରେଲର ରିଲିଜ କରିଛନ୍ତି । ଏହାକୁ ଦର୍ଶକଙ୍କଠାରୁ ବହୁତ ଭଲ ପ୍ରତିକ୍ରିୟା ମିଳିଛି । ଟ୍ରେଲର ଇଣ୍ଟରନେଟରେ ଧୁମ୍ ମଚାଇଛି ଏବଂ ବିଶ୍ୱ ସାରା ଲୋକ ଏହାକୁ ପ୍ରଶଂସା କରୁଛନ୍ତି । ଫିଲ୍ମ ସହ ଜଡ଼ିତ ଏକ ସୂତ୍ର କହିଛନ୍ତି, 'ଭାରତ ଏବଂ ବିଶ୍ୱର ଦର୍ଶକଙ୍କଠାରୁ ରାମାୟଣ ଟ୍ରେଲରକୁ ଏତେ ଭଲ ପାଇବା ଦେଖିବା ଆମ ପାଇଁ ଅତ୍ୟନ୍ତ ଭାବପ୍ରବଣ ଏବଂ ଗର୍ବର ବିଷୟ। ଏହା ଦର୍ଶାଏ ଯେ ରାମାୟଣ ଏବେ ବି ସବୁ ପୀଢ଼ି ଏବଂ ସଂସ୍କୃତିର ଲୋକଙ୍କ ସହ ଗଭୀର ଭାବେ ଯୋଡ଼ି ହୋଇ ଅଛି। ମାତ୍ର ୪୮ଘଣ୍ଟା ମଧ୍ୟରେ ୩୫କୋଟିରୁ ଅଧିକ ଭ୍ୟୁ ମିଳିବା କେବଳ ଫିଲ୍ମ ପ୍ରତି ଲୋକଙ୍କ ଉତ୍ସାହକୁ ପ୍ରତିଫଳିତ କରେ ନାହିଁ, ବରଂ ଏହି ମହାନ କଥା ସହିତ ସେମାନଙ୍କର ଭାବପ୍ରବଣ ସମ୍ପର୍କକୁ ମଧ୍ୟ ଦେଖାଉଛି ।

# ରୁଷ୍ ପକ୍ଷରୁ ଯୁଦ୍ଧ ଲଢ଼ି ମୃତ୍ୟୁବରଣ କରୁଥିବା ଭାରତୀୟଙ୍କ ହେବ ଡିଏନଏ ଟେଷ୍ଟ

**ନୂଆଦିଲ୍ଲୀ:** ରୁଷ୍-ୟୁକ୍ରେନ୍ ଯୁଦ୍ଧରେ ରୁଷୀୟ ସେନା ପକ୍ଷରୁ ଲଢୁଥିବା ସମୟରେ ପ୍ରାଣ ହରାଇଥିବା ଭାରତୀୟ ନାଗରିକମାନଙ୍କ ମୃତଦେହ ଚିହ୍ନଟ କରିବା ପାଇଁ ସୁପ୍ରିମକୋର୍ଟ ଶୁକ୍ରବାର ଦିନ କେନ୍ଦ୍ର ସରକାରଙ୍କୁ 'ଡିଏନ୍ଏ' ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଭାରତର ପ୍ରଧାନ ବିଚାରପତି ସିଜେଆଇ ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଏବଂ ବିଚାରପତି ଭି. ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ୨୬ ଜଣ ଭାରତୀୟଙ୍କ

### ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ପରିବାର ପକ୍ଷରୁ ଦାୟର ହୋଇଥିବା ଏକ ପିଟିସନ୍‌ର ଶୁଣାଣି କରୁଥିଲେ। ଆବେଦନକାରୀମାନେ ଅଭିଯୋଗ କରିଥିଲେ ଯେ, ସେମାନଙ୍କ ପରିବାରର ସଦସ୍ୟମାନେ ରୋଜଗାର ଅନ୍ୱେଷଣରେ ରୁଷ୍ ଯାଇଥିବା ବେଳେ ସେମାନଙ୍କୁ ପ୍ରତାରଣା କରି ରୁଷୀୟ ସେନାରେ ଭର୍ତ୍ତି କରାଯାଇଥିଲା।

ମୃତଦେହଗୁଡ଼ିକୁ ଭାରତ ପଠାଇବା ପୂର୍ବରୁ ସେଗୁଡ଼ିକର 'ଡିଏନ୍ଏ ପ୍ରୋଫାଇଲିଂ' ନିଶ୍ଚିତ କରିବାକୁ ସୁପ୍ରିମକୋର୍ଟ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଛନ୍ତି।



ଏହାସହ କ୍ଷତିପୂରଣ ଦାବି କରିବାରେ ପୀଡ଼ିତ ପରିବାରଗୁଡ଼ିକୁ ସହାୟତା କରିବା ପାଇଁ ଜଣେ ନୋଡାଲ ଅଫିସର ନିଯୁକ୍ତ କରିବାକୁ ମଧ୍ୟ କୋର୍ଟ ମନ୍ତ୍ରଣାଳୟକୁ କହିଛନ୍ତି। ରୁଷ୍ ସେନାରେ ଯୋଗ ଦେଇଥିବା ପ୍ରାୟ ୮୦ ଜଣ ଭାରତୀୟ ନିଖୋଜ କିମ୍ବା ମୃତ୍ୟୁବରଣ କରିଛନ୍ତି ବୋଲି କେନ୍ଦ୍ର ସରକାର କୋର୍ଟଙ୍କୁ ଜଣାଇବା ପରେ ଏହି ଆଦେଶ ଆସିଛି। ରୁଷୀୟ କର୍ତ୍ତୃପକ୍ଷ ବର୍ତ୍ତମାନ ସୁଦ୍ଧା ୫୧ ଜଣ ଭାରତୀୟଙ୍କ ମୃତ୍ୟୁକୁ ସ୍ପଷ୍ଟ କରିଛନ୍ତି।

ସ୍ପଷ୍ଟ ହୋଇଥିବା ୫୧ଟି ମୃତ୍ୟୁ ମଧ୍ୟରୁ ୨୯ ଜଣ ଭାରତୀୟଙ୍କ ମୃତଦେହ ସ୍ୱଦେଶ ଫେରାଇ ଅଣାଯାଇଥିବା ବେଳେ ୨ ଜଣଙ୍କର ରୁଷ୍‌ରେ ହିଁ ଅନ୍ତିମ ସଂସ୍କାର କରାଯାଇଛି। ଅନ୍ୟ ୨୦ ଜଣ ମୃତ ଭାରତୀୟଙ୍କ ଅବଶିଷ୍ଟାଂଶ ଏପର୍ଯ୍ୟନ୍ତ ଭାରତ ଅଣାଯାଇପାରି ନାହିଁ। ଏହାବ୍ୟତୀତ, ୫ ଜଣ ଭାରତୀୟ ନିଖୋଜ ଥିବା ନେଇ ରୁଷ୍ ସରକାର ସ୍ୱୀକାର କରିଥିବା ବେଳେ ଅନ୍ୟ ୨୪ ଜଣଙ୍କର କୌଣସି ପତା ମିଳୁନାହିଁ। କୌଣସି ଦୁର୍ଘଟଣା କିମ୍ବା ମୃତ୍ୟୁ କ୍ଷେତ୍ରରେ, ବୈଦେଶିକ ମନ୍ତ୍ରଣାଳୟ ଶବ ଚିହ୍ନଟ କରିବା ପାଇଁ ମୃତଦେହର ଡିଏନ୍ଏ ପରୀକ୍ଷା ପରିବାର ସଦସ୍ୟଙ୍କ ସହ କରାଇବେ ଏବଂ ଏହି ପ୍ରକ୍ରିୟା ଶେଷ ହେବା ପରେ ମୃତଦେହ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

କେତେକ ଆବେଦନକାରୀ ଅଭିଯୋଗ କରିଥିଲେ ଯେ, ଡିଏନ୍ଏ ପରୀକ୍ଷା ପାଇଁ ସେମାନଙ୍କ ନିବେଦନକୁ ଗ୍ରହଣ କରାଯାଉ ନାହିଁ। ସେମାନଙ୍କ ଓକିଲ ଦାବି କରିଥିଲେ ଯେ, ବାକ୍ସ ମଧ୍ୟରେ କେବଳ କିଛି ମାଂସ ଓ ହାଡ଼ ପଠାଯାଉଛି, ଯାହା ମୃତଦେହର ପ୍ରକୃତ ପରିଚୟକୁ ନେଇ ସନ୍ଦେହ ସୃଷ୍ଟି କରୁଛି। ତେବେ କେନ୍ଦ୍ର ସରକାର ଏହି ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରିବା ସହ ଓକିଲ କୋର୍ଟଙ୍କୁ ଭ୍ରମିତ କରୁଛନ୍ତି ବୋଲି କହିଥିଲେ। ମସ୍କୋସ୍ଥିତ ଭାରତୀୟ ଦୂତାବାସ ଡିଏନ୍ଏ ପରୀକ୍ଷା ନିବେଦନକୁ ଗ୍ରହଣ କରି ରୁଷୀୟ କର୍ତ୍ତୃପକ୍ଷଙ୍କ ସହ ମିଶି ଏହାକୁ କାର୍ଯ୍ୟକାରୀ କରୁଥିବା ସରକାର ସ୍ପଷ୍ଟ କରିଛନ୍ତି।

## ୨୧୦ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୂତନ ଜ୍ଞାନକୌଶଳ ପ୍ରଦର୍ଶିତ

**ଜୟପୁର:** ଜୟପୁର ଶାରଦା ବିହାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଏକ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ, ଗଣିତ ଓ କଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୨୧୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ସର୍ବପ୍ରଥମେ ଉଦ୍ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଚାନ୍ଦିଲି ଉଚ୍ଚ ବିଦ୍ୟାଳୟର ବିଶିଷ୍ଟ ଗଣିତ ଶିକ୍ଷକ ସନ୍ତୋଷ କୁମାର ଶତପଥୀ ଯୋଗଦେଇ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସେ ନିଜ ବକ୍ତବ୍ୟରେ ଶିଶୁଙ୍କୁ ବୈଜ୍ଞାନିକ ମାନସିକତା ରଖି ପ୍ରୟୋଗାତ୍ମକ ଚିନ୍ତାଧାରାର ବିକାଶ କରିବା ପାଇଁ ଉତ୍ସାହିତ କରିଥିଲେ । ଏହା ପରେ ବିଦ୍ୟାଳୟର ଶିଶୁ ଭଉଣୀମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଂଗୀତ ଗାନ କରାଯାଇଥିଲା । ସକାଳ ୧୦ଟାରୁ ଆରମ୍ଭ ହୋଇଥିବା ଏହି ଦିନିକିଆ କାର୍ଯ୍ୟକ୍ରମ କୋମଳମତି ଶିଶୁମାନଙ୍କୁ ସେମାନଙ୍କର ଶିକ୍ଷାଗତ ଓ ସୃଜନଶୀଳ ଦକ୍ଷତା ପ୍ରଦର୍ଶନ କରିବା ପାଇଁ ଏକ ସୁନ୍ଦର ମାଧ୍ୟମ ଯୋଗାଇ ଦେଇଥିଲା । ଶେଷରେ ଏକ ଉଦଯାପନୀ ଓ ପୁରସ୍କାର ବିତରଣୀ ସମାରୋହ ସହିତ ଏହି କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା, ଯେଉଁଠାରେ ଅତିଥିମାନଙ୍କ ଦ୍ୱାରା କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ନିଜ ନିଜ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନେ ଆଗାମୀ ବ୍ଲକ (ସଂକୁଳ) ସ୍ତରୀୟ ପ୍ରତିଯୋଗିତାରେ ବିଦ୍ୟାଳୟର ପ୍ରତିନିଧିତ୍ୱ କରିବା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି ।

### ଜନ୍ତରମନ୍ତରରେ ପ୍ରତିବାଦ ବେଳେ ପୁଲିସ ମାଡ଼ରେ ଆହତ

# ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେଲେ ଆଇଆଇଟି ଛାତ୍ରୀ

*ନୀଟ୍ ମାମଲା ସହ ଜଡ଼ିତ ଅନ୍ୟାନ୍ୟ ଯାଚିକାଗୁଡ଼ିକ ସହିତ ଆସନ୍ତା ସୋମବାର, ଅଗଷ୍ଟ ୩ ତାରିଖରେ ତୋଷିବାଙ୍କ ଏହି ଆବେଦନର ଶୁଣାଣି ହେବାର ସମ୍ଭାବନା ରହିଛି ।*



**ନୂଆଦିଲ୍ଲୀ:** ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍ ମାମଲାକୁ ନେଇ ଦେଶର ରାଜଧାନୀରେ ଚାଲିଥିବା ଆନ୍ଦୋଳନ ଏବେ ସର୍ବୋଚ୍ଚ ନ୍ୟାୟାଳୟରେ ପହଞ୍ଚିଛି । ଜନ୍ତରମନ୍ତରଠାରେ ହୋଇଥିବା ପ୍ରତିବାଦ ସମୟରେ ପୁଲିସର କାର୍ଯ୍ୟାନୁଷ୍ଠାନରେ ଆହତ ହୋଇଥିବା ଆଇଆଇଟି ପାଟନାର ଛାତ୍ରୀ ତୋଷିବା ଯାଦବ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ପୁଲିସର ବ୍ୟବହାର ଏବଂ ଭିଡ଼ ନିୟନ୍ତ୍ରଣ ପାଇଁ ଥିବା ପଦ୍ଧତିକୁ ଚ୍ୟାଲେଞ୍ଜ କରି ସେ ଏକ ଯାଚିକା ଦାୟର କରିଛନ୍ତି ।

ତୋଷିବା ନିଜ ଆବେଦନରେ ଦର୍ଶାଇଛନ୍ତି ଯେ, ସାରା ଦେଶରେ ଆନ୍ଦୋଳନକାରୀ ଏବଂ ଭିଡ଼ ନିୟନ୍ତ୍ରଣ ପାଇଁ ପୋଲିସ ପାଖରେ ଏକ ସମାନ ତଥା ନିର୍ଦ୍ଦିଷ୍ଟ 'ମାନକ ପରିଚାଳନା ପଦ୍ଧତି' ରହିବା ଆବଶ୍ୟକ। ଏହାସହିତ ସେ ଦାବି କରିଛନ୍ତି ଯେ, ଆନ୍ଦୋଳନ ସ୍ଥଳରେ କାର୍ଯ୍ୟରତ ପୋଲିସ କର୍ମଚାରୀମାନେ ସେମାନଙ୍କ ପୋଷାକରେ ନାମପଟ୍ଟ କିମ୍ବା ପରିଚୟ ପଦର୍ଶନ କରିବା ବାଧ୍ୟତାମୂଳକ କରାଯାଉ। ଅନେକ ସମୟରେ ପୋଲିସର ପରିଚୟ ସ୍ପଷ୍ଟ ନଥିବାରୁ ସେମାନେ ନିର୍ଭୟରେ ବଳପ୍ରୟୋଗ କରୁଥିବା ଅଭିଯୋଗ ହୋଇଛି । ଏହା ବ୍ୟତୀତ ଆହତ ଆନ୍ଦୋଳନକାରୀଙ୍କୁ ବିନା ବିଳମ୍ବରେ ତୁରନ୍ତ ଚିକିତ୍ସା ସୁବିଧା ଯୋଗାଇଦେବାକୁ ସେ ନିବେଦନ କରିଛନ୍ତି ।

ସୂଚନା ଅନୁସାରେ, ୨୭ ବର୍ଷୀୟ ତୋଷିବା ଗତ ଜୁଲାଇ ୨୦ ତାରିଖରେ ଜନ୍ତରମନ୍ତରଠାରେ ହୋଇଥିବା ପୋଲିସ୍ କାର୍ଯ୍ୟାନୁଷ୍ଠାନରେ ଗୁରୁତର ଭାବେ ଆହତ ହୋଇଥିଲେ। ସୁପ୍ରିମକୋର୍ଟ ପୂର୍ବରୁ ହିଁ ଦିଲ୍ଲୀ ସରକାରଙ୍କୁ ଆହତ ଛାତ୍ରଛାତ୍ରୀଙ୍କୁ ମାଗଣା ଚିକିତ୍ସା ଯୋଗାଇବାକୁ ନିର୍ଦ୍ଦେଶ ଦେଇସାରିଛନ୍ତି। ନୀଟ୍ ମାମଲା ସହ ଜଡ଼ିତ ଅନ୍ୟାନ୍ୟ ଯାଚିକାଗୁଡ଼ିକ ସହିତ ଆସନ୍ତା ସୋମବାର, ଅଗଷ୍ଟ ୩ ତାରିଖରେ ତୋଷିବାଙ୍କ ଏହି ଆବେଦନର ଶୁଣାଣି ହେବାର ସମ୍ଭାବନା ରହିଛି। ସର୍ବୋଚ୍ଚ ନ୍ୟାୟାଳୟ ଏହି ମାମଲାକୁ କେତେ ଗୁରୁତ୍ୱର ସହ ଗ୍ରହଣ କରୁଛନ୍ତି, ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି ।

### ରାଜ ଠାକରେଙ୍କ ସାଂଘାତିକ ଅଭିଯୋଗ

# ସିଦ୍ଧିବିନାୟକ ମନ୍ଦିରରୁ ପ୍ରତିବର୍ଷ ୧୮ କୋଟି ଚୋରି ହେଉଛି

**ମୁମ୍ବାଇ:** ଅଯୋଧ୍ୟା ରାମ ମନ୍ଦିର ଏବଂ ବଦ୍ରିନାଥ ମନ୍ଦିରରେ ଦାନ ଅର୍ଥର ଅନିୟମିତତାକୁ ନେଇ ଚର୍ଚ୍ଚା ଚାଲିଥିବା ବେଳେ ଏବେ ମୁମ୍ବାଇର ପ୍ରସିଦ୍ଧ ସିଦ୍ଧିବିନାୟକ ମନ୍ଦିରକୁ ନେଇ ଏକ ବଡ଼ ଅଭିଯୋଗ ସାମ୍ନାକୁ ଆସିଛି । ମହାରାଷ୍ଟ୍ର ନବନିର୍ମାଣ ସେନା ମୁଖ୍ୟ ରାଜ ଠାକରେ ଦାବି କରିଛନ୍ତି ଯେ, ସିଦ୍ଧିବିନାୟକ ମନ୍ଦିରର ଦାନ ବାକ୍ସରୁ ପ୍ରତିବର୍ଷ ପ୍ରାୟ ୧୮ କୋଟି ଟଙ୍କା ଆତ୍ମସାତ କରାଯାଉଛି । ରାଜ ଠାକରେଙ୍କ ଏହି ବୟାନ ପରେ ମହାରାଷ୍ଟ୍ର ରାଜନୀତିରେ ହଇଚଇ ସୃଷ୍ଟି ହୋଇଛି ।

ମୁମ୍ବାଇରେ ଏମଏନଏସର ଛାତ୍ର ଶାଖାର ୨୦ତମ ବାର୍ଷିକୀ ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ଠାକରେ କହିଛନ୍ତି ଯେ, ଆଜିକାଲି ମନ୍ଦିର ମଧ୍ୟ ଦୁର୍ନୀତିରୁ ସୁରକ୍ଷିତ ନୁହେଁ। ସେ ଅଭିଯୋଗ କରିଛନ୍ତି ଯେ, ଅଯୋଧ୍ୟା ରାମ ମନ୍ଦିରରୁ ପ୍ରାୟ ୧,୪୦୦ କୋଟି ଚୋରି ହୋଇଥିବା ବେଳେ ବିଜେପି ନେତା ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ପ୍ରସଙ୍ଗରେ ନୀରବ ରହିଛନ୍ତି। ସେହିପରି ସିଦ୍ଧିବିନାୟକ ମନ୍ଦିରରେ ମଧ୍ୟ କର୍ମଚାରୀମାନେ ଦାନ ଅର୍ଥ ଚୋରିରେ ସାମିଲ ଅଛନ୍ତି। ଏହି ଘଟଣାର ତଦନ୍ତ ଦାବି



କରି ମନ୍ଦିର ଟ୍ରଷ୍ଟର ୮ ଜଣ ଟ୍ରଷ୍ଟି ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କୁ ଚିଠି ଲେଖିଥିବା କଥା ସେ ପ୍ରକାଶ କରିଛନ୍ତି । ଅନ୍ୟପଟେ ସିଦ୍ଧିବିନାୟକ ମନ୍ଦିର ଟ୍ରଷ୍ଟର ଅଧ୍ୟକ୍ଷ ତଥା ଶିବସେନା (ସିନ୍ଦେ ଗୋଷ୍ଠୀ) ନେତା ସଦା ସର୍ବାଙ୍କର ଏହି ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ, ରାଜ ଠାକରେ ଚିଠିର ଭୁଲ ବ୍ୟାଖ୍ୟା କରିଛନ୍ତି ଏବଂ ୧୮ କୋଟି ଟଙ୍କାର ଘୋଟାଲାର କୌଣସି ଅଭିଯୋଗ ଆସିନାହିଁ। ତେବେ କିଛି କର୍ମଚାରୀ ଦାନ ଆତ୍ମସାତ କରୁଥିବା ଧରାପଡ଼ିବା ପରେ ୯ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଭକ୍ତଙ୍କୁ ଶୀଘ୍ର ଦର୍ଶନ କରାଇବା ବାହାନାରେ ଟଙ୍କା ନେଉଥିବା କର୍ମଚାରୀଙ୍କ ବିରୋଧରେ ମଧ୍ୟ ମାମଲା ରୁଜୁ ହୋଇଛି ।

ସଦା ସର୍ବାଙ୍କର ସୂଚନା ଦେଇଛନ୍ତି ଯେ, ମନ୍ଦିର ପରିଚାଳନାରେ ଅଣାଯାଇଥିବା ସଂସ୍କାର ଯୋଗୁଁ ଗତ ଦୁଇ ବର୍ଷ ମଧ୍ୟରେ ମନ୍ଦିରର ଆୟ ଯଥେଷ୍ଟ ବୃଦ୍ଧି ପାଇଛି। ପୂର୍ବରୁ ବାର୍ଷିକ ଆୟ ୧୧୪ କୋଟି ଟଙ୍କା ଥିବା ବେଳେ ବର୍ତ୍ତମାନ ଏହା ବୃଦ୍ଧି ପାଇ ୧୮୨ କୋଟି ଟଙ୍କାରେ ପହଞ୍ଚିଛି। ମନ୍ଦିରର ସ୍ୱଚ୍ଛତା ଓ ପରିଚାଳନା ପାଇଁ ସମସ୍ତ ପଦକ୍ଷେପ ନିଆଯାଉଛି ବୋଲି ସେ ଦାବି କରିଛନ୍ତି ।

## ଭୋର୍ ସମୟରେ ଦିଲ୍ଲୀରେ ୨.୯ ତୀବ୍ରତାର ଭୂକମ୍ପ ଝଟ୍‌କା

**ନୂଆଦିଲ୍ଲୀ:** ରବିବାର ପ୍ରତ୍ୟୁଷରେ ଦିଲ୍ଲୀର ଉତ୍ତର ଜିଲ୍ଲାରେ ୨.୯ ତୀବ୍ରତାଯୁକ୍ତ ଏକ ଭୂମିକମ୍ପ ଅନୁଭୂତ ହୋଇଛି ବୋଲି ନ୍ୟାସନାଲ ସେଣ୍ଟର ଫର୍ ସିସମୋଲୋଜି (ଏନସିଏସ) କହିଛି। ଏହି ଭୂମିକମ୍ପ ଭୋର୍ ୪:୧୪ ରେ ୮ କିଲୋମିଟର ଗଭୀରରେ ଅନୁଭୂତ ହୋଇଥିଲା । ଏହାର କେନ୍ଦ୍ରସ୍ଥଳ ୨୮.୭୨୧ଡିଗ୍ରୀ ଉତ୍ତର ଅକ୍ଷାଂଶ ଏବଂ ୭୬.୯୫୭ଡିଗ୍ରୀ ପୂର୍ବ ଦ୍ରାଘିମାରେ ଅବସ୍ଥିତ ଥିଲା। ସୋସିଆଲ ମିଡ଼ିଆ ଏକ୍ସରେ ଏକ ପୋଷ୍ଟରେ ଏନସିଏସ ଏହି ସୂଚନା ପ୍ରଦାନ କରିଛି।



ଯେତେବେଳେ ଭୂମିକମ୍ପର କେନ୍ଦ୍ରସ୍ଥଳ ଭୂମି ପୃଷ୍ଠରୁ ଅଗଭୀର ଥାଏ, ସେତେବେଳେ କମ୍ ତୀବ୍ରତା ସତ୍ତ୍ୱେ କମ୍ପନ ଅନୁଭୂତ ହୋଇପାରେ। ୨.୯ ତୀବ୍ରତାକୁ ମଧ୍ୟମ କିମ୍ବା ମୃଦୁ ବୋଲି ବିବେଚନା କରାଯାଏ, ଏବଂ ସାଧାରଣତଃ ଏହା କୌଣସି ବଡ଼ କ୍ଷତି କରିନଥାଏ। ଦିଲ୍ଲୀ ଏବଂ ଏହାର ଆଖପାଖ ଅଞ୍ଚଳଗୁଡ଼ିକ ଭୂମିକମ୍ପପ୍ରବଣ ଜୋନ୍ ୪ରେ ଅଛି। ଏହି ଅଞ୍ଚଳ ପ୍ରାୟତଃ ମୃଦୁରୁ ମଧ୍ୟମ ଭୂମିକମ୍ପ ଦ୍ୱାରା ପ୍ରଭାବିତ ହେବାର ଆଶଙ୍କା ରହିଥାଏ।

# ୱାସିଂଟନରେ ଜଳୁଛି ଜଙ୍ଗଲ, ବ୍ୟାପୁଛି ନିଆଁ

ୱାସିଂଟନ: ଆମେରିକାର ୱାସିଂଟନ ରାଜ୍ୟରେ ଭୟଙ୍କର ଅଗ୍ନିକାଣ୍ଡ ଯୋଗୁଁ ଭୟର ବାତାବରଣ ସୃଷ୍ଟି ହୋଇଛି। ରାଜ୍ୟ ସାରା ଜଙ୍ଗଲରେ ଲାଗିଥିବା ନିଆଁକୁ ଲିଭାଇବା ପାଇଁ ୪ ହଜାରରୁ ଅଧିକ ଅଗ୍ନିଶମ

**୨୫୦,୦୦୦ ଏକର ଜଳି ପାଉଁଶ**

କର୍ମଚାରୀ ଏବଂ ନ୍ୟାସନାଲ୍ ଗାର୍ଡ ଦଳ ଦିନରାତି କାମ କରୁଛନ୍ତି। ପ୍ରବଳ ପବନ ଏବଂ ଅତ୍ୟଧିକ ଗରମ ଯୋଗୁଁ ନିଆଁ ଦ୍ରୁତ ଗତିରେ ବ୍ୟାପିବାରେ ଲାଗିଛି। ବହୁ ସଂଖ୍ୟକ ଲୋକଙ୍କୁ ସ୍ଥାନାନ୍ତର କରାଯାଉଛି। ପରିସ୍ଥିତିର ଗମ୍ଭୀରତାକୁ ଦେଖି ୱାସିଂଟନ ରାଜ୍ୟପାଳ ବବ୍ ଫର୍ଗୁସନ୍ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଛନ୍ତି।

ରାଜ୍ୟପାଳ ବବ୍ ଫର୍ଗୁସନ୍ ଚେତାବନୀ



ଦେଇଛନ୍ତି ଯେ, ୱାସିଂଟନ ରାଜ୍ୟ ବର୍ତ୍ତମାନ ଏକ ଅତ୍ୟନ୍ତ ଗମ୍ଭୀର ଏବଂ ବିପଜ୍ଜନକ ପରିସ୍ଥିତିର ସମ୍ମୁଖୀନ ହେଉଛି। ସାରା ରାଜ୍ୟରେ ୨ ଲକ୍ଷ ୫୦ ହଜାର ଏକରରୁ ଅଧିକ ଜମିରେ ନିଆଁ ଲାଗିବା ଯୋଗୁଁ ବ୍ୟାପକ କ୍ଷୟକ୍ଷତି ଘଟିଛି। ଚଳିତ ଗ୍ରୀଷ୍ମ ଋତୁରେ ଏପର୍ଯ୍ୟନ୍ତ ରାଜ୍ୟ ସାରା ପ୍ରାୟ ୪ ଲକ୍ଷ ୫୦ ହଜାର ଏକର ଜମି ଜଳି ଯାଇଛି। ଉଚ୍ଚ ତାପମାତ୍ରା ଏବଂ ପବନର ବେଗ ଉଦ୍ଧାର ଏବଂ ରିଲିଫ୍ ପ୍ରୟାସରେ ଯଥେଷ୍ଟ ବାଧା ସୃଷ୍ଟି କରୁଛି।

ଦ୍ରୁତ ଗତିରେ ବ୍ୟାପିଥିବା ଓଲ୍ଡ ଟ୍ରେଲ୍ସ ଫାୟାର ଅଧିକାରୀଙ୍କ ପାଇଁ ଏକ ଚିନ୍ତାର ବିଷୟ ପାଲଟିଛି। ଜଙ୍ଗଲ ନିଆଁ ଶନିବାର ଅପରାହ୍ନରେ ଶୁଖିଲା ଘାସ ପଡ଼ିଆ ଦେଇ ବ୍ୟାପି ଯାଇଥିଲା। ଏହା ସ୍ପୋକେନ୍ ନଦୀ ପାର ହୋଇ ନିକଟବର୍ତ୍ତୀ ଆବାସିକ ଅଞ୍ଚଳଗୁଡ଼ିକୁ ଗ୍ରାସ କରିଥିଲା। ଅଗ୍ନିକାଣ୍ଡ ପ୍ରାୟ ୩ ହଜାର ଏକର ଜଳି ଯାଇଛି। ୪ ହଜାର କୋଠା ପାଇଁ ଏହା ବିପଦ ସୃଷ୍ଟି କରିଛି। ସ୍ପୋକେନ୍ ମେୟର ଲିସା ବ୍ରାଉନ୍ ?ଙ୍କ ଅନୁଯାୟୀ, ଶନିବାର ଅପରାହ୍ନ ସୁଦ୍ଧା ପ୍ରାୟ ୨୦୦ ଘର ସମ୍ପୂର୍ଣ୍ଣ ଖାଲି କରାଯାଇଛି। ଅନେକ ଆବାସିକ ଅଞ୍ଚଳରେ ସାର୍ବଜନୀନ ବିଦ୍ୟୁତ୍ ବିଭ୍ରାଟ ଘଟିଛି। ୬୦ ହଜାର ଘରୁ ବିଦ୍ୟୁତ୍ ସଂଯୋଗ କାଟି ଦିଆଯାଇଛି।

# କୁଲଗାମ ଆତଙ୍କୀ ଆକ୍ରମଣ ଘଟଣାରେ ଓଭର ଗ୍ରାଉଣ୍ଡ କର୍ମଚାରୀ ଗିରଫ

**ଜାମ୍ମୁ:** ଜମ୍ମୁ ଓ କାଶ୍ମୀରର କୁଲଗାମରେ ହୋଇଥିବା ଆକ୍ରମଣ ପହଲଗାମ ଘଟଣାର ଘା'କୁ ପୁଣିଥରେ ତାଜା କରିଛି । ଯାହାପରେ ସୁରକ୍ଷା ବାହିନୀ ଆଣ୍ଟି ଟେରର ଅପରେସନ୍ ଆରମ୍ଭ କରିଛି । ଏହି ଘଟଣାରେ ସମ୍ପୃକ୍ତ ଥିବା ବାରାମୂଲ୍ଲା ଜିଲ୍ଲାର ଶିରୀ ଅଞ୍ଚଳର 'ଭୂତଳ କର୍ମୀ'ଙ୍କୁ ଗିରଫ କରି ତାଙ୍କ ପାଖରୁ ବିପୁଳ ପରିମାଣର ମାରଣାସ୍ତ୍ର ଜବତ କରାଯାଇଛି । ସମଗ୍ର ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିବାବେଳେ ଅଭିଯାନ ଜାରି ରହିଛି।

ପୁଲିସର ବରିଷ୍ଠ ଅଧିକାରୀଙ୍କ ସୂଚନା ଅନୁଯାୟୀ, ନାରଭାଓର ଜଣ୍ଡଫରାନ-ଗୋରୀୱାନ କ୍ରସିଂ ନିକଟରେ ସେନା ଓ ପୁଲିସର ଯୁକ୍ତ ଚେକିଂ ଚେକପଏଣ୍ଟରେ ଗିରଫ କରିଥିଲେ । ଗୋରୀୱାନ ପଟୁ ଆସୁଥିବା ଜଣେ ସନ୍ଦିଗ୍ଧ ବ୍ୟକ୍ତି ଚେକପଏଣ୍ଟ ଦେଖି ଚମ୍ପଟ ମାରିବାକୁ ଚେଷ୍ଟା କରିଥିଲେ । ତାଙ୍କୁ ପିଛା କରି ସୁରକ୍ଷା ବାହିନୀ ତାଙ୍କୁ ଗିରଫ କରିଥିଲେ । ଯାଞ୍ଚ ସମୟରେ ତାଙ୍କ



ନିକଟରୁ ଗୋଟିଏ କ୍ୟାମୋଫ୍ଲାଜ୍ଡ ଏମ୍‌ପି-୫ ପ୍ରକାର ପିସ୍ତଲ, ୧୦ଟି ଜୀବନ୍ତ ୯ମି.ମି. ଗୁଳି ଥିବା ମ୍ୟାଗାଜିନ, ଗୋଟିଏ ମୋବାଇଲ ଫୋନ ଓ ଗୋଟିଏ କଳା ବ୍ୟାକପ୍ୟାକ ଜବତ କରାଯାଇଛି । ଗିରଫ ବ୍ୟକ୍ତି ଜଣକ ବାରାମୁଲ୍ଲା ଜିଲ୍ଲାର ଶିରୀ ଅଞ୍ଚଳର ନମ୍ବାଲନ ବାସିନ୍ଦା ଏଜାଜ ଅହମ୍ମଦ ଗନି ବୋଲି ଜଣାପଡ଼ିଛି ।

ଉଲ୍ଲେଖଯୋଗ୍ୟ, ଶୁକ୍ରବାର ରାତି ପ୍ରାୟ ସାଢ଼େ ୮ଟା ବେଳେ କୁଲଗାମର କେଲ୍ଲାମ ଅଞ୍ଚଳର ଏକ ଇଟାଭାଟିକୁ ଦୁଇ ଆତଙ୍କବାଦୀ ପହଞ୍ଚି ସେଠାରେ କାମ କରୁଥିବା ଶ୍ରମିକମାନଙ୍କ ନାମ ପଚାରିବା ପରେ ସେମାନଙ୍କ ଉପରେ ଗୁଳି ଚାଳନା କରିଥିଲେ ।

## ରାଶିଫଳ

**ମେଷ:** ଦଶମଚନ୍ଦ୍ର, ଦଶମୀତିଥି,ଏବଂ ରବିଙ୍କ ନକ୍ଷତ୍ରଭୋଗ ହେଉଥିବାରୁ ନୂତନ କର୍ମାରମ୍ଭ, ଭୂମିପୂଜା, ଗୃହାରାମ୍ଭ, ଗୃହପ୍ରତିଷ୍ଠାଦି ଶୁଭକର୍ମର ଆୟୋଜନ କରିପାରନ୍ତି କିମ୍ବା କୌଣସି ଶୁଭକର୍ମରେ ଯୋଗ ଦେଇପାରନ୍ତି ।

**ବୃଷ:** ନବମ ଚନ୍ଦ୍ର ଯୋଗୁ ଗୁରୁଜନଙ୍କ କୃପା, କ୍ଷମତାଶାଳୀ ବ୍ୟକ୍ତିଙ୍କ ସହାୟତା ଏବଂ ରାଜନୈତିକ ବ୍ୟକ୍ତିଙ୍କ ଶୁଭଦୃଷ୍ଟିରେ ରହିବେ । ମନରେ ଉନ୍ନତ ଚିନ୍ତାଧାରା ଓ ଉଚ୍ଚାଭିଳାଷ ପ୍ରକାଶ ପାଇବ ଏବଂ ମହତ୍ ଜନଙ୍କ ଆଶ୍ରୟ ମିଳିବ ।

**ମିଥୁନ:** ଘାତବାର ଓ ଅଷ୍ଟମଚନ୍ଦ୍ର ଯୋଗୁ ବାଦବିବାଦ, ସ୍ୱାସ୍ଥ୍ୟ, ଆର୍ଥିକ କାରବାରଏବଂ ଯାନବାହନ ଆରୋହଣକାଳରେ ସତର୍କହେବେ । ଧନ କ୍ଷତି, ମାନସିକ ଅସ୍ଥିରତା, ପରିବାରରେ ମତାନ୍ତର ଏବଂ ଚାଲିଚଳନ, ବ୍ୟବହାର ବିବାଦୀୟ ହେବ ।

**କର୍କଟ:** ସପ୍ତମଚନ୍ଦ୍ର, ସୋମବାର ଏବଂ ରବି, ଚନ୍ଦ୍ର ଉଭୟଙ୍କ ନକ୍ଷତ୍ର ଭୋଗ ହେଉଥିବାରୁ ମୂଲ୍ୟବାନ ଧାତୁ, ବସନଭୂଷଣ ଓ ଘରୋଇ ଉପକରଣ କ୍ରୟ କରିବେ ଏବଂ ସୁଖାଦ୍ୟ, ସୁବସନ ପ୍ରାପ୍ତିହେବ । କୌଣସି ଶୁଭକର୍ମର ଆୟୋଜନ କରିବେ କିମ୍ବା ପରିବାର ସହ କୌଣସି ଶୁଭକର୍ମରେ ଯୋଗଦେବେ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଉତ୍ତମ ହେବ ।

**ସିଂହ:** ଷଷ୍ଠଚନ୍ଦ୍ର, ସୋମବାର ଏବଂ ରବିଙ୍କ ନକ୍ଷତ୍ରଭୋଗ ହେଉଥିବାରୁ ନୂତନ ଭୂମିପୂଜା, ଗୃହପ୍ରତିଷ୍ଠାଏବଂ ଗୃହାରାମ୍ଭ ଆଦି କରିପାରନ୍ତି । ପରୋପକାର, ସମାଜସେବା ଏବଂ ଧାର୍ମିକ କର୍ମରେ ଅଧିକ ଆଗ୍ରହରହିବ ।

**କନ୍ୟା :** ପଞ୍ଚମ ଚନ୍ଦ୍ରଯୋଗୁବିଦ୍ୟା, ବୁଦ୍ଧି, ଜ୍ଞାନ, ଗରିମା, ପ୍ରତ୍ୟୁତ୍ପନ୍ନମତି ଏବଂ ଦୂରଦୃଷ୍ଟିର ବିକାଶଘଟିବ । ସନ୍ତାନମାନେ ଆଜ୍ଞାଧୀନ ହେବେ ଏବଂ ତାଙ୍କ କର୍ମକୁ ନେଇ ଗର୍ବିତ ହେବେ । ପିତାମାତାଙ୍କ କୃପା ଲାଭ କରିବେ ।

**ତୁଳା:** ଶୁକ୍ଳପକ୍ଷର ଚତୁର୍ଥ ଚନ୍ଦ୍ର ଯୋଗୁ ସ୍ୱଜନରେ ମତାନ୍ତର, ପରିବାରରେ ବିବାଦ, ଯାନବାହନରେ ଖର୍ଚ୍ଚାନ୍ତ ଏବଂ ମୂଲ୍ୟବାନ ପଦାର୍ଥ ନଷ୍ଟ କିମ୍ବା ହଜିଯାଇପାରେ । ଆର୍ଥିକ କ୍ଷତି, ଆର୍ଥିକ ଠକାମି ଏବଂ ମାଲିମକଦ୍ଦମାରେ ପଡ଼ିପାରନ୍ତି ।

**ବିଛା:** ତୃତୀୟଚନ୍ଦ୍ର ଯୋଗୁ ନୂତନ କର୍ମାରମ୍ଭ କରିପାରନ୍ତିକିମ୍ବା ନୂତନ ନିଯୁକ୍ତି ମିଳିପାରେ । ସୋମବାର ଏବଂ ରବି,ଚନ୍ଦ୍ରଉଭୟଙ୍କ ନକ୍ଷତ୍ରଭୋଗ ହେଉଥିବାରୁସମସ୍ତ ଆଶା, ଆକାଂକ୍ଷା ଓ ଅଭିଳାଷ ପୂର୍ଣ୍ଣ ହେବ ଏବଂ ଧନାଗମନର ରାସ୍ତା ସୁଗମହେବ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଅତିଉତ୍ତମ ହେବ ଏବଂ ଆର୍ଥିକ ସ୍ଥିତିରେ ଉନ୍ନତି ଆସିବ ।

**ଧନୁ:** ଦ୍ୱିତୀୟଚନ୍ଦ୍ର, ଏକାଦଶୀତିଥି ଏବଂ ରବିଚନ୍ଦ୍ର ଉଭୟଙ୍କ ନକ୍ଷତ୍ର ଭୋଗ ହେଉଥିବାରୁ ଆୟ ପ୍ରତିମନରେ ଅହେତୁକ ଦୁର୍ବଳତା ଦେଖାଦେବ । ବିଭିନ୍ନ ଉତ୍ସରୁ ଧନପ୍ରାପ୍ତିହେବ ଏବଂ ନୂତନ ଆୟର ପନ୍ଥା ଖୋଲିବ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଉତ୍ତମ ହେବ ।

**ମକର:** ସକାଳ ୧୧ଟା ୫୫ ମିନିଟ୍ ପରେଚ ନ୍ଦ୍ରଙ୍କ ନକ୍ଷତ୍ର ଭୋଗ ହେଉଥିବାରୁ ସୁଖାଦ୍ୟ, ସୁବସନ ପ୍ରାପ୍ତି ଏବଂ ଲକ୍ଷ୍ମୀଙ୍କର କୃପା ଆପଣଙ୍କ ଉପରେ ରହିବ । ଚାଲିଚଳନ, ବ୍ୟବହାର ମାର୍ଜିତ ଓ ସର୍ବଜନ ଆଦୃତହେବଏବଂ ସମସ୍ତଙ୍କର ପ୍ରଶଂସା ଭାଜନ ହେବେ ।

**କୁମ୍ଭ:** ଦ୍ୱାଦଶଚନ୍ଦ୍ର ଯୋଗୁ ଅଥା ଖର୍ଚ୍ଚ, ବୃଥା ଭ୍ରମଣଲାଗି ରହିବ ଏବଂ ଖର୍ଚ୍ଚ ଭାରରେ ଅତିଷ୍ଠହୋଇ ଋଣ କରିବାକୁ ପଡ଼ିପାରେ । ମନରେ ଅସ୍ଥିରତା, ସମସ୍ତକର୍ମରେ ବ୍ୟତିକ୍ରମ ଏବଂ ଆଳସ୍ୟତା ଭାବ ବୃଦ୍ଧି ପାଇବ ।

**ମୀନ:** ଏକାଦଶଚନ୍ଦ୍ର ସକାଳ ୭ଟା ୫୬ ମିନିଟ୍‌ପରେ ଏକାଦଶୀତିଥି ଓ ଚନ୍ଦ୍ରଉଭୟଙ୍କ ନକ୍ଷତ୍ର ଭୋଗ ହେଉଥିବାରୁ ମୂଲ୍ୟବାନ ଧାତୁ, ଭୂମି ଆଦିକ୍ରୟ କରିପାରନ୍ତି କିମ୍ବା ନୂତନ ଭୂମିପୂଜା, ଗୃହପ୍ରତିଷ୍ଠାଏବଂ ଗୃହାରମ୍ଭ ଆଦି କରିପାରନ୍ତି । ଧନ, ସମ୍ପଦ ବୃଦ୍ଧିପାଇବ ଏବଂ ଅନ୍ୟକୁ ଦେଇଥିବା ଧନ ଫେରିପାଇବେ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଅତି ଉତ୍ତମ ହେବ ।

ମାତୃଭାଷା



# ଭାଇରାଲ୍ ଫିଭର୍ ହୋଇଛି କି ?



**ଲୋକେ ପ୍ରାୟତଃ ଏହା ଋତୁ ପରିବର୍ତ୍ତନ ଜନିତ ସଂକ୍ରମଣ ବା ଭାଇରାଲ୍ ଫିଭର ବୋଲି ଧରି ନିଅନ୍ତି । ଏବଂ ଏହାକୁ ଅଣଦେଖା କରନ୍ତି, ଯାହା ଠିକ୍ ନୁହେଁ । ଏହି ସମୟରେ, କେବଳ ଔଷଧ ନୁହେଁ ବରଂ ଏକ ହେଲଦି ଡାଏଟ୍ ମଧ ଜରୁରୀ । ଯାହା ଶୀଘ୍ର ଆରୋଗ୍ୟ କରିବାରେ ସାହାଯ୍ୟ କରି ପାରିବ । ଯଦି ଆପଣ ମଧ ଋତୁକାଳୀନ ଫ୍ଲୁରେ ପୀଡିତ, ତେବେ ଆପଣଙ୍କ ଖାଦ୍ୟରେ କିଛି ସରଳ ଏବଂ ସୁସ୍ଥ ଖାଦ୍ୟ ସାମିଲ କରନ୍ତୁ ।**

ପାଗ ପରିବର୍ତ୍ତନ ହେବା ସହିତ, ଅନେକ ଲୋକ ଋତୁକାଳୀନ ସଂକ୍ରମଣରେ ପୀଡିତ ହୁଅନ୍ତି । ଏହା ଜ୍ୱର, ଥଣ୍ଡା, କାଶ, ଗଳା ଯନ୍ତ୍ରଣା, ଶରୀର ଯନ୍ତ୍ରଣା ଏବଂ ଦୁର୍ବଳତା ଭଳି ଲକ୍ଷଣ ସୃଷ୍ଟି କରିପାରେ । ଲୋକେ ପ୍ରାୟତଃ ଏହା ଋତୁ ପରିବର୍ତ୍ତନ ଜନିତ ସଂକ୍ରମଣ ବା ଭାଇରାଲ୍ ଫିଭର ବୋଲି ଧରି ନିଅନ୍ତି । ଏବଂ ଏହାକୁ ଅଣଦେଖା କରନ୍ତି, ଯାହା ଠିକ୍ ନୁହେଁ । ଏହି ସମୟରେ, କେବଳ ଔଷଧ ନୁହେଁ ବରଂ ଏକ ହେଲଦି ଡାଏଟ୍ ମଧ ଜରୁରୀ । ଯାହା ଶୀଘ୍ର ଆରୋଗ୍ୟ କରିବାରେ ସାହାଯ୍ୟ କରି ପାରିବ । ଯଦି ଆପଣ ମଧ ଋତୁକାଳୀନ ଫ୍ଲୁରେ ପୀଡିତ, ତେବେ ଆପଣଙ୍କ ଖାଦ୍ୟରେ କିଛି ସରଳ ଏବଂ ସୁସ୍ଥ ଖାଦ୍ୟ ସାମିଲ କରନ୍ତୁ ।

**ଡିହାଇଡ୍ରେସନ୍ ଏଡାନ୍ତୁ**

ପାଗ ପରିବର୍ତ୍ତନ ସମୟରେ ଶରୀରରେ ପାଣିର କମି ହୋଇ ପାରେ । ଯାହା ଡିହାଇଡ୍ରେସନ୍ ସୃଷ୍ଟି କରି ପାରେ । ତେଣୁ, ଦିନସାରା ଅଳ୍ପ ଅଳ୍ପ ପାଣି ପିଇବାର ଅଭ୍ୟାସ ଜାରି ରଖନ୍ତୁ । ନଡ଼ିଆ ପାଣି, ଲେମ୍ବୁ ପାଣି, ସୁପ୍ ଏବଂ ଗରମ ହର୍ବାଲ ଡ୍ରିଙ୍କସ୍ ନେଇ ପାରିବେ । ଏହା ଶରୀରକୁ ହାଇଡ୍ରେଟ୍ ରଖିବାରେ ସାହାଯ୍ୟ କରେ ଏବଂ ଶରୀରର ଦୁର୍ବଳତା କମ୍ କରେ ।

**ହାଲୁକା ଏବଂ ପୁଷ୍ଟିକର ଖାଦ୍ୟ ଖାଆନ୍ତୁ**

ଭାଇରାଲ୍ ସଂକ୍ରମଣ ସମୟରେ,ଫାଷ୍ଟଫୁଡ କିମ୍ବା ଅଧିକ ଚଟପଟା ଖାଦ୍ୟ ଖାଇବାରୁ ଦୁରେଇ ରୁହନ୍ତୁ । ଏହା ବଦଳରେ, ଖିଚଡି, ଦଲିଆ, ମୁଗ ଡାଲି, ସାଦା ରୋଟି ଏବଂ ସିଝା ପନିପରିବା,ସନ୍ତୁଳା ଆଦି ଖାଆନ୍ତୁ । ଏହି ଖାଦ୍ୟ ଗୁଡ଼ିକ ସହଜରେ ହଜମ ହୁଏ ଏବଂ ଶରୀରକୁ ଆବଶ୍ୟକୀୟ ପୋଷକ ତତ୍ତ୍ୱ ଯୋଗାଇଥାଏ । ଏହା ରୋଗକୁ ରୋକିବାରେ ମଧ ସାହାଯ୍ୟ କରେ ।

**ଡାଏଟରେ ଫଳ ଓ ପନିପରିବା ସାମିଲ କରନ୍ତୁ**

କମଳା, ମୌସୁମୀ, କିୱି ଏବଂ ଅମୃତଭଣ୍ଡା ଭଳି ଫଳ ଶରୀରକୁ ଭିଟାମିନ୍ ସି ପ୍ରଦାନ କରେ । ଏଥିରେ ରୋଗ ପ୍ରତିରୋଧକ କ୍ଷମତା ଥାଏ । ଯାହା ଶରୀରକୁ ରୋଗ ସହ ଲଢିବାରେ ସାହାଯ୍ୟ କରେ । ସାଥିରେ ପାଳଙ୍ଗ, ଗାଜର, ଟମାଟୋ ଏବଂ କ୍ୟାପିସମ୍ ଭଳି ପନିପରିବା ମଧ ଲାଭଦାୟକ ବୋଲି ବିବେଚନା କରାଯାଏ ।

**ଗରମ ସୁପ୍ ଏବଂ କାଢା ପିଅନ୍ତୁ**

ଯଦି ଆପଣଙ୍କର ଗଳା ଯନ୍ତ୍ରଣା କିମ୍ବା ନାକ ବନ୍ଦ ଅଛି, ତେବେ ଗରମ ପନିପରିବାର ସୁପ୍ ପିଅନ୍ତୁ । ଅଦା, ତୁଳସୀ ଏବଂ କଳା ଗୋଲମରିଚ ସହିତ ତିଆରି ଏକ ହାଲୁକା କାଢା ମଧ ପିଇ ପାରିବେ, ଯାହା ଆରାମ ଦେଇପାରେ । ଆବଶ୍ୟକତା ଠାରୁ ଅଧିକ ପିଅନ୍ତୁ ନାହିଁ । ଏହା ପେଟ ଗରମ ମଧ କରିପାରେ ।

**ପ୍ରୋଟିନ୍ ଯୁକ୍ତ ଖାଦ୍ୟ ଖାଆନ୍ତୁ**

ଫଭର ବେଳେ ଶରୀରକୁ ଶକ୍ତିର ଆବଶ୍ୟକତା ପଡ଼ିଥାଏ । ତେଣୁ, ଆପଣଙ୍କ ଖାଦ୍ୟରେ ଡାଲି, ପନିର, ଦହି, କ୍ଷୀର, ଅଣ୍ଡା କିମ୍ବା ସୋୟାବିନ ଭଳି ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ଏହା ଶରୀରକୁ ଶୀଘ୍ର ସୁସ୍ଥ କରିବାରେ ସାହାଯ୍ୟ କରେ ।

**ଫ୍ଲୁ ସମୟରେ କଣ ସବୁ ଏଡାଇବେ**

ଥଣ୍ଡା ପାନୀୟ, ଜଙ୍କଫୁଡ୍, ଅତ୍ୟଧିକ ମିଠା ଏବଂ ଫାଷ୍ଟଫୁଡ୍ ଖାଆନ୍ତୁ ନାହିଁ । ଏଗୁଡ଼ିକ ଆପଣଙ୍କ ଶରୀରର ସୁସ୍ଥତାକୁ ଧୀର କରି ପାରେ । ପର୍ଯ୍ୟାପ୍ତ ବିଶ୍ରାମ ନିଅନ୍ତୁ ଏବଂ ଡାକ୍ତରଙ୍କ ଦ୍ୱାରା ନିର୍ଦ୍ଦେଶିତ ଔଷଧ ଖାଆନ୍ତୁ । ଭାଇରାଲ୍ ଫେଭର ପାଇଁ ଉପଯୁକ୍ତ ଖାଦ୍ୟ, ପ୍ରଚୁର ପାଣି, ଭଲ ନିଦ ଏବଂ ବିଶ୍ରାମ ଅତ୍ୟନ୍ତ ଜରୁରୀ । ଯଦି ଉଚ୍ଚ ଜ୍ୱର ଅନେକ ଦିନ ଧରି ଲାଗି ରହେ, କିମ୍ବା ଆପଣଙ୍କ ଅବସ୍ଥା ଆହୁରି ଖରାପ ହୁଏ, ତେବେ ତୁରନ୍ତ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ ।

# ବୃଦ୍ଧ ବୟସରେ ଭୁଲିବା ରୋଗ ପାଇଁ ଯୁବା ବୟସରେ ମଧୁମେହ ସବୁଠାରୁ ବଡ଼ କାରଣ !



ଭାରତ ଦୀର୍ଘ ଦିନ ଧରି ମଧୁମେହ ରୋଗରେ ଆଗରେ ରହିଆସିଛି । ଏହାର ଏକ ପ୍ରମୁଖ କାରଣ ହେଉଛି ଲୋକଙ୍କ ଅନିୟମିତ ଜୀବନଶୈଳୀ । ସେହିପରି, ଡିମେନ୍ସିଆର ବର୍ଦ୍ଧିତ ମାମଲାଗୁଡ଼ିକ କମ୍ ଚିନ୍ତାର ବିଷୟ ନୁହେଁ । ସ୍ମୃତି ହ୍ରାସ, ଚିନ୍ତା କ୍ଷମତା ହ୍ରାସ ଏବଂ ସଠିକ୍ ଶବ୍ଦ ବ୍ୟବହାର କରିବାରେ ଅସମର୍ଥତା ହେଉଛି ଡିମେନ୍ସିଆର ଲକ୍ଷଣ ଯାହା ବୟସ ସହିତ ଅଧିକ ହୋଇଥାଏ । ଏକ ସାମ୍ପ୍ରତିକ ଅଧ୍ୟୟନରୁ ମଧୁମେହ ଏବଂ ଡିମେନ୍ସିଆ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରକାଶ ପାଇଛି ଏବଂ ଅନ୍ୟାନ୍ୟ କାରଣଗୁଡ଼ିକୁ ମଧ ଆଲୋକିତ କରିଛି । ଯୁବା ବୟସରେ ମଧୁମେହ ଡିମେନ୍ସିଆର ଏକ ପ୍ରମୁଖ କାରଣ ।

ଏହି ଅଧ୍ୟୟନରୁ ଜଣାପଡୁଛି ଯେ ଭାରତରେ ଡିମେନ୍ସିଆର ଏକ ପ୍ରମୁଖ କାରଣ ହେଉଛି ଯୁବା ବୟସରେ ଥିବା ମଧୁମେହ ରୋଗ । ଏହା ସହିତ, ଅନ୍ୟାନ୍ୟ ବିପଦ କାରଣଗୁଡ଼ିକ ମଧ୍ୟରେ ଶ୍ରବଣ ଶକ୍ତି ହ୍ରାସ, ନିଷ୍କ୍ରିୟତା ଏବଂ କୁପୋଷଣ ଅନ୍ତର୍ଭୁକ୍ତ । ଏହା ଧ୍ୟାନ ଦେବା ଗୁରୁତ୍ୱପୂର୍ଣ୍ଣ ଯେ ଏହି କାରଣଗୁଡ଼ିକ ଅପରିବର୍ତ୍ତନୀୟ ନୁହେଁ ।

ଡିମେନ୍ସିଆ ଉପରେ ୨୫ ବର୍ଷର ତଥ୍ୟ ସମୀକ୍ଷା କରି ଏକ ଅଧ୍ୟୟନରେ ଏହି ସୂଚନା ପ୍ରକାଶ ପାଇଛି । ଆମେରିକାର ରୁଟଗର୍ସ ବିଶ୍ୱବିଦ୍ୟାଳୟର ଗବେଷକଙ୍କ ନେତୃତ୍ୱରେ, ଦଳ ୨୦୦୦ ରୁ ୨୦୨୫ ମଧ୍ୟରେ ଭାରତୀୟ ଜନସଂଖ୍ୟା ଉପରେ ଭାରତରେ ଡିମେନ୍ସିଆ ଗବେଷଣାର ବର୍ତ୍ତମାନର ସ୍ଥିତି ମୂଲ୍ୟାଙ୍କନ କରିବା ପାଇଁ ଗବେଷଣା ସମୀକ୍ଷା କରିଥିଲେ । ସେମାନେ ଉଲ୍ଲେଖ କରିଥିଲେ ଯେ ଗ୍ରାମାଞ୍ଚଳରେ ମଧ ଡିମେନ୍ସିଆର ଉଚ୍ଚ ହାର ପରିଲକ୍ଷିତ ହୋଉଛି । କାରଣ ସେମାନେ ଉଚିତ୍ ସତର୍କତା ଅବଲମ୍ବନ କରୁନାହାଁନ୍ତି । ତେଣୁ ଯଦି ସଠିକ ଜୀବନଶୈଳୀ ଅନୁକରଣ କରାଯାଏ, ତେବେ ଯୁବାବସ୍ଥାରେ ମଧୁମେହ ରୋଗ ସହ ବୃଦ୍ଧାବସ୍ଥାରେ ଭୁଲିବା ରୋଗକୁ କମାଯାଇପାରିବ ।

# ବେକରେ ପରଫ୍ୟୁମ୍ ଲଗାଉଛନ୍ତି କି ?

ପରଫ୍ୟୁମର ସୁଗନ୍ଧ ଲୋକଙ୍କୁ ବେଶ୍ ପସନ୍ଦ ଆସେ ଏବଂ ଏହାକୁ ପ୍ରତିଦିନ ବ୍ୟବହାର କରନ୍ତି । ଅଧିକାଂଶ ଲୋକଙ୍କୁ ସେମାନଙ୍କ ବେକ ପାଖରେ ପରଫ୍ୟୁମ ସ୍ପ୍ରେ କରିବାର ଦେଖାଯାଏ, କିନ୍ତୁ ଆପଣ ଜାଣନ୍ତି କି ଏହା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ କେତେ କ୍ଷତିକାରକ ? ପରଫ୍ୟୁମରେ ଯଥେଷ୍ଟ ପରିମାଣର ରାସାୟନିକ ପଦାର୍ଥ ଥାଏ, ଏବଂ ପ୍ରତିଦିନ - ବିଶେଷକରି ବେକରେ - ସେଗୁଡ଼ିକୁ ବ୍ୟବହାର କରିବା ଦ୍ୱାରା ଗମ୍ଭୀର ସ୍ୱାସ୍ଥ୍ୟ ବିପଦ ସୃଷ୍ଟି ହୋଇପାରେ । କେମ୍ବ୍ରିଜ ବିଶ୍ୱବିଦ୍ୟାଳୟର ପାଥୋଲୋଜି ବିଭାଗର ଜଣେ ପିଏଚଡି ଛାତ୍ରୀ ଏହି ବିଷୟରେ ଲୋକଙ୍କୁ ସତର୍କ କରାଇ ଏକ ଭିଡିଓ ସେୟାର କରିଛନ୍ତି ।

ଛାତ୍ରୀ ଜଣଙ୍କ ଇନଷ୍ଟାଗ୍ରାମରେ ଏକ ଚେତାବନୀ ଜାରି କରିଛନ୍ତି, ଲୋକମାନଙ୍କୁ ସେମାନଙ୍କ ବେକରେ ପରଫ୍ୟୁମ ସ୍ପ୍ରେ କରିବା ବନ୍ଦ କରିବାକୁ ଅନୁରୋଧ କରିଛନ୍ତି । ସେ ଦର୍ଶାଇଛନ୍ତି ଯେ ଆପଣ ହୁଏତ ଜାଣି ନଥିବେ ଯେ ସୁଗନ୍ଧ ମାଧ୍ୟମରେ ଶହ ଶହ କ୍ଷତିକାରକ ପଦାର୍ଥ ଆପଣଙ୍କ ଶରୀରରେ ପ୍ରବେଶ କରୁଛି । ବିପଦ ପରଫ୍ୟୁମରେ ବ୍ୟବହୃତ ଉପାଦାନଗୁଡ଼ିକରୁ ହୋଇଥାଏ - ଯେପରିକି ଫର୍ମାଲ୍ଡିହାଡ୍-ରିଲିଜିଂ ଏଜେଣ୍ଟ,



ଥାଲେଟ୍ସ ଏବଂ ଅସ୍ଥିର ଜୈବ ଯୌଗିକ ।

ଏଣ୍ଡୋକ୍ରାଇନ୍ ସିଷ୍ଟମ ଉପରେ ପ୍ରଭାବ ବ୍ୟାଖ୍ୟା କରି, କର୍କଟ ଗବେଷକ ଉଲ୍ଲେଖ କରିଛନ୍ତି ଯେ ଏହି ପଦାର୍ଥଗୁଡ଼ିକ ଆମର ହରମୋନଗୁଡ଼ିକୁ ଅବରୋଧ କରନ୍ତି । ଏହା ବ୍ୟତୀତ, ବିଭିନ୍ନ ଅଧ୍ୟୟନ ଏହାକୁ ବନ୍ଧ୍ୟାତ୍ୱ, ଶ୍ୱାସକ୍ରିୟା ସମସ୍ୟା ଏବଂ କର୍କଟ ରୋଗ ସହିତ ମଧ ଯୋଡ଼ିଛି । ପରଫ୍ୟୁମରେ କେବଳ ସୁଗନ୍ଧ ବିଷୟରେ ସୂଚନା ଦିଆଯାଏ, କିନ୍ତୁ ଏଥିରେ ଥିବା କ୍ଷତିକାରକ ପଦାର୍ଥକୁ ଲୁଚାଇ ରଖାଯାଏ ।

ପରଫ୍ୟୁମ୍ ବ୍ୟବହାର କରିବା ସମୟରେ କ'ଣ ସତର୍କତା ଅବଲମ୍ବନ କରିବା ଉଚିତ ?

ବେକରେ ପରଫ୍ୟୁମ୍ କାହିଁକି ଲଗାଇବା ଉଚିତ୍ ନୁହେଁ : ଏହା ନୁହେଁ ଯେ ପ୍ରତ୍ୟେକ ପରଫ୍ୟୁମ୍ କ୍ଷତିକାରକ କିମ୍ବା ପରଫ୍ୟୁମ୍ ବ୍ୟବହାର କରିବା ଦ୍ୱାରା ସିଧାସଳଖ ଏକ ନିର୍ଦ୍ଦିଷ୍ଟ ରୋଗ ହୁଏ; ତଥାପି, ଏହା ବୁଝିବା ଆବଶ୍ୟକ ଯେ ଏହାର ଦୁଇ କିମ୍ବା ତିନୋଟି ଗୁରୁତ୍ୱପୂର୍ଣ୍ଣ ପରୋକ୍ଷ କ୍ଷତି ସାମ୍ନାକୁ ଆସିଛି । ଏହାଦ୍ୱାରା ଦୁଇଟି ମୁଖ୍ୟ ସମସ୍ୟା ସୃଷ୍ଟି କରିପାରେ ।

ପ୍ରଥମତଃ, ଯେତେବେଳେ ଆମେ ପରଫ୍ୟୁମ୍ ସ୍ପ୍ରେ କରୁ, ଏହାଦ୍ୱାରା ନିଶ୍ୱାସ ସହ ଭିତରକୁ ଏପରି ଯୌଗିକ ଯାଇଥାଏ ଯାହା ସିଧା ଶରୀରକୁ ଯାଇଥାଏ, ଏହାଦ୍ୱାରା ଫୁସଫୁସ ଏବଂ ଚର୍ମ ଉଭୟକୁ ପ୍ରଭାବିତ କରି ଶରୀରକୁ କ୍ଷତି ପହଞ୍ଚାଇଥାଏ ।

ଦ୍ୱିତୀୟ ସମସ୍ୟା ହେଉଛି ଯେ ବେକ ଚାରିପାଖର ଚର୍ମ ବହୁତ ପତଳା । ବେକରେ ଯଥେଷ୍ଟ ରକ୍ତ ପ୍ରବାହ ହୁଏ, ଯାହା ସୁଗନ୍ଧ ଏବଂ ରାସାୟନିକ ପଦାର୍ଥଗୁଡ଼ିକୁ ଅଧିକ ଗଭୀର ଏବଂ ଦ୍ରୁତ ଗତିରେ ଶୋଷିତ ହୋଇ ସିଧାସଳଖ ରକ୍ତପ୍ରବାହରେ ପ୍ରବେଶ କରିପାରେ । ତେଣୁ, ବର୍ଷ ବର୍ଷ ଧରି ପ୍ରତିଦିନ ପରଫ୍ୟୁମ୍ ବ୍ୟବହାର କରିବା ପୂର୍ବରୁ ନିଶ୍ଚିତ ଭାବରେ ଦୁଇଥର ଚିନ୍ତା କରିବା ଉଚିତ ।

# ଜୁଆଣୀର ଚମତ୍କାରୀ ଗୁଣ

ବର୍ତ୍ତମାନର ବ୍ୟସ୍ତବହୁଳ ଲାଇଫ୍ ଷ୍ଟାଇଲ୍ ଲୋକଙ୍କୁ ଅନେକ ରୋଗରେ ପକାଉଛି । ଘରେ ଘରେ ଏବେ ପେଟ ଗ୍ୟାସ୍ ଓ ବଦହଜମୀ ଭଳି ସମସ୍ୟା ଦେଖିବାକୁ ମିଳୁଛି । ଯାହା ଏବେ ଏକ ସାଧାରଣ ସମସ୍ୟା ପାଲଟି ଗଲାଣି । ଫାଷ୍ଟଫୁଡ୍ ଓ ଜଙ୍କ ଫୁଡ ଖାଦ୍ୟର ଲୋଭ ଏସବୁ ସମସ୍ୟାର କାରଣ । ଏଥିପାଇଁ ମେଡିସିନ୍ ନଖାଇ ଏକ ଦେଶୀ ତରିକା ଆପଣାଇ ପାରିବେ । ଯାହା ଆମ ପ୍ରତ୍ୟକଙ୍କ ରୋଷେଇ ଘରେ ମହଜୁଦ୍ ଅଛି । ସେହିଭଳି ଏକ ଘରୋଇ ଉପଚାର ହେଉଛି ଜୁଆଣି ।

ଜୁଆଣିକୁ ସାଧାରଣତଃ ଆମେ ମସଲାରେ ବ୍ୟବହାର କରିଥାଉ । ଆଚାର ପ୍ରସ୍ତୁତିରେ ଜୁଆଣିର ରହିଛି ବଡ଼ ଭୂମିକା । ଏହା କେବଳ ରୋଷେଇ କାର୍ଯ୍ୟରେ ନୁହେଁ ବରଂ ଔଷଧ ଭାବରେ ମଧ କାମ କରେ । ଏହାକୁ ବ୍ୟବହାର କଲେ ଖାଦ୍ୟର ସାଦ ଦ୍ୱିଗୁଣିତ ହୋଇଥାଏ । ଜୁଆଣିରେ ଭରପୁର ମାତ୍ରାରେ ପୋଷଣ ରହିଛି । ଜୁଆଣି ପାଣି ପିଇବା ମଧ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥାଏ । ଆଖିକୁ ଛୋଟ ଦିଶୁଥିବା ଏହି ଜୁଆଣି ଅନେକ ଗମ୍ଭୀର ସମସ୍ୟାରୁ ମୁକ୍ତି ଦେଇଥାଏ । ତେଣୁ ଏହାକୁ ନିୟମିତ ଖାଇବା ଅତ୍ୟନ୍ତ ଲାଭଦାୟକ ହୋଇପାରେ । ଏବେ ଆସନ୍ତୁ ଜାଣିବା ଜୁଆଣୀ ଖାଇବା ଦ୍ୱାରା କେଉଁ ସବୁ ରୋଗରୁ ମୁକ୍ତି ମିଳେ । ଏବଂ ଏହା କେଉଁ ସବୁ ପୋଷକତତ୍ୱରେ ଭରପୁର ।

ଗ୍ୟାସ୍ ଓ ଏସିଡ଼ିଟିରୁ ମୁକ୍ତି ଦିଏ : ବଦହଜମୀ, ଗ୍ୟାସ,ଏସିଡିଟି ଓ ପେଟ ସମସ୍ୟାର ଅବ୍ୟର୍ଥ ଔଷଧ ହେଉଛି ଜୁଆଣୀ । ଏହାକୁ କେବଳ ପାଣିରେ ବତୁରାଇ ପିଇବା ଦ୍ୱାରା ଉପଶମ ମିଳିଥାଏ । ଯଦି ଅଧିକ ପେଟ ଖରାପ ତେବେ ଲୁଣ ସହ ଜୁଆଣୀ ମିଶାଇ ଚୋବାଇ ଖାଆନ୍ତୁ । ତୁରନ୍ତ ଆରାମ ମିଳିବ ।

ଶ୍ୱାସକ୍ରିୟା ସମସ୍ୟାରୁ ମୁକ୍ତି ଦିଏ : ଜୁଆଣୀରେ ଥାଇମଲ୍ ନାମକ ଏକ ତତ୍ତ୍ୱ ଥାଏ । ଯାହା ଆଣ୍ଟିବ୍ୟାକ୍ଟେରିଆଲ ଏବଂ ଆଣ୍ଟି ଇନଫ୍ଲେମେଣ୍ଟାରୀ ଗୁଣରେ ଭରପୁର ହୋଇ ରହିଛି । ଯଦି ଆପଣ ଥଣ୍ଡା, କାଶ, ନାକ ବନ୍ଦ ହୋଇଯାଏ କିମ୍ବା ଶ୍ୱାସରୋଗରେ ପୀଡିତ, ତେବେ ଆପଣ ଜୁଆଣି ଖାଇବା ଉଚିତ୍ ।

ଗଣ୍ଠି ଯନ୍ତ୍ରଣାରୁ ମୁକ୍ତି ଦିଏ : ବୟସ ବଢିବା ସହିତ ଆଣ୍ଠୁ ଓ ଗଣ୍ଠି ଯନ୍ତ୍ରଣା ଦେଖିବାକୁ ମିଳିଥାଏ । ଜୁଆଣୀରେ ପ୍ରଦାହ ବିରୋଧୀ ଗୁଣ ଥିବାରୁ ଏହା ଗଣ୍ଠି ଫୁଲା ଏବଂ ଯନ୍ତ୍ରଣା କମାଇବା ପାଇଁ ପ୍ରଭାବଶାଳୀ । ଏହି ସମସ୍ୟା ପାଇଁ ଜୁଆଣିର କାଢା କରି ପିଅନ୍ତୁ । ନଚେତ୍ ଜୁଆଣି ତେଲକୁ ଆଣ୍ଠୁ ଓ ଗଣ୍ଠି ଯନ୍ତ୍ରଣା ହେଉଥିବା ସ୍ଥାନରେ ମାସିଲ କରନ୍ତୁ । ଯାହା ତୁରନ୍ତ ଯନ୍ତ୍ରଣାରୁ ମୁକ୍ତି ଦେବ ।

ଓଜନ ହ୍ରାସ କରେ : ଯଦି ଆପଣ ଓଜନ ହ୍ରାସ କରିବାକୁ ଚେଷ୍ଟା କରୁଛନ୍ତି, ତେବେ ଏଥିପାଇଁ ଜୁଆଣୀ ଏକ ପ୍ରାକୃତିକ ଚର୍ବି ନଷ୍ଟକାରୀ ଭାବରେ କାର୍ଯ୍ୟ କରିପାରିବ । ସକାଳେ ଖାଲି ପେଟରେ ଉଷୁମ ଜୁଆଣି ପାଣି ପିଇବା ଦ୍ୱାରା ଆପଣଙ୍କର ମେଟାବୋଲିଜିମ୍ ବୃଦ୍ଧି ପାଇଥାଏ ।

ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରେ : ଜୁଆଣିରେ ଆଣ୍ଟିବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟିଫଙ୍ଗାଲ୍ ଗୁଣ ରହିଛି । ଯାହା ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ସୁଦୃଢ଼ କରିଥାଏ ଏବଂ ପରିବର୍ତ୍ତନଶୀଳ ପାଗ ଯୋଗୁଁ ହେଉଥିବା ବିଭିନ୍ନ ସଂକ୍ରମଣରୁ ରକ୍ଷା କରିଥାଏ ।

# ହୃତପିଣ୍ଡକୁ ଦୀର୍ଘ ଦିନ ଯାଏ ସୁସ୍ଥ ରଖିବା ପାଇଁ...

ହୃତପିଣ୍ଡ ଆମ ଶରୀରର ସବୁଠୁ ଜରୁରୀ ଅଙ୍ଗ ମଧ୍ୟରୁ ଗୋଟିଏ । ଏହା ପୂରା ଶରୀରରେ ରକ୍ତ ଓ ଅକ୍ସିଜେନ ପହଞ୍ଚିବା କାମ କରି ଥାଏ, ଯେଉଁଥିରେ ଶରୀରର ସବୁ ଅଙ୍ଗ ଠିକରେ କାମ କରି ପାରେ । ଆଜିକା ସମୟରେ ହୃତପିଣ୍ଡ ସମ୍ବନ୍ଧୀୟ ସମସ୍ୟା ଖୁବ୍ ଜୋରରେ ବଢିବାରେ ଲାଗିଛି । ଅନେକ ଲୋକ ହାର୍ଟର ସ୍ୱାସ୍ଥ୍ୟ ଉପରେ ସେତେବେଳେ ଧ୍ୟାନ ଦିଅନ୍ତି , ଯେତେବେଳେ କୌଣସି ସମସ୍ୟା ଆରମ୍ଭ ହୋଇ ଯାଏ । ସମୟ ପୂର୍ବରୁ ହାର୍ଟର ଯତ୍ନ ନେବା ଦ୍ୱାରା ଭବିଷ୍ୟତରେ ଅନେକ ସମସ୍ୟାର ଆଶଙ୍କାକୁ ହ୍ରାସ କରାଯାଇ ପାରେ ।

ହୃତପିଣ୍ଡକୁ ଦୀର୍ଘ ଦିନ ଯାଏ ସୁସ୍ଥ ରଖିବା ପାଇଁ ଦୈନିକ କିଛି କିଛି ଭଲ ଅଭ୍ୟାସ ଆପଣାଇବା ଜରୁରୀ । ଛୋଟ ଛୋଟ ଭଲ ଅଭ୍ୟାସ ଭବିଷ୍ୟତରେ ହାର୍ଟ ଆଟାକ୍, ହାର୍ଟ ଫେଲିୟର, କରୋନରୀ ଆର୍ଟେରୀ ଡିଜିଜ୍ ଓ ଷ୍ଟ୍ରୋକ୍ ଭଳି ଗୁରୁତର ସମସ୍ୟାର ଆଶଙ୍କା କମାଇବାରେ ସାହାଯ୍ୟ କରି ପାରେ । ଆସନ୍ତୁ ଜାଣିବା ହାର୍ଟର ସୁସ୍ଥତା ନେଇ କେଉଁ କେଉଁ ଅଭ୍ୟାସକୁ ଆପଣାଇବା ଉଚିତ୍ । କେଉଁ ଅଭ୍ୟାସରୁ ଦୂରେଇବା ଉଚିତ୍ ଏବଂ କେଉଁ କେଉଁ ଲକ୍ଷଣ ସବୁକୁ ଅଣଦେଖା କରିବା ଉଚିତ୍ ନୁହେଁ ।

**ହୃତପିଣ୍ଡକୁ ସୁସ୍ଥ ରଖିବା ପାଇଁ କେଉଁ କେଉଁ ଅଭ୍ୟାସ ଆପଣାଇବା ?**

ନ୍ୟାସନାଲ ହାର୍ଟ ,ଲଙ୍ଗ୍ ଆଣ୍ଡ ବ୍ଲଡ୍ ଇନଷ୍ଟିଟ୍ୟୁଟ୍ (ଏନଏଚଏଲବିଆଇ) ଅନୁସାରେ , ହାର୍ଟକୁ ସୁସ୍ଥ ରଖିବା ପାଇଁ ସନ୍ତୁଳିତ ଖାଦ୍ୟପେୟ ଓ ଭଲ ଲାଇଫଷ୍ଟାଇଲ୍ ଆପଣାଇବା ଜରୁରୀ । ଆପଣଙ୍କ ଖାଦ୍ୟରେ ଫଳ, ସବୁଜ ପନିପରିବା, ସମ୍ପୂର୍ଣ୍ଣ ଶସ୍ୟ, ଡାଲି, ବିନ୍ସ, ବାଦାମ, ବିହନ, କମ ଚର୍ବିଯୁକ୍ତ କ୍ଷୀର ଏବଂ ମାଛ ସାମିଲ କରନ୍ତୁ । ଏଥିରେ ଫାଇବର, ଭିଟାମିନ୍, ଖଣିଜ ପଦାର୍ଥ ଏବଂ ସୁସ୍ଥ ଚର୍ବି ମିଳିଥାଏ, ଯାହା ହାର୍ଟ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ମନେକରାଯାଏ ।

ଏହାସହ ପ୍ରତିଦିନ ଶାରୀରିକ ଆକ୍ଟିଭିଟି କରନ୍ତୁ , ପର୍ଯ୍ୟାପ୍ତ ପରିମାଣରେ ଶୁଅନ୍ତୁ ଏବଂ ନିଜର ଓଜନକୁ ସନ୍ତୁଳିତ ରଖିବାକୁ ଚେଷ୍ଟା କରନ୍ତୁ । ଯଦି ଆପଣଙ୍କ ହାଇ ବ୍ଲଡ୍ ପ୍ରେସର, ହାଇ କୋଲେଷ୍ଟ୍ରଲ କିମ୍ବା ଡାଇବେଟିସ ଅଛି, ତ ତାକୁ କଣ୍ଟ୍ରୋଲରେ ରଖିବା ମଧ ଜରୁରୀ । ସମୟ



ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ମଧ ଫଳପ୍ରଦ ହୋଇପାରେ । ଏହି ଛୋଟ ଛୋଟ ଅଭ୍ୟାସ ଦୀର୍ଘ୍ୟ ଦିନ ଯାଏ ହୃତପିଣ୍ଡକୁ ସୁସ୍ଥ ରଖିବାରେ ସାହାଯ୍ୟ କରି ପାରେ ।

**ହୃତପିଣ୍ଡକୁ ସୁସ୍ଥ ରଖିବା ପାଇଁ କେଉଁ କେଉଁ ଅଭ୍ୟାସକୁ ଦୂରେଇବା ?**

ହୃତପିଣ୍ଡର ସୁସ୍ଥତା ପାଇଁ ଧୂମପାନ ଓ ତମ୍ବାଖୁ ଠାରୁ ଦୂରେଇବା ଉଚିତ୍ । ବହୁତ ଅଧିକ ଲୁଣ, ଚିନି, ଭଜା ଏବଂ ପ୍ରକ୍ରିୟାକୃତ ଖାଦ୍ୟର ଅତ୍ୟଧିକ ବ୍ୟବହାର ଠାରୁ ଦୂରେଇ ରୁହନ୍ତୁ । ଅଧିକ ସମୟ ପର୍ଯ୍ୟନ୍ତ ଗୋଟିଏ ସ୍ଥାନରେ ବସି ରହିବାର ଅଭ୍ୟାସ ମଧ ହାର୍ଟର ସ୍ୱାସ୍ଥ୍ୟ ପାଇଁ ଉତ୍ତମ ବିବେଚନା କରାଯାଏ ନାହିଁ ।

ଯଦି ମଦ୍ୟପାନ କରୁଛନ୍ତି, ତ ଏହାର ମାତ୍ରାକୁ ସୀମିତ ରଖନ୍ତୁ କିମ୍ବା ଏଥିରୁ ଦୂରେଇ ରୁହନ୍ତୁ । ଏହା ବ୍ୟତୀତ, ଲଗାତାର ଚିନ୍ତାଗ୍ରସ୍ତ ହେବା ଓ ପୂରା ନିଦ୍ରା ଯିବା ମଧ ହାର୍ଟ ଉପରେ ପ୍ରଭାବ ପକାଇ ପାରେ । ସୁସ୍ଥ ହାର୍ଟ ପାଇଁ ଭଲ ଜୀବନଶୈଳୀ ଆପଣାଇବା ଓ ଦୈନନ୍ଦିନର ଅଭ୍ୟାସ ଗୁଡ଼ିକ ଉପରେ ଧ୍ୟାନ ଦେବା ଆବଶ୍ୟକ ।

**କେଉଁ କେଉଁ ଲକ୍ଷଣ ଗୁଡ଼ିକୁ ଅଣଦେଖା କରିବା ଉଚିତ୍ ?**

ଯଦି ଆପଣ ଛାତିରେ ଯନ୍ତ୍ରଣା, ଚାପ, କିମ୍ବା ଭାରୀପଣ ଅନୁଭବ କରୁଛନ୍ତି, ନିଃଶ୍ୱାସ ନେବାରେ କଷ୍ଟ ହେଉଛି, ବିନା ପରିଶ୍ରମରେ ଥକ୍କା ଅନୁଭବ କରିବା , ମୁଣ୍ଡ ବୁଲାଇବା, ଦ୍ରୁତ ଗତିରେ କିମ୍ବା ଅନିୟମିତ ହୃଦସ୍ପନ୍ଦନ, କିମ୍ବା ଆପଣଙ୍କ ଗୋଡ ଫୁଲିଯିବା ଦେଖାଯାଏ, ତେବେ ଏହି ଲକ୍ଷଣ ଗୁଡ଼ିକୁ ଅଣଦେଖା କରିବା ଉଚିତ୍ ନୁହେଁ । ଏଗୁଡ଼ିକ ହାର୍ଟ ସମ୍ବନ୍ଧୀୟ କୌଣସି ସମସ୍ୟାର ଲକ୍ଷଣ ହୋଇପାରେ । ଏମିତି ଲକ୍ଷଣ ଗୁଡ଼ିକୁ ଦେଖିବା କ୍ଷଣି, ବିଳମ୍ବ ନକରି ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ପ୍ରାରମ୍ଭିକ ରୋଗ ନିର୍ଣ୍ଣୟ ଏବଂ ଚିକିତ୍ସା ଗମ୍ଭୀର ଜଟିଳତାର ଆଶଙ୍କାକୁ ହ୍ରାସ କରିବାରେ ସାହାଯ୍ୟ କରିପାରିବ । ଉଚିତ ସମୟରେ ଯାଞ୍ଚ ଓ ଚିକିତ୍ସା କରାଇବା ଦ୍ୱାରା ଗୁରୁତର ସମସ୍ୟାର ଆଶଙ୍କାକୁ ହ୍ରାସ କରିବାରେ ସାହାଯ୍ୟ ମିଳି ପାରେ ।

# ବାରମ୍ବାର ହାତ ଧୋଇବା ଜରୁରୀ

**ହାତ ଧୋଇବା ଏକ ଛୋଟ ଅଭ୍ୟାସ, କିନ୍ତୁ ଏହା ଆମ ସ୍ୱାସ୍ଥ୍ୟ ଉପରେ ଏକ ବଡ଼ ପ୍ରଭାବ ପକାଇ ପାରେ । କେବଳ ପାଣିରେ ହାତ ଧୋଇବା ଯଥେଷ୍ଟ ନୁହେଁ । ଏହାକୁ ଠିକ୍ ଭାବରେ ଧୋଇବା ମଧ ଜରୁରୀ । ହାତ ଧୋଇବାର ସଠିକ୍ ଉପାୟ ଜାଣିବା ଦ୍ୱାରା ସଂକ୍ରମଣ ବ୍ୟାପିବାର ଆଶଙ୍କା କମ୍ ହୁଏ । ଏହି ଅଭ୍ୟାସ କେବଳ ଆପଣଙ୍କୁ ନୁହେଁ ବରଂ ଆପଣଙ୍କ ପରିବାର ଏବଂ ଆପଣଙ୍କ ଆଖପାଖରେ ଥିବା ଲୋକଙ୍କୁ ଅନେକ ରୋଗରୁ ରକ୍ଷା କରିବାରେ ସାହାଯ୍ୟ କରିପାରିବ ।**



ଦୈନନ୍ଦିନର ବ୍ୟସ୍ତବହୁଳତା ଜୀବନ ମଧ୍ୟରେ, ଅନେକ ଲୋକ ହାତ ଧୋଇବାକୁ ଅବହେଳା କରନ୍ତି । ଏହି ଛୋଟ ଅବହେଳା ସଂକ୍ରମଣ ଏବଂ ଅନେକ ରୋଗର କାରଣ ହୋଇପାରେ । ଆମେ ଦିନସାରା ସବୁଠାରୁ ଅଧିକ ହାତର ବ୍ୟବହାର କରୁ । ମୋବାଇଲ୍ ବ୍ୟବହାର କରିବା, ଟଙ୍କା ନେଣ-ଦେଣ କରିବା, କବାଟ ଓ ଝରକା ଖୋଲିବା, ସାର୍ବଜନୀନ ସ୍ଥାନରେ କିଛି ବି ଜିନିଷ ଛୁଇଁବା ଏବଂ ଅନ୍ୟାନ୍ୟ କାର୍ଯ୍ୟ କରିବା ସମୟରେ, ଆମର ହାତ ବିଭିନ୍ନ ସ୍ଥାନ ସଂସ୍ପର୍ଶରେ ଆସିଥାଏ । ତେଣୁ, ବ୍ୟାକ୍ଟେରିଆ, ଭାଇରସ ଏବଂ ଅନ୍ୟାନ୍ୟ ଜୀବାଣୁ ସହଜରେ ଆମ ହାତରେ ଲାଗି ଥାଇ ପାରନ୍ତି । ଯଦି ଆମେ ସେହି ମଇଳା ହାତରେ ଆଖି, ନାକ କିମ୍ବା ମୁହଁ ଛୁଇଁବା, ଓ ହାତ ନ ଧୋଇ ଖାଇବା, ତେବେ ଏହି ଜୀବାଣୁ ଆମ ଶରୀରରେ ପ୍ରବେଶ କରିପାରିବେ । ଏହା ଥଣ୍ଡା, ଫ୍ଲୁ, ଡାଇରିଆ, ଫୁଡ ପଏଜନିଂ, ପେଟ ସଂକ୍ରମଣ ଏବଂ ଅନେକ ସଂକ୍ରାମକ ରୋଗର ଆଶଙ୍କା ବଢ଼ାଇ ଦେଇ ପାରେ । ତେଣୁ, ହାତର ପରିଚ୍ଛନ୍ନତା ବଜାୟ ରଖିବା ଅତ୍ୟନ୍ତ ଜରୁରୀ ।

ହାତ ଧୋଇବା ଏକ ଛୋଟ ଅଭ୍ୟାସ, କିନ୍ତୁ ଏହା ଆମ ସ୍ୱାସ୍ଥ୍ୟ ଉପରେ ଏକ ବଡ଼ ପ୍ରଭାବ ପକାଇ ପାରେ । କେବଳ ପାଣିରେ ହାତ ଧୋଇବା ଯଥେଷ୍ଟ ନୁହେଁ । ଏହାକୁ ଠିକ୍ ଭାବରେ ଧୋଇବା ମଧ ଜରୁରୀ । ହାତ ଧୋଇବାର ସଠିକ୍ ଉପାୟ ଜାଣିବା ଦ୍ୱାରା ସଂକ୍ରମଣ ବ୍ୟାପିବାର ଆଶଙ୍କା କମ୍ ହୁଏ । ଏହି ଅଭ୍ୟାସ କେବଳ ଆପଣଙ୍କୁ ନୁହେଁ ବରଂ ଆପଣଙ୍କ ପରିବାର ଏବଂ ଆପଣଙ୍କ ଆଖପାଖରେ ଥିବା ଲୋକଙ୍କୁ ଅନେକ ରୋଗରୁ ରକ୍ଷା କରିବାରେ ସାହାଯ୍ୟ କରିପାରିବ । ଆସନ୍ତୁ ଜାଣିବା ହାତ ଧୋଇବାର ସଠିକ୍ ଉପାୟ ଏବଂ କେଉଁ ସମୟରେ ହାତ ଧୋଇବା ଗୁରୁତ୍ୱପୂର୍ଣ୍ଣ ।

ହାତ ଧୋଇବାର ସଠିକ୍ ଉପାୟ କ'ଣ ?

ରୋଗ ନିୟନ୍ତ୍ରଣ ଏବଂ ନିବାରଣ କେନ୍ଦ୍ର (ସିଡିସି) ଅନୁଯାୟୀ, ପ୍ରଥମେ ଆପଣଙ୍କ ହାତକୁ ସଫା ପାଣିରେ ଓଦା କରନ୍ତୁ । ତା'ପରେ, ସାବୁନ ଲଗାନ୍ତୁ ଏବଂ ଉଭୟ ପାପୁଲିରେ, ଆପଣଙ୍କ ହାତର ପଛପଟେ, ଆପଣଙ୍କ ଆଙ୍ଗୁଠିକୁ ଭଲ ଭାବରେ ଘଷନ୍ତୁ । ଅତି କମରେ ୨୦ ସେକେଣ୍ଡ ପାଇଁ ଆପଣଙ୍କ ହାତକୁ ଧୁଅନ୍ତୁ । ତା'ପରେ, ଆପଣଙ୍କ ହାତକୁ ସଫା ପାଣିରେ ଭଲ ଭାବରେ ଧୋଇ ଦିଅନ୍ତୁ ଏବଂ ଏକ ସଫା ତଉଲିଆ କିମ୍ବା ଏୟାର ଡ୍ରାୟର୍ ସାହାଯ୍ୟରେ ଶୁଖାନ୍ତୁ ।

ଯଦି ସେହି ସମୟରେ ସାବୁନ ଏବଂ ପାଣି ଉପଲବ୍ଧ ନଥାଏ, ତେବେ ଅତି କମରେ ୬୦% ଆଲକୋହଲ ଯୁକ୍ତ ହ୍ୟାଣ୍ଡ ସାନିଟାଇଜର ବ୍ୟବହାର କରା ଯାଇ ପାରିବ । ସାନିଟାଇଜରକୁ ଆପଣଙ୍କ ହାତରେ ଲଗାନ୍ତୁ ଏବଂ ହାତ ଶୁଖିବା ପର୍ଯ୍ୟନ୍ତ ଘଷନ୍ତୁ । ଯଦି ହାତରେ ମଇଳା ଅଛି, କିମ୍ବା ହାତ ତେଲିଆ ଲାଗୁଛି ତେବେ ସାବୁନ ଏବଂ ପାଣିରେ ଧୋଇବା ସର୍ବୋତ୍ତମ ବୋଲି ବିବେଚନା କରାଯାଏ ।

ସିଡିସି ଅନୁଯାୟୀ, ଖାଦ୍ୟ ପ୍ରସ୍ତୁତ କରିବା ପୂର୍ବରୁ, ଖାଇବା ପୂର୍ବରୁ ଏବଂ ଖାଦ୍ୟ ପ୍ରସ୍ତୁତ କରିବା ପରେ ହାତ ଧୋଇବା ଉଚିତ । ଶୌଚାଳୟ ବ୍ୟବହାର କରିବା ପରେ, ଶିଶୁର ଡାଇପର ବଦଳାଇବା ପରେ ଏବଂ ଅସୁସ୍ଥ ବ୍ୟକ୍ତିଙ୍କ ଯତ୍ନ ନେବା ପୂର୍ବରୁ ଏବଂ ପରେ ହାତ ପରିଚ୍ଛନ୍ନତା ଗୁରୁତ୍ୱପୂର୍ଣ୍ଣ । ଏହା ଛଡ଼ା, କାଶିବା, ଛିଙ୍କିବା, ନାକ ସଫା କରିବା ପୂର୍ବରୁ ଓ ପରେ, ଅଳିଆ ଆବର୍ଜନା ଫୋପାଡ଼ିବା ପରେ, ପଶୁ ପକ୍ଷୀଙ୍କୁ ଧରିବା ପରେ କିମ୍ବା ସେମାନଙ୍କୁ ଖାଦ୍ୟ ଦେବା ପୂର୍ବରୁ ଓ ପରେ ହାତ ଧୋଇବା ଜରୁରୀ ।

ସେହିପରି ଶରୀରରେ କୌଣସି କ୍ଷତ ହୋଇଥିଲେ ଏହାକୁ ଡ୍ରେସିଂ କରିବା ପୂର୍ବରୁ ଓ ପରେ ଧୋଇବା ଉଚିତ । ଏହି ସମୟରେ ହାତ ସଫା ରଖିବା ଅତନ୍ତ୍ୟ ଜରୁରୀ କାରଣ ଏହା ଦ୍ୱାରା ସଂକ୍ରମଣ ବ୍ୟାପିବାର ଆଶଙ୍କା ହ୍ରାସ ହୋଇଥାଏ । ଶରୀର ସୁସ୍ଥ ରହିଥାଏ ।

ମାତୃଭାଷା



# ରାଷ୍ଟ୍ରପତିଙ୍କ ଗଞ୍ଜାମ ଗସ୍ତ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି

## ମାନ୍ୟବର ରାଷ୍ଟ୍ରପତିଙ୍କ ଗଞ୍ଜାମ ଆଗମନ ଜିଲ୍ଲାବାସୀଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ : ଜିଲ୍ଲାପାଳ

**ବ୍ରହ୍ମପୁର,(ମାନିସ):** ମାନ୍ୟବର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଚଳିତ ମାସ ୪ ଓ ୫ ତାରିଖରେ ଗଞ୍ଜାମ ଜିଲ୍ଲା ଗସ୍ତରେ ଆସୁଥିବା ପରିପ୍ରେକ୍ଷୀରେ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମାନ୍ୟବର ରାଷ୍ଟ୍ରପତିଙ୍କ ବ୍ରହ୍ମପୁର ରେଳ ଷ୍ଟେସନରେ ପହଞ୍ଚିବା ଠାରୁ ଆରମ୍ଭ କରି ପ୍ରତ୍ୟାବର୍ତ୍ତନ ପର୍ଯ୍ୟନ୍ତ ସମସ୍ତ ପ୍ରସ୍ତୁତି ଓ ବ୍ୟବସ୍ଥାର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରାଯାଇଥିଲା।

ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ କହିଥିଲେ ଯେ, ମାନ୍ୟବର ରାଷ୍ଟ୍ରପତିଙ୍କ ଗଞ୍ଜାମ ଆଗମନ ଜିଲ୍ଲାବାସୀ ଏବଂ ଜିଲ୍ଲା ପ୍ରଶାସନ ପାଇଁ ଗର୍ବ ଓ ଗୌରବର ବିଷୟ। ନିର୍ଦ୍ଧାରିତ ପ୍ରୋଟୋକଲ ଅନୁଯାୟୀ ସମସ୍ତ ପ୍ରସ୍ତୁତି ଜାରି ରହିଥିବା ବେଳେ ଖୁବ୍ ଶୀଘ୍ର ପୂର୍ଣ୍ଣାଙ୍ଗ ରିହର୍ସାଲ ଅନୁଷ୍ଠିତ ହେବ। ମାନ୍ୟବର ରାଷ୍ଟ୍ରପତି ଏବଂ ଅନ୍ୟାନ୍ୟ ବିଶିଷ୍ଟ ଅତିଥିମାନେ ଯେଉଁ ରୁଟ୍ ?ରେ ଯାତାୟାତ କରିବେ, ସେହି ରାସ୍ତାର ପରିଷ୍କାର-ପରିଚ୍ଛନ୍ନତା, ରାସ୍ତାକଡ଼ ଜବରଦଖଲ ଉଚ୍ଛେଦ, ଅସ୍ଥାୟୀ ଭେଣ୍ଡିଂ ଦୋକାନଗୁଡ଼ିକର ସ୍ଥାନାନ୍ତରଣ ଆଦି ଉପରେ ଜିଲ୍ଲାପାଳ ବିଶେଷ ଗୁରୁତ୍ୱ ଦେବା ସହ ଏଥିପାଇଁ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି। ମାନ୍ୟବର ରାଷ୍ଟ୍ରପତିଙ୍କ ସହ ମାନ୍ୟବର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମ୍ଭାବ୍ୟ ଗସ୍ତକୁ ଦୃଷ୍ଟିରେ ରଖି ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ନେଇ ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକ ଡା ଶ୍ରବଣା ବିବେକ ଏମ୍. ଏବଂ ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ ହରିଶ ବିଶି ସୂଚନା ଦେଇଥିଲେ। ଖୁବ୍ ଶୀଘ୍ର ଟ୍ରାଫିକ୍ ଆଡଭାଇଜରୀ ଜାରି କରାଯିବ ବୋଲି ମଧ୍ୟ ସେମାନେ କହିଥିଲେ। ଜିଲ୍ଲାପାଳ ବିଭିନ୍ନ ବିଭାଗକୁ ନ୍ୟସ୍ତ ଦାୟିତ୍ୱଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ସମ୍ପନ୍ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

**ବିଭାଗ ଅନୁଯାୟୀ ନ୍ୟସ୍ତ ଦାୟିତ୍ୱ ଯୁଦ୍ଧକାଳୀନ ଭିତ୍ତିରେ ସମ୍ପନ୍ନ କରିବାକୁ ନିର୍ଦ୍ଦେଶ**




ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ମାନ୍ୟବର ରାଷ୍ଟ୍ରପତି ୪ ତାରିଖ ପୂର୍ବାହ୍ନ ପ୍ରାୟ ୧୧ଟା ୧୦ ମିନିଟ ସମୟରେ ବ୍ରହ୍ମପୁର ରେଳ ଷ୍ଟେସନରେ ପହଞ୍ଚିବେ। ସେଠାରୁ ତପ୍ତପାଣି ଅଭିମୁଖେ ଯାତ୍ରା କରି ଅପରାହ୍ନ ପ୍ରାୟ ୩ଟା ୧୦ ମିନିଟ ସମୟରେ ମା' କନ୍ଧୁଣୀ ଦେବୀଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିବେ। ପୂଜାର୍ଚ୍ଚନା ପରେ ସେ ଆର୍ମି ଏଡି କଲେଜରେ ରାତ୍ରିଯାପନ କରିବେ। ପରଦିନ ପୂର୍ବାହ୍ନ ପ୍ରାୟ ୧୦ଟା ୨୦ ମିନିଟ ସମୟରେ ଟ୍ରେନ୍ ଯୋଗେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ। ବୈଠକରେ ରେଳ ଷ୍ଟେସନର ପରିବେଶ ଓ ପରିମଳ ବ୍ୟବସ୍ଥା, ପାରମ୍ପରିକ ଲୋକନୃତ୍ୟ ପରିବେଷଣ ପୂର୍ବକ ସାଗତ ସମ୍ବର୍ଦ୍ଧନା, ସୁରକ୍ଷା ବ୍ୟବସ୍ଥା, ବ୍ୟାରିକେଡିଂ, ଅସ୍ଥାୟୀ ଓ ସ୍ଥାୟୀ ଶୌଚାଳୟର ସୁବନ୍ଦୋବସ୍ତ, ବ୍ୟାଗେଜ୍ ସ୍ଥାନାନ୍ତରଣ, ଅଫିସିଆଲ ପାସ୍, ଆମ୍ବୁଲାନ୍ସ, ପାର୍କିଂ, ଅଗ୍ନି ନିରାପତ୍ତା, ନିରବଚ୍ଛିନ୍ନ ବିଦ୍ୟୁତ୍ ସରବରାହ, ନେଟୱର୍କ ସଂଯୋଗ ସୁନିଶ୍ଚିତ କରିବା ଏବଂ ସାମୟିକ ରୋଡ୍ ବ୍ରେକର ଅପସାରଣ ସମେତ ସମସ୍ତ ପ୍ରସଙ୍ଗରେ ସବିଶେଷ ଆଲୋଚନା ହୋଇଥିଲା। କାର୍କେଡ୍ ବ୍ୟବସ୍ଥା, ମାନ୍ୟବର ରାଜ୍ୟପାଳ ଓ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପାଇଁ ସତନ୍ତ୍ର କାର୍କେଡ୍, ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବା ଏବଂ ପାସ୍ ପ୍ରଦାନକୁ ସୀମିତ ରଖିବା ସମ୍ପର୍କରେ ମଧ୍ୟ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

ବୈଠକ ପରେ ଜିଲ୍ଲାପାଳଙ୍କ ସହ ଗଞ୍ଜାମ ଓ ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକ ଏବଂ ଅନ୍ୟାନ୍ୟ ଅଧିକାରୀ ବ୍ରହ୍ମପୁର ରେଳ ଷ୍ଟେସନ, ତପ୍ତପାଣି ଓ ଧବଳେଶ୍ୱର ମନ୍ଦିର ପରିଦର୍ଶନ କରି ପ୍ରସ୍ତୁତିର ସମୀକ୍ଷା କରିଥିଲେ। ସମସ୍ତ କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ଜିଲ୍ଲାପାଳ ପୁନର୍ବାର ନିର୍ଦ୍ଦେଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ସମୀର କୁମାର ଜେନା, ବ୍ରହ୍ମପୁର ମହାନଗର ନିଗମର ଆୟୁକ୍ତ ଆକବରମ ଏସ ରେଡ୍ଡି, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାରଙ୍କ ସମେତ ସମସ୍ତ ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଜିଲ୍ଲା ଓ କ୍ଷେତ୍ରସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ବନ୍ୟା ସ୍ଥିତି ନେଇ ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ସମୀକ୍ଷା ବୈଠକ




**ବାଲେଶ୍ୱର (ମାନିସ):** ବାଲେଶ୍ୱର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ବନ୍ୟା ସ୍ଥିତି କୁ ନେଇ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।ଏହି ବୈଠକରେ ସରକାରୀ ଦଳ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ,ଅତିରିକ୍ତ ଜିଲ୍ଲାପାଳ ସାଧାରଣ ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ହେମନ୍ତ ସିଂହ ଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ବନ୍ୟା ପରବର୍ତ୍ତୀ ପରିସ୍ଥିତିର ସମୀକ୍ଷା କରାଯିବା ସହ ପ୍ରଭାବିତ ଲୋକମାନଙ୍କୁ ଶୀଘ୍ର ଓ ସୁଚାରୁ ଭାବେ ଆବଶ୍ୟକୀୟ ସହାୟତା ପହଞ୍ଚାଇବା ଦିଗରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଆବଶ୍ୟକ ସ୍ଥଳରେ ତୁରନ୍ତ ପଦକ୍ଷେପ ଗ୍ରହଣ କରି ରିଲିଫ୍, ପାନୀୟ ଜଳ, ସାସ୍ଥ୍ୟସେବା, ପରିମଳ ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ଜରୁରୀ ସେବାକୁ ଅଧିକ ସୁଦୃଢ଼ କରିବା ସହ ବନ୍ୟାରେ ଭାଙ୍ଗିଯାଇଥିବା ଘର ପାଇଁ ସରକାରଙ୍କ ପକ୍ଷରୁ ନୂତନ ଘର ପ୍ରଦାନ, ଚାଷ କ୍ଷତି ପାଇଁ ଉପଯୁକ୍ତ କ୍ଷତିପୂରଣ ଏବଂ ଅନ୍ୟାନ୍ୟ ସରକାରୀ ସହାୟତା ପ୍ରଭାବିତ ଲୋକଙ୍କ ନିକଟରେ ତୁରନ୍ତ ପହଞ୍ଚାଇବା ନେଇ ସାଂସଦ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ବନ୍ୟା ପରିସ୍ଥିତିରେ କୃଷକଙ୍କ ସହାୟତା ପାଇଁ 'କୃଷି ସମୃଦ୍ଧି ହେଲ୍ପଲାଇନ୍'

**ନୂଆପଡ଼ା(ମାନିସ):** ଚଳିତ ବନ୍ୟା ଯୋଗୁଁ ଚାଷଜମି ଓ ଫସଲରେ ହୋଇଥିବା ବିଭିନ୍ନ ସମସ୍ୟାର ତ୍ୱରିତ ପ୍ରତିକାର ଏବଂ କୃଷକମାନଙ୍କୁ ବୈଜ୍ଞାନିକ ପରାମର୍ଶ ପ୍ରଦାନ କରିବା ଉଦ୍ଦେଶ୍ୟରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ 'କୃଷି ସମୃଦ୍ଧି ହେଲ୍ପଲାଇନ୍' ଆରମ୍ଭ କରାଯାଇଛି। ବନ୍ୟା ପ୍ରଭାବିତ କୃଷକମାନେ ଟୋଲ୍-ଫ୍ରି ନମ୍ବର ୧୫୫୩୩୩ରେ ଯୋଗାଯୋଗ କରି ବିଭିନ୍ନ କୃଷି ସମସ୍ୟାର ସମାଧାନ ସହ ବିଶେଷଜ୍ଞଙ୍କଠାରୁ ବୈଷୟିକ ପରାମର୍ଶ ପାଇପାରିବେ।

ଏହି ହେଲ୍ପଲାଇନ୍ ମାଧ୍ୟମରେ କୃଷକମାନଙ୍କୁ ବନ୍ୟା ପରବର୍ତ୍ତୀ ଫସଲ ପରିଚାଳନା, ରୋଗ ଓ ପୋକ ଦମନ ସମ୍ବନ୍ଧୀୟ ବୈଜ୍ଞାନିକ ପରାମର୍ଶ ପ୍ରଦାନ କରାଯିବ। କୃଷକମାନଙ୍କ ବିଭିନ୍ନ ପ୍ରଶ୍ନର ସମାଧାନ କରାଯିବା ସହ ବନ୍ୟା ପ୍ରଭାବିତ କୃଷକଙ୍କ ପାଇଁ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଉଥିବା ସହାୟତା ଓ ସହଯୋଗମୂଳକ ପଦକ୍ଷେପ ସମ୍ପର୍କରେ ମଧ୍ୟ ସୂଚନା ପ୍ରଦାନ କରାଯିବ।

କୃଷି ସମୃଦ୍ଧି ହେଲ୍ପଲାଇନ୍ ପ୍ରତିଦିନ ସକାଳ ୮ ଘଟିକାରୁ ସନ୍ଧ୍ୟା ୮ ଘଟିକା ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ରହିବ। ଜିଲ୍ଲାର ସମସ୍ତ କୃଷକଙ୍କୁ ଏହି ସମୟ ମଧ୍ୟରେ ୧୫୫୩୩୩ ଟୋଲ୍-ଫ୍ରି ନମ୍ବରରେ ନିଶୁଳ୍କ ଭାବେ ଯୋଗାଯୋଗ କରି ଏହି ସେବାର ସୁବିଧା ନେଇ ପାରବେକ୍ଷ

ଫସଲର ସୁରକ୍ଷା ଏବଂ ଚାଷଜନିତ ସମସ୍ୟାର ସମାଧାନ ପାଇଁ କୃଷକମାନେ 'କୃଷି ସମୃଦ୍ଧି ହେଲ୍ପଲାଇନ୍'ର ସର୍ବାଧିକ ସଦୁପଯୋଗ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

# ବିଜେଡିର ସାମ୍ବାଦିକ ସମ୍ମିଳନୀକୁ ବିଜେପିର ସମାଲୋଚନା



**ଧାମନଗର(ମାନିସ):** ଧାମନଗରରେ ସୃଷ୍ଟି ହୋଇଥିବା ପ୍ରଳୟଙ୍କରୀ ବନ୍ୟା ମୁକାବିଲାକୁ ନେଇ ବିରୋଧୀ ବିଜେଡି କରିଥିବା ସାମ୍ବାଦିକ ସମ୍ମିଳନୀକୁ ଶାସକ ବିଜେପି ପକ୍ଷରୁ 'କୁମ୍ଭୀର କାନ୍ଦଣା' ଭାବେ ଅଭିହିତ କରାଯାଇଛି। ବିଜେପି ଜିଲ୍ଲା ସମ୍ପାଦକ ଅରବିନ୍ଦ ପତି କହିଛନ୍ତି ଯେ, ୨୪ ବର୍ଷର ଶାସନ କାଳରେ ବିଜେଡି ଧାମନଗରକୁ ବନ୍ୟାମୁକ୍ତ କରିପାରିନଥିବା ବେଳେ ଏବେ ଅଯଥା ରାଜନୀତି କରୁଛି। ବନ୍ୟା ପୂର୍ବରୁ ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଡାକିଥିବା ପ୍ରସ୍ତୁତି ବୈଠକକୁ ବିଜେଡି ନେତାମାନେ ବର୍ଜନ କରିଥିଲେ ବି ସରକାର ଓ ପ୍ରଶାସନ ବନ୍ୟା ମୁକାବିଲାକୁ ନିଷ୍ଠାର ସହ ସମ୍ଭାଳୁଛନ୍ତି। ୧୯୯୯ ମହାବାତ୍ୟା ପରେ ବୈତରଣୀର ଜଳପତ୍ତନ ସର୍ବାଧିକ ୨୦.୪୬ ମିଟର ଛୁଇଁଥିଲେ ହେଁ, ଗୋଟିଏ ବି ଘାଇ ହେବାକୁ ଦିଆଯାଇନାହିଁ। ୩୫ଟି ରେସକ୍ୟୁ ଅପରେସନ ଜରିଆରେ ୫୬ ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି, ଯେଉଁଥିରେ ୨ ଜଣ ଗର୍ଭବତୀ ମହିଳା, ଭାସିଯାଉଥିବା ଜଣେ ବୃଦ୍ଧ, ୧୫ରୁ ଉର୍ଦ୍ଧ୍ୱ ସର୍ପାଘାତ ରୋଗୀ ଓ ଜଣେ ଆହତ ବ୍ୟକ୍ତି ଅନ୍ତର୍ଭୁକ୍ତ। ଉଦ୍ଧାର କାର୍ଯ୍ୟ ପାଇଁ ୭ଟି ଡଜଜଇର-ଘଜଜର ଟିମ୍, ୨ଟି ଦମକଳ ଟିମ୍, ୫ଜଉ ବୋଟ୍ ଏବଂ ତଦାରଖ ପାଇଁ ସେଣ୍ଟ୍ରାଲ୍ ଜଉଉଙ୍କ ସମେତ ୩ ଜଣ ଆଇଏଏସଅଧିକାରୀ ନିୟୋଜିତ ଅଛନ୍ତି। ଏହାଛଡ଼ା ଭୁବନେଶ୍ୱରରୁ ସେଶେଷଜ୍ଞ ମେଡିକାଲ ଟିମ୍, ଜଉ୫୫ ଟିମ୍, ୭୦ ହଜାର ପାନୀୟ ଜଳ ବୋତଲ, ୭ଟି ମୋବାଇଲ୍ ୱାଟର ଟାଙ୍କି, ପାଲ ଏବଂ ୭୮ ମେଟ୍ରିକ ଟନ୍ ଗୋଖାଦ୍ୟ ବଣ୍ଟନ କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଅଶୋକ ପ୍ରହାଣ, ଏନଏସି ପ୍ରତିନିଧି କୈଳାଶ ମହାପାତ୍ର, ଭଦ୍ରକ ସାଂସଦଙ୍କ ବ୍ଲକ ପ୍ରତିନିଧି ମନୋରଞ୍ଜନ ମଲ୍ଲିକ, ଏନଏସି ପ୍ରତିନିଧି ସରୋଜ ମହାପାତ୍ର, ବରିଷ୍ଠ ନେତା ଚତୁର୍ଭୁଜ ନାୟକ, କିଶୋର ଦାସ, ଦିପ୍ତୀରଞ୍ଜନ ଜେନା ଓ ଗଣମାଧ୍ୟମ ସଂଯୋଜକ ବୈକୁଣ୍ଠନାଥ ସାହୁ ଉପସ୍ଥିତ ଥିଲେ।

# ପୁରୀ-କୋରାପୁଟ ଟ୍ରେନ୍‌କୁ ଜୟପୁର ଯାଏଁ ସମ୍ପ୍ରସାରଣ ଦାବି

**ଜୟପୁର:** ଗତ ମାସରୁ ଯାତ୍ରୀସେବା ଆରମ୍ଭ କରିଥିବା ପୁରୀ-କୋରାପୁଟ ଏକ୍ସପ୍ରେସ୍ ଟ୍ରେନ୍ କୁ ଜୟପୁର ଯାଏଁ ସଂପ୍ରସାରଣ କରିବା ନେଇ ଦାବି ଉଠିଛି । ଏହି ଦାବିକୁ ଦୃଢ଼ତାର ସହ ଉଠାଇଛନ୍ତି ନବରଙ୍ଗପୁରର ପୂର୍ବତନ ସାଂସଦ ପ୍ରଦୀପ ମାଝି । ସେ ଯୁକ୍ତି ଦର୍ଶାଇଛନ୍ତି ଯେ, ଏହି ଟ୍ରେନ୍ ଟି ସପ୍ତାହରେ ତିନି ଦିନ ସେବା ଦେଉଛି ତାହା ପୁଣି କୋରାପୁଟ ଷ୍ଟେସନ୍ ଠାରୁ ଅବେଳରେ । ଟ୍ରେନ୍ ଟିର କୋରାପୁଟରେ ପହଂଚିବା ସମୟ ରାତ୍ର ୧୧.୩୦ମି ରହିଥିବା ବେଳେ ଯେଉଁ ଯାତ୍ରୀମାନେ ନବରଙ୍ଗପୁର, ମାଲକାନଗିରି ଜିଲ୍ଲା ସହ ଜୟପୁର ଆସୁଥିବେ ରାତ୍ରରେ ଓହ୍ଲାଇ କେଉଁଠି ଏବଂ କେଉଁ ସାଧନରେ ଷ୍ଟେସନ୍ ରୁ ଫେରିବେ, ସେ ସଂପର୍କରେ ରେଳ ବିଭାଗ ଚିନ୍ତା କରିବାର ଥିଲା । ତତ୍ସହ ଏହା ପୁରୀ ଅଭିମୁଖେ ବାହାରିବାର ସମୟ ମଧ୍ୟ ସକାଳ ୫ଟା ଥିବାବେଳେ କିଭଳି ଜୟପୁର ଯାତ୍ରୀ ଷ୍ଟେସନ୍ ରେ ପହଂଚିବେ ବୋଲି ପ୍ରଶ୍ନ କରିଛନ୍ତି । ତୁରନ୍ତ ଏହାକୁ ଜୟପୁର ଯାଏଁ ସଂପ୍ରସାରଣ କରିବାକୁ ସେ ଦାବି ରଖିବା ସହ ଏହା ମାଧ୍ୟମରେ ନବରଙ୍ଗପୁର ଏବଂ ମାଲକାନଗିରି ଯାତ୍ରୀ ଉପକୃତ ହେବେ ବୋଲି ସେ କହିଛନ୍ତି । ତତ୍ସହ ସେ ଦର୍ଶାଇଛନ୍ତି ଯେ, ଆମ ଅବିଭକ୍ତ ଜିଲ୍ଲାକୁ ଦିନ ବେଳା ପୁରୀ ଟ୍ରେନ୍ ଆବଶ୍ୟକ ଥିଲା । କିନ୍ତୁ ତାହା ନୁହଁ ଯେ, ଏହା ସପ୍ତାହରେ ତିନି ଦିନ ଚାଲିବ । ତୁରନ୍ତ ରେଳ ବିଭାଗ ଏହାକୁ ଦୈନିକ ଘୋଷଣା ସହ ପୁରୀ ଛାଡ଼ିବା ସମୟ ସକାଳ ୭ଟା ପରିବର୍ତ୍ତେ ଭୋର୍ ୪ଟା କରିବାକୁ ସେ କହିଛନ୍ତି । ଯଦ୍ୱାରା ଟ୍ରେନ୍ ଟି ରାତ୍ର ୮ଟାରେ କୋରାପୁଟରେ ପହଂଚିଲେ ଯାତ୍ରୀମାନଙ୍କ ସୁବିଧା ହେବ ବୋଲି ସେ ଯୁକ୍ତି ରଖିଛନ୍ତି ।

# ଜିଲ୍ଲାପାଳ ଦିଲିପ ରାଉତ ରାଏଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା



**ଧାମନଗର(ମାନିସ):** ଭଦ୍ରକ ଜିଲ୍ଲାର ପୂର୍ବତନ ଜିଲ୍ଲାପାଳ ଦିଲିପ ରାଉତ ରାଏ ଗତ ଶୁକ୍ରବାର ଅବସର ଗ୍ରହଣ କରିଛନ୍ତି। ଏନେଇ ଧାମନଗର ବ୍ଲକ ଭଗବାନପୁର ସ୍ଥିତ ମା ବୁଢ଼ି ଜାଗୁଳାଇ ସାଂସ୍କୃତିକ ପରିଷଦର ସଭାପତି ତଥା ଧାମନଗର ବ୍ଲକ। ବରିଷ୍ଠ ସାମ୍ବାଦିକ ସନ୍ତୋଷ କୁମାର ମହାପାତ୍ର ଏବଂ ବରିଷ୍ଠ ସଦସ୍ୟ ପଦ୍ମନାଭ ଶଙ୍ଖୁଆ ଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଭଦ୍ରକ ସ୍ଥିତ ଜିଲ୍ଲାପାଳ ଙ୍କ ବାସଭବନରେ ସାକ୍ଷାତ କରି ଉତ୍ତରିୟ ଓ ପୁଷ୍ପଗୁଛ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ସମୟରେ ଜିଲ୍ଲାପାଳ ନିଜ ଘରେ ତିଆରି ହୋଇଥିବା ପୋଡପିଠା ଅତି ଆଦରର ସହ ଖାଇବାକୁ ଦେଇଥିଲେ।ମାତ୍ର ସଳ୍ପ ସମୟ ସୁଖଦୁଃଖ କଥାବାର୍ତ୍ତା ମଧ୍ୟରେ ସାରଙ୍କ ଠୁ ଅନେକ ଉତ୍ତମ ପ୍ରେରଣା ମିଳିଲା ଯାହାକି ଭବିଷ୍ୟତରେ ବ୍ୟକ୍ତିଗତ ସହ ସାମାଜିକ କ୍ଷେତ୍ରରେ ଅନେକ କାର୍ଯ୍ୟରେ ଆସିବ ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।ବିଗତ ଦୁଇ ବର୍ଷ ଧରି ଜିଲ୍ଲା ସମେତ ଧାମନଗର ବ୍ଲକ ର ଯେଉଁ ନିଶ୍ୱାର୍ଥ ଓ ଅଦମ୍ୟ ଧର୍ଯ୍ୟର ସହିତ ସାଧାରଣ ଲୋକଙ୍କ ସେବା ପ୍ରଦାନ କରିଛନ୍ତି ତାହା ଚିରଦିନ ପାଇଁ ଲୋକଙ୍କ ହୃଦୟରେ ରହିବେ ବୋଲି ଉପସ୍ଥିତ କର୍ମକର୍ତ୍ତା ମାନେ କହିଥିଲେ। ଏଥିସହ ଆଗାମୀ ଭବିଷ୍ୟତରେ ମା ବୁଢ଼ି ଜାଗୁଳାଇ ଙ୍କ ପୀଠ ରେ ଉନ୍ନତି ମୂଳକ କାର୍ଯ୍ୟ ହେବ ବୋଲି ଭରସା ଦେଇଥିଲେ। ଜିଲ୍ଲାପାଳ ଦିଲିପ ରାଉତ ରାଏ ଙ୍କ ସମେତ ପରିବାର ସମୂହ ଉତ୍ତରୋତ୍ତର କାମନା କରିବା ସହ ପ୍ରଭୁ ଶ୍ରୀଜଗନ୍ନାଥ ଏବଂ ମା ବୁଢ଼ି ଜାଗୁଳାଇ କୃପାରୁ ଅତିବାହିତ ହେବାକୁ ଥିବା ଆଗାମୀ ସମୟ ଅତ୍ୟନ୍ତ ସୁଖମୟ ହେଉ ବୋଲି ପ୍ରାର୍ଥନା କରିଥିଲେ ।ସେହିପରି ଜିଲ୍ଲାପାଳ ମଧ୍ୟ ପରିଷଦର ସମସ୍ତ ସଦସ୍ୟ ତଥା ଭଗବାନପୁର ଗ୍ରାମବାସି ତଥା ପଞ୍ଚାୟତ ବାସି ଙ୍କ ଜୀବନ ଆନନ୍ଦମୟ ହେଉ ବୋଲି ପ୍ରଭୁ ଶ୍ରୀଜଗନ୍ନାଥ ଙ୍କ ନିକଟରେ ଜିଲ୍ଲାପାଳ ପ୍ରାର୍ଥନା କରିଥିଲେ।

# ଚଳନ୍ତା ଟ୍ରେନରୁ ଖସି ପଡ଼ି ଯୁବକ ଗୁରୁତର

**ବାଲେଶ୍ୱର(ମାନିସ):** ସୋର ସବିରା ଠାରେ ଚଳନ୍ତା ଟ୍ରେନ୍ ରୁ ଖସି ପଡ଼ି ଜଣେ ଯୁବକ ଗୁରୁତର ହୋଇଛନ୍ତି। ଗୁରୁତର ଯୁବକଙ୍କୁ ଉଦ୍ଧାର କରାଯାଇ ସୋର ମେଡିକାଲରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ସୋର ବ୍ଲକ ସବିରା ରେଳ ଷ୍ଟେସନରୁ ୧୦୦ ମିଟର ଦୂରରେ ଚଳନ୍ତା ଟ୍ରେନ୍ ରୁ ଜଣେ ଯୁବକ ଖସି ପଡ଼ିଥିଲେ।ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ସୋର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।ଗୁରୁତର ଯୁବକ ହେଲେ ମୁକେଶ ଏବଂ ତାଙ୍କ ଘର ଆସାମ ବୋଲି ଜଣାପଡ଼ିଛି। ତାଙ୍କ ପାଖରୁ ୭୦୦ ଟଙ୍କା, ଏକ ମୋବାଇଲ ଫୋନ ଓ ଟ୍ରେନ ଟିକେଟ ଜବତ ହୋଇଛି। ଯୁବକଙ୍କ ସାସ୍ଥ୍ୟ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବାଲେଶ୍ୱର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି।

# ସରକାରୀ ଯୋଜନାର ସମୀକ୍ଷା କଲେ ଜିଲ୍ଲା ପର୍ଯ୍ୟବେକ୍ଷକ

**ମାଲକାନଗିରି:** ଜିଲ୍ଲାରେ ସରକାରୀ ଯୋଜନାଗୁଡ଼ିକର ସଫଳ କାର୍ଯ୍ୟକାରିତା ଏବଂ ସାଧାରଣ ଲୋକଙ୍କ ପାଖରେ ମୌଳିକ ସେବା ପହଂଚାଇବା ଲକ୍ଷ୍ୟରେ ମାଲକାନଗିରି ଜିଲ୍ଲା ଗସ୍ତ କରିଛନ୍ତି ରାଜ୍ୟ ସରକାରଙ୍କ ବରିଷ୍ଠ ଆଇଏଏସ ଅଧିକାରୀ ତଥା ଜିଲ୍ଲା ପର୍ଯ୍ୟବେକ୍ଷକ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ଏନ୍. ତିରୁମାଲା ନାୟକ। ନିଜର ଏହି ଦୁଇ ଦିନିଆ ଗସ୍ତ ଅବସରରେ ସେ ମାଲକାନଗିରି ଜିଲ୍ଲାର ବିଭିନ୍ନ ଅଂଚଳ ବୁଲି ଦେଖିବା ସହିତ ବିଭିନ୍ନ ପ୍ରଶାସନିକ ବିଭାଗ ଦ୍ୱାରା ପରିଚାଳିତ ହେଉଥିବା ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ଏବଂ ବିକାଶମୂଳକ ଯୋଜନାଗୁଡ଼ିକର କାର୍ଯ୍ୟକାରିତା ଉପରେ ଏକ ବିସ୍ତୃତ ଏବଂ ଉଚ୍ଚ ସ୍ତରୀୟ ସମୀକ୍ଷା କରିଛନ୍ତି। ଜିଲ୍ଲାର ଦୁର୍ଗମ ଅଂଚଳରେ ରହୁଥିବା ଜନସାଧାରଣଙ୍କ ପାଖରେ ସରକାରଙ୍କ ସମସ୍ତ ସୁବିଧା ସୁରୁଖୁରୁରେ ପହଂଚୁଛି କି ନାହିଁ, ତାହା ପରଖିବା ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

ଜିଲ୍ଲାରେ ଚାଲିଥିବା ବିଭିନ୍ନ ପ୍ରକଳ୍ପର କ୍ଷେତ୍ର ସ୍ଥିତି ଏବଂ ସେବା ପ୍ରଦାନ ପ୍ରକ୍ରିୟାର ସଠିକ୍ ଅନୁଧ୍ୟାନ କରିବା ପାଇଁ ଶ୍ରୀ ନାୟକ ନିଜେ ଏହି ପରିଦର୍ଶନରେ ବାହାରିଥିଲେ। ପ୍ରଥମେ ସେ କିଛି ସରକାରୀ ବିଦ୍ୟାଳୟ ଏବଂ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ହଠାତ୍ ଗସ୍ତ କରି ସେଠାରେ ଛାତ୍ରଛାତ୍ରୀମାନଙ୍କ ପାଠପଢ଼ା ଶୈଳୀ, ଉପଲବ୍ଧ ଥିବା ଶିକ୍ଷାଗତ ଭିତ୍ତିଭୂମି ଏବଂ କୋମଳମତି ଶିଶୁ ତଥା ଗର୍ଭବତୀ ମହିଳାମାନଙ୍କୁ ଦିଆଯାଉଥିବା ପୁଷ୍ଟିକର ଖାଦ୍ୟ ଓ ସାସ୍ଥ୍ୟ ସେବାର ଗୁଣବତା ତଦାରଖ କରିଥିଲେ। ଏହାପରେ ସେ ଗ୍ରାମାଂଚଳରେ ସାଧାରଣ ବଂଟନ ପ୍ରଣାଳୀ କେନ୍ଦ୍ରଗୁଡ଼ିକୁ ଯାଇ ହିତାଧିକାରୀମାନେ ନିୟମିତ ଭାବେ ଚାଉଳ ଓ ଅନ୍ୟାନ୍ୟ ସାମଗ୍ରୀ ପାଉଛନ୍ତି କି ନାହିଁ ସେ ନେଇ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ। ଏଥିସହିତ ଗ୍ରାମାଂଚଳରେ ଲୋକଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ କାର୍ଯ୍ୟକାରୀ ହେଉଥିବା ପାନୀୟ ଜଳ ପ୍ରକଳ୍ପଗୁଡ଼ିକର ସ୍ଥିତି ମଧ୍ୟ ସେ ନିଜେ ଯାଂଚ୍ କରିଥିଲେ। ଗସ୍ତର ଶେଷ ଭାଗରେ ସେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ସେଠାରେ ଚିକିତ୍ସିତ ହେଉଥିବା ରୋଗୀମାନଙ୍କୁ ମିଳୁଥିବା ସାସ୍ଥ୍ୟ ସେବା, ମାଗଣା ଔଷଧ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଚିକିତ୍ସା ସୁବିଧାର ସମୀକ୍ଷା କରିବା ସହ ରୋଗୀମାନଙ୍କ ସହ ସେମାନଙ୍କ ସୁବିଧା ଅସୁବିଧା ବିଷୟରେ ପଚାରି ବୁଝିଥିଲେ।

ଏହି କ୍ଷେତ୍ର ଅନୁଧ୍ୟାନ ଓ ପରିଦର୍ଶନ ସମୟରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଜିଲ୍ଲା ପର୍ଯ୍ୟବେକ୍ଷକ ତଥା ବିଭାଗୀୟ ସଚିବ ଶ୍ରୀ ନାୟକ କହିଛନ୍ତି, ସାଧାରଣ ଗରିବ ଲୋକଙ୍କ ପାଖରେ ସରକାରୀ ସୁବିଧା ଏବଂ ମୌଳିକ ସେବା ସଠିକ୍ ଭାବେ ପହଂଚିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଅଟେ। ଜିଲ୍ଲାରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ ଓ ବିକାଶମୂଳକ କାର୍ଯ୍ୟରେ କୌଣସି ପ୍ରକାରର ତ୍ରୁଟି, ଅବହେଳା ରହିଯାଉଛି କି ନାହିଁ, ସେ ନେଇ ଆମେ ସତର୍କତାର ସହ ଅନୁଧ୍ୟାନ କରୁଛୁ। ଏହି କ୍ଷେତ୍ର ପରିଦର୍ଶନରୁ ମିଳିଥିବା ତଥ୍ୟ ଆଧାରରେ ଖୁବଶୀଘ୍ର ରାଜ୍ୟ ସରକାରଙ୍କୁ ଏକ ଜରୁରୀ ପ୍ରସ୍ତାବ ଏବଂ ବିସ୍ତୃତ ରିପୋର୍ଟ ପ୍ରଦାନ କରାଯିବ। ଗ୍ରାମାଂଚଳର ଶେଷ ଧାଡ଼ିରେ ଥିବା ଅତି ସାଧାରଣ ବ୍ୟକ୍ତିଙ୍କ ପାଖରେ ଯେପରି ସରକାରୀ ଯୋଜନାର ସୁଫଳ ଶତପ୍ରତିଶତ ପହଂଚିପାରିବ, ତାହା ହିଁ ଆମ ପ୍ରଶାସନର ମୁଖ୍ୟ ଲକ୍ଷ୍ୟ।

# ମାର୍କୋଣା ସରସ୍ୱତୀ ଶିଶୁ ମନ୍ଦିରର ୨୮ତମ ଜ୍ଞାନବିଜ୍ଞାନ ମେଳା




**ବାଲେଶ୍ୱର(ମାନିସ):** ମାର୍କୋଣା ସରସ୍ୱତୀ ଶିଶୁ ମନ୍ଦିର ର ୨୮ ତମ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୬ ଜଣ ଛାତ୍ର ଛାତ୍ରୀ ସଂକୁଳ ସ୍ତରକୁ ଉନ୍ନୀତ ହୋଇଛନ୍ତି। ପ୍ରଧାନ ଗୁରୁଜୀ ପ୍ରଶାନ୍ତ କୁମାର ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ ଅନୁଷ୍ଠିତ ସରସ୍ୱତୀ ଶିଶୁ ମନ୍ଦିର ମାର୍କୋଣା ର ୨୮ ତମ ଜ୍ଞାନବିଜ୍ଞାନ ମେଳା ରେ ପରିଚାଳନା କମିଟି ସଭାପତି ହୃଷିକେଶ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଅଜୟ କୁମାର ପଣ୍ଡା,ସମ୍ମାନିତ ଅତିଥି ଭାବେ ପୂର୍ବତନ ସମ୍ପାଦକ ରଘୁନାଥ ରାଉତ,ପ୍ରମୁଖ ଯୋଗ ଦେଇ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭା କୁ ଲୋକ ଲୋଚନ କୁ ଆଣିବା ନିମନ୍ତେ ଜ୍ଞାନବିଜ୍ଞାନ ମେଳା ଉପଯୁକ୍ତ ଫୋରମ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ। ଏଥିରେ ୧୮୭ ଜଣ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିବା ବେଳେ ଶିଶୁ ବର୍ଗ, ବାଲ ବର୍ଗ ଓ କିଶୋର ବର୍ଗ ରୁ ମୋଟ ୫୬ ଜଣ ସଂକୁଳ ସ୍ତରକୁ ମନୋନୀତ ହୋଇଥିଲେ। ବିଚାରକ ଭାବେ ବାଟି ର ବିଜ୍ଞାନ ଶିକ୍ଷକ ନରେନ୍ଦ୍ର ନାଥ ବେହେରା, ଅବସର ପ୍ରାପ୍ତ ଶିକ୍ଷୟିତ୍ରୀ ପ୍ରଣତି ମହାନ୍ତି, ବିଜ୍ଞାନ ଶିକ୍ଷକ ରବିନାରାୟଣ ସାହୁ, ବିଜ୍ଞାନ ଶିକ୍ଷକ ରବୀନ୍ଦ୍ର କୁମାର ସାହୁ, ଜୀବନ କାନ୍ତ ଭୂୟାଁ, କୁମୁଦ ବନ୍ଧୁ ନାୟକ,ଦୟାନିଧି ପାତ୍ର, ଅଧ୍ୟାପକ ମାଷ୍ଟର ଆପୋଲୋ, ଡାକ୍ତର ଶୁକଦେବ ମଲ୍ଲିକ, ଅଧ୍ୟାପିକା ଅର୍ଚ୍ଚନା ବାରିକ, ଉଚ୍ଚ ବାଳିକା ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ ଟି, ଭି ରାଜଲକ୍ଷ୍ମୀ, ଅବସରପ୍ରାପ୍ତ ଗୁରୁଜୀ ରାମଚନ୍ଦ୍ର ବାରିକ ଯୋଗ ଦେଇ ମୂଲ୍ୟାଙ୍କନ କରିଥିଲେ ।

# ଓଡ଼ିଶାରେ 'କ୍ୟାଚ୍ ଦ ରେନ୍' ଅଭିଯାନ: ସଚେତନତାରୁ ଭୂତଳଜଳ ପୁନର୍ଭରଣ

**ଭୁବନେଶ୍ୱର:** ୨୦୨୬ ଜୁନ୍ ୨୮ ତାରିଖରେ 'ମନ୍ କି ବାତ୍'ର ୧୩୫ତମ ଅଧ୍ୟାୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବର୍ଷା ଜଳର ପ୍ରତ୍ୟେକ ବୁନ୍ଦାକୁ ସଂରକ୍ଷିତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଆହ୍ୱାନ ପରେ, ଓଡ଼ିଶା 'କ୍ୟାଚ୍ ଦି ରେନ୍ ୨୦୨୬' ଅଭିଯାନ ଅଧୀନରେ ନିଜର ପ୍ରଚେଷ୍ଟାକୁ ଆହୁରି ତ୍ୱରାନ୍ୱିତ କରିଛି। ଜନସଚେତନତାକୁ ପ୍ରତ୍ୟକ୍ଷ ଜଳ ସଂରକ୍ଷଣ ଫଳାଫଳରେ ପରିଣତ କରିବା ସହ ବର୍ଷା ଜଳ ଅମଳ, ଭୂତଳ ଜଳ ପୁନରୁଦ୍ଧାର, ପାରମ୍ପରିକ ଜଳାଶୟଗୁଡ଼ିକର ପୁନରୁଦ୍ଧାର ଏବଂ ସାଧାରଣ ନାଗରିକଙ୍କ ସକ୍ରିୟ ଭାଗିଦାରୀକୁ ବୃଦ୍ଧି କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ।

ଓଡ଼ିଶା ଏକ ବହୁମୁଖୀ ଆଭିମୁଖ୍ୟ ଗ୍ରହଣ କରିଛି, ଯେଉଁଥିରେ ସାମୁଦାୟିକ ସମ୍ପର୍କ, ବ୍ୟବହାରିକ ପରିବର୍ତ୍ତନ, ସଂସ୍ଥାଗତ ଭାଗିଦାରୀ ଏବଂ ଜଳ ସଂରକ୍ଷଣ ସମ୍ପତ୍ତି ସୃଷ୍ଟିର ମିଶ୍ରଣ ରହିଛି। ପଥପ୍ରାନ୍ତ ନାଟକ, ଲୋକକଳା ପ୍ରଦର୍ଶନ, ଗୋଷ୍ଠୀଗତ ସହଭାଗିତା କାର୍ଯ୍ୟକ୍ରମ ଏବଂ ବର୍ଷା ଜଳ ଅମଳ ଓ ଭୂତଳ ଜଳ ସଂରକ୍ଷଣ ସମ୍ପର୍କିତ ସଚେତନତା ଅଭିଯାନ ସମେତ ୯୬୮ଟି ସୂଚନା, ଶିକ୍ଷା ଏବଂ ଯୋଗାଯୋଗ (ଆଇଇସି) କାର୍ଯ୍ୟକ୍ରମ ମାଧ୍ୟମରେ ସାରା ରାଜ୍ୟରେ ଏକ ବ୍ୟାପକ ଜନସଚେତନତା ଅଭିଯାନ ହାତକୁ ନିଆଯାଇଥିଲା।

ଏହି କାର୍ଯ୍ୟକ୍ରମଗୁଡ଼ିକ ଏକାଧିକ ଜିଲ୍ଲାରେ ପରିଚାଳିତ ହୋଇଥିଲା, ଯେଉଁଥିରେ ଖୋର୍ଦ୍ଧାରେ ସର୍ବାଧିକ ୨୩୦ଟି ଆଇଇସି କାର୍ଯ୍ୟକ୍ରମ ରେକର୍ଡ କରାଯାଇଥିବା ବେଳେ ଅନୁଗୁଳରେ ୧୨୪ଟି; କଟକ, କେନ୍ଦ୍ରାପଡ଼ା, ଯାଜପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ନବରଙ୍ଗପୁର ଏବଂ ସୁବର୍ଣ୍ଣପୁରରେ ୬୨ଟି ଲେଖାଏଁ; ମୟୂରଭଞ୍ଜରେ ୬୦ଟି; ନୟାଗଡ଼ ଏବଂ ପୁରୀରେ ୫୦ଟି ଲେଖାଏଁ; ଏବଂ ଗଞ୍ଜାମରେ ୨୦ଟି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା, ଯାହା ସାରା ଓଡ଼ିଶାରେ ଏହି ଅଭିଯାନର ବ୍ୟାପକ ପହଞ୍ଚ ଏବଂ ପ୍ରବଳ ଜନଭାଗିଦାରୀକୁ ଦର୍ଶାଉଛି।

**ସଚେତନତାକୁ କାର୍ଯ୍ୟରେ ରୂପାନ୍ତରିତ କରିବା**

**ଜଳ ନିରାପତ୍ତା ବ୍ୟବସ୍ଥାର ସୁଦୃଢ଼ୀକରଣ**

**ପାରମ୍ପରିକ ଜଳାଶୟର ପୁନରୁଦ୍ଧାର**

ଶିକ୍ଷାନୁଷ୍ଠାନଗୁଡ଼ିକ ଏହି ଅଭିଯାନରେ ଗୁରୁତ୍ୱପୂର୍ଣ୍ଣ ସହଯୋଗୀ ଭାବରେ ଉଭା ହୋଇଛନ୍ତି। ସଚେତନତା କାର୍ଯ୍ୟକ୍ରମ, ଓରିଏଣ୍ଟେସନ୍ ସେସନ୍ ଏବଂ ବୈଷୟିକ ଆଲୋଚନା ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ଭୂତଳ ଜଳ ବିଜ୍ଞାନ, ଜଳଚକ୍ର ପ୍ରକ୍ରିୟା ଏବଂ ବର୍ଷା ଜଳ ଅମଳ ପ୍ରଣାଳୀ ସହିତ ପରିଚିତ କରାଯାଇଛି। ଏହି ପଦକ୍ଷେପଗୁଡ଼ିକର




ଉଦ୍ଦେଶ୍ୟ ହେଉଛି ଏପରି ସଚେତନ ନାଗରିକ ତିଆରି କରିବା, ଯେଉଁମାନେ ନିଜ ନିଜ ଅଂଚଳରେ ଜଳ ସଂରକ୍ଷଣର ବାର୍ତ୍ତା ପ୍ରଚାର କରିପାରିବେ ଏବଂ ସ୍ଥାୟୀ ବ୍ୟବହାରିକ ପରିବର୍ତ୍ତନରେ ଯୋଗଦାନ ଦେଇପାରିବେ।

ସଚେତନତା ସୃଷ୍ଟି ସହିତ ସାରା ରାଜ୍ୟରେ ୯୦୫ଟି ବର୍ଷା ଜଳ ଅମଳ ଏବଂ ଭୂତଳ ଜଳ-ପୁନଃଭରଣ ପ୍ରକଳ୍ପ/ସଂରଚନା ସମ୍ପୂର୍ଣ୍ଣ ହୋଇଛି। ଏଥିମଧ୍ୟରେ ୮୪୯ଟି ଛାତ ଉପର ବର୍ଷା ଜଳ ଅମଳ ସଂରଚନା ରହିଛି, ଯାହା ମଧ୍ୟରୁ ୨୧ଟି ସରକାରୀ ଭବନରେ ଏବଂ ୮୨୮ଟି ବେସରକାରୀ ଭବନରେ ନିର୍ମିତ ହୋଇଛି। ଏହା ସହିତ ଭୂତଳ ଜଳ ସ୍ତର ବୃଦ୍ଧି ପାଇଁ ୫୬ଟି ରିଚାର୍ଜ ଶାଫ୍ଟ ମଧ୍ୟ ପ୍ରସ୍ତୁତ କରାଯାଇଛି।

ଜିଲ୍ଲାୱାରୀ ସଫଳତା ମଧ୍ୟରେ ଗଞ୍ଜାମରେ ୩୩୦ଟି, ଖୋର୍ଦ୍ଧାରେ ୧୨୧ଟି, ମୟୂରଭଞ୍ଜରେ ୯୪ଟି, କଟକରେ ୬୨ଟି, ସମ୍ବଲପୁରରେ ୫୪ଟି, ସୁନ୍ଦରଗଡ଼ରେ ୫୩ଟି, କେନ୍ଦ୍ରାପଡ଼ାରେ ୪୮ଟି, ଝାରସୁଗୁଡ଼ାରେ ୨୫ଟି, ବରଗଡ଼ରେ ୧୬ଟି, ପୁରୀରେ ୧୩ଟି, ନୟାଗଡ଼ରେ ୧୨ଟି, ଅନୁଗୁଳରେ ୧୦ଟି, ନବରଙ୍ଗପୁରରେ ୭ଟି ଏବଂ ବଲାଙ୍ଗୀରରେ ୪ଟି ଛାତ ଉପର ବର୍ଷା ଜଳ ଅମଳ ସରଞ୍ଜନା ରହିଛି। ଏହା ବ୍ୟତୀତ 'କ୍ୟାଚ୍ ଦି ରେନ୍ ୨୦୨୬' ଅଭିଯାନ ଅଧୀନରେ ଭୂତଳ ଜଳ ପୁନଃଭରଣ ପ୍ରଚେଷ୍ଟାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇ ଯାଜପୁରରେ ୪୫ଟି, କେନ୍ଦ୍ରାପଡ଼ାରେ ୧୦ଟି ଏବଂ ସୁନ୍ଦରଗଡ଼ରେ ୧ଟି ରିଚାର୍ଜ ଶାଫ୍ଟ ନିର୍ମାଣ କରାଯାଇଛି।

ଏହି ଆକଳନଗୁଡ଼ିକର ଗୁରୁତ୍ୱ କେବଳ କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପଗୁଡ଼ିକର ସଂଖ୍ୟାରେ ସୀମିତ ନାହିଁ। ଏହା ସଚେତନତାରୁ ଗ୍ରହଣୀୟତା/ଆପଣେଇବା ଆଡ଼କୁ ଏକ ସଂକ୍ରମଣକୁ ଦର୍ଶାଉଛି। ବର୍ଷା ଜଳ ଅମଳ ପ୍ରଣାଳୀ ସ୍ଥାପନ କରୁଥିବା ପ୍ରତ୍ୟେକ ପରିବାର ସ୍ଥାନୀୟ ଜଳ ପରିଚାଳନାରେ ଜଣେ ଜଣେ ଭାଗୀଦାର ପାଲଟିଥାନ୍ତି।

ଏକ ରିଚାର୍ଜ ସାଫ୍ଟ ଭୂପୃଷ୍ଠର ବର୍ଷା ଜଳ ଏବଂ ଭୂତଳ ଜଳ ମଧ୍ୟରେ ଏକ ସଂଯୋଗ ସୃଷ୍ଟି କରିଥାଏ। ମିଳିତ ଭାବରେ, ଏପରି ପଦକ୍ଷେପଗୁଡ଼ିକ ଭୂତଳ ଜଳ ଅଭାବ ବୃଦ୍ଧି ପାଉଥିବା ଅଞ୍ଚଳଗୁଡ଼ିକରେ ଜଳସେଚନ ଏବଂ ସ୍ଥାନୀୟ ଜଳର ଉପଲବ୍ଧତାକୁ ସୁଦୃଢ଼ କରିପାରିବ।

ନୂତନ ଭୂତଳ ଜଳ-ପୁନର୍ଭରଣ ଭିତ୍ତିଭୂମି ସୃଷ୍ଟି କରିବା ସହିତ ଓଡ଼ିଶା ପାରମ୍ପରିକ ଜଳାଶୟଗୁଡ଼ିକର ପୁନରୁଦ୍ଧାରକୁ ପ୍ରାଥମିକତା ଦେଇଛି। ରାଜ୍ୟ ଯୋଜନାର 'ପୋଖରୀ ଏବଂ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଉନ୍ନତୀକରଣ' ଯୋଜନା ଅଧୀନରେ ସମସ୍ତ ୩୦ଟି ଜିଲ୍ଲାର ୯୮ଟି ପୋଖରୀ/ଜଳାଶୟର ସଂସ୍କାର ଏବଂ ପଙ୍କ ଉଦ୍ଧାର କାର୍ଯ୍ୟ ହାତକୁ ନିଆଯାଇଛି।

ଏହି ଜଳାଶୟଗୁଡ଼ିକର ପୁନରୁଦ୍ଧାର ସେଗୁଡ଼ିକର ଜଳ ଧାରଣ କ୍ଷମତା ବୃଦ୍ଧି କରୁଛି; ଯାହା ମୌସୁମୀ ବର୍ଷା ଜଳକୁ ଅଧିକ ପରିମାଣରେ ଧରିରଖିବାରେ, ଜଳସେଚନରେ ସହାୟତା କରିବାରେ, ସ୍ଥାନୀୟ ଜଳର ଉପଲବ୍ଧତା ବୃଦ୍ଧି କରିବାରେ ଏବଂ ଭୂତଳ ଜଳ ପୁନର୍ଭରଣରେ ଯୋଗଦାନ ଦେଉଛି। ଏହି ପଦକ୍ଷେପ ଗ୍ରାମାଞ୍ଚଳର ଜଳ ସୁରକ୍ଷା ଏବଂ ଜଳବାୟୁ ସହନଶୀଳତାକୁ ସୁଦୃଢ଼ କରିବାରେ ପାରମ୍ପରିକ ଜଳ ସମ୍ପଦର ଭୂମିକାକୁ ଅଧିକ ବଳିଷ୍ଠ କରୁଛି।

ଜଳସେଚନ ପ୍ରକଳ୍ପ, ଭୂତଳ ଜଳ କାର୍ଯ୍ୟାଳୟ ଏବଂ ଜଳ ଭିତ୍ତିଭୂମି ସ୍ଥଳଗୁଡ଼ିକରେ କରାଯାଉଥିବା ବୃକ୍ଷରୋପଣ ଅଭିଯାନ ମୃତ୍ତିକା ସ୍ଥିରତା ଆଣିବା, ମୃତ୍ତିକା କ୍ଷୟ ହ୍ରାସ କରିବା, ଜଳର ଭୂତଳ ପ୍ରବେଶ ପ୍ରକ୍ରିୟାକୁ ବୃଦ୍ଧି କରିବା ଏବଂ ସୁଦୃଢ଼ ଅବବାହିକା ବ୍ୟବସ୍ଥାକୁ ସହାୟତା କରି ଜଳ ସଂରକ୍ଷଣ ପ୍ରଚେଷ୍ଟାକୁ ପରିପୂର୍ଣ୍ଣ କରୁଛି।

# ନଣ୍ଡା ହେବା ସହ ତିରୁପତି ମନ୍ଦିରରେ ନଜର ଆସିଲେ ହାର୍ଦ୍ଦିକ



**ନୂଆଦିଲ୍ଲୀ, ୨।୮:** ନିଜ ଲୁକ୍ ନେଇ ବେଶ୍ ଚର୍ଚ୍ଚାରେ ଅଛନ୍ତି ମୁମ୍ବାଇ ଇଣ୍ଡିଆନ୍ସର ଷ୍ଟାର ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା । ସମ୍ପ୍ରତି ହାର୍ଦ୍ଦିକ ପାଣ୍ଡ୍ୟା ତାଙ୍କ ଗର୍ଲଫ୍ରେଣ୍ଡ ମାହିକା ଶର୍ମାଙ୍କ ସହ ଆନ୍ଧ୍ରପ୍ରଦେଶର ତିରୁପତି ସ୍ଥିତ ପ୍ରସିଦ୍ଧ ଶ୍ରୀ ଭେଙ୍କଟେଶ୍ୱର ସ୍ୱାମୀ ମନ୍ଦିରରେ ପହଞ୍ଚିଥିଲେ । ତିରୁମାଲା ପାହାଡ଼ ଉପରେ ଅବସ୍ଥିତ ଏହି ମନ୍ଦିରକୁ ତିରୁପତି ବାଲାଜୀ ମନ୍ଦିର ଭାବେ ମଧ୍ୟ ଜଣାଯାଏ ଏବଂ ଏହା ଭଗବାନ ବିଷ୍ଣୁଙ୍କୁ ସମର୍ପିତ ଏକ ପ୍ରସିଦ୍ଧ ତୀର୍ଥକ୍ଷେତ୍ର । ମନ୍ଦିରରେ ଦର୍ଶନ ସମୟରେ ହାର୍ଦ୍ଦିକଙ୍କ ନୂଆ ଲୁକ୍ ଦେଖି ପ୍ରଶଂସକମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ ।

ହାର୍ଦ୍ଦିକ ନଣ୍ଡା ହୋଇଯାଇଥିବା ବେଳେ ବେଶ୍ ଷ୍ଟାଇଲିସ ଲୁକ୍‌ରେ ନଜର ଆସିଛନ୍ତି । ତେବେ କୌଣସି ମନସ୍କାମନା ପୂରଣ ପାଇଁ ସେ କେଶ ଦାନ କରିଛନ୍ତି କିମ୍ବା ଏହାର ଅନ୍ୟ କୌଣସି କାରଣ ରହିଛି, ସେନେଇ ସ୍ପଷ୍ଟ ସୂଚନା ମିଳିନାହିଁ ।

ଏହି ସବୁ ଚର୍ଚ୍ଚା ମଧ୍ୟରେ ବିଭିନ୍ନ ରିପୋର୍ଟରେ ଦାବି କରାଯାଉଛି ଯେ ହାର୍ଦ୍ଦିକ୍ ମୁମ୍ବାଇ ଇଣ୍ଡିଆନ୍ସ ଦଳ ଛାଡ଼ି ପାରନ୍ତି । ଆଇପିଏଲ୍ ୨୦୨୭ ପୂର୍ବରୁ ହେବାକୁ ଥିବା ଅକ୍ସନ୍ ପୂର୍ବରୁ ସେ ଚେନ୍ନାଇ ସୁପର କିଙ୍ଗ୍ସରେ ଯୋଗ ଦେଇପାରନ୍ତି ବୋଲି ମଧ୍ୟ ଚର୍ଚ୍ଚା ଜୋର ଧରିଛି । ଏହା ସହିତ ଦିଲ୍ଲୀ କ୍ୟାପିଟାଲ୍ସ, କୋଲକାତା ନାଇଟ୍ ରାଇଡର୍ସ ଓ ରାଜସ୍ଥାନ ରୟାଲ୍ସ ମଧ୍ୟ ତାଙ୍କୁ ଦଳରେ ନେବାକୁ ଆଗ୍ରହୀ ଥିବା ଖବର ସାମ୍ନାକୁ ଆସିଛି । ଏପର୍ଯ୍ୟନ୍ତ କୌଣସି ଟ୍ରେଡ୍ ଡିଲ୍ ଆନୁଷ୍ଠାନିକ ଭାବେ ଘୋଷଣା ହୋଇନାହିଁ । ୨୦୨୪ ପୂର୍ବରୁ ତାଙ୍କୁ ରୋହିତ ଶର୍ମାଙ୍କ ସ୍ଥାନରେ ମୁମ୍ବାଇ ଇଣ୍ଡିଆନ୍ସର ଅଧିନାୟକ କରାଯାଇଥିଲା । ଗୁଜରାଟ ଟାଇଟାନ୍ସକୁ ଚାମ୍ପିୟନ୍ କରାଇବାର ସଫଳତା ଥିଲେ ମଧ୍ୟ ମୁମ୍ବାଇରେ ଅଧିନାୟକ ଭାବେ ତାଙ୍କ ରେକର୍ଡ ବିଶେଷ ଭଲ ରହିନାହିଁ ।

୨୦୨୪ ସିଜିନ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ପଏଣ୍ଟ ଟେବୁଲର ସବୁଠାରୁ ତଳ ସ୍ଥାନରେ ରହିଥିଲା । ୨୦୨୫ରେ ମଧ୍ୟ ଦଳର ଆରମ୍ଭ ନିରାଶାଜନକ ଥିଲା । ଯଦିଓ ଶେଷ ଭାଗରେ ଦଳ ଜବରଦସ୍ତ ପ୍ରତ୍ୟାବର୍ତ୍ତନ କରି ପ୍ଲେଅଫ୍‌ରେ ପହଞ୍ଚିଥିଲା, କିନ୍ତୁ ଫାଇନାଲ୍‌ରେ ସ୍ଥାନ ସୁନିଶ୍ଚିତ କରିପାରିନଥିଲା । ପିଛଲା ସଂସ୍କରଣରେ ଦଳ ୧୪ଟି ମ୍ୟାଚ୍‌ରୁ ୧୦ଟିରେ ପରାଜିତ ହୋଇ ତାଲିକାର ୯ମ ସ୍ଥାନରେ ରହିଥିଲା । ଏବେ ହାର୍ଦ୍ଦିକ ପାଣ୍ଡ୍ୟା ମୁମ୍ବାଇ ଇଣ୍ଡିଆନ୍ସରେ ରହିବେ ନା ନୂଆ ଦଳକୁ ଯିବେ, ସେଥିପାଇଁ କ୍ରିକେଟ୍ ପ୍ରେମୀମାନଙ୍କ ମଧ୍ୟରେ ଉତ୍ସୁକତା ବଢ଼ିଚାଲିଛି ।

### ଟିମ୍ ଇଣ୍ଡିଆକୁ ବଡ଼ ଝଟକା

# ଶ୍ରୀଲଙ୍କା ସିରିଜରୁ ବୁମରା ବାଦ୍

**ନୂଆଦିଲ୍ଲୀ, ୨।୮:** ଟିମ୍ ଇଣ୍ଡିଆକୁ ଲାଗିଛି ବଡ଼ ଝଟକା । ଶ୍ରୀଲଙ୍କା ଗସ୍ତ ପୂର୍ବରୁ ଭାରତୀୟ ଦଳର ତାରକା ଦ୍ରୁତ ବୋଲର ଯଶପ୍ରୀତ ବୁମରା ଆଗାମୀ ଟେଷ୍ଟ ସିରିଜରୁ ବାଦ୍ ପଡ଼ିଛନ୍ତି । ଆଘାତଜନିତ ସମସ୍ୟା ଯୋଗୁଁ ସେ

### ଆକିବ ନବିବଙ୍କୁ ମିଳିପାରେ ସୁଯୋଗ

ଏହି ଗୁରୁତ୍ୱପୂର୍ଣ୍ଣ ସିରିଜ୍‌ରୁ ବାହାରେ ରହିବେ ବୋଲି ସୂଚନା ମିଳିଛି । ବେଙ୍ଗାଲୁରୁ ସ୍ଥିତ ସେଣ୍ଟର ଅଫ ଏକ୍ସିଲେସନରେ ବୁମରା ସଂପୂର୍ଣ୍ଣ ଫିଟ୍ ନ ଥିବା ଜଣା ପଡ଼ିଛି । ତାଙ୍କର ପୁରୁଣା ସମସ୍ୟା ଏବେ ରହିଛି । ସଂପୂର୍ଣ୍ଣ ସୁସ୍ଥ ହେବା ପାଇଁ ତାଙ୍କୁ ସମୟ ଲାଗିପାରେ ।

ସେପଟେ ବୁମରାଙ୍କ ସ୍ଥାନରେ ଯୁବ ଦ୍ରୁତ ବୋଲର ଆକିବ ନବୀଙ୍କୁ ଭାରତୀୟ ଟେଷ୍ଟ ଦଳରେ ସାମିଲ କରାଯାଇପାରେ । ଘରୋଇ କ୍ରିକେଟରେ ନିଜର ଆକର୍ଷଣୀୟ ପ୍ରଦର୍ଶନ ବଳରେ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଆକିବଙ୍କ ପାଇଁ ଏହା ଏକ ବଡ଼ ସୁଯୋଗ ହୋଇପାରେ । ବିସିସିଆଇ ଶୀଘ୍ର ବୁମରାଙ୍କ ବଦଳ ଖେଳାଳି ଘୋଷଣା କରିପାରେ. ବିସିସିଆଇ ଗୋଟିଏ ସର୍ତ୍ତରେ ବୁମରାଙ୍କୁ ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜ୍ ପାଇଁ ଦଳରେ ଚୟନ କରିଥିଲା । ଯଦି ସେ ଫିଟ୍ ହୁଅନ୍ତି ତେବେ ଖେଳିବେ ବୋଲି ବୋର୍ଡ ପକ୍ଷରୁ କୁହାଯାଇଥିଲା । ହେଲେ ତାଙ୍କର ଆଘାତଜନିତ ସମସ୍ୟା ଏବେ ବହିଥିବା ଜଣା ପଡ଼ିଛି ।



ବୁମରା ହେଉଛନ୍ତି ଭାରତୀୟ ବୋଲିଂ ଆକ୍ରମଣର ମୁଖ୍ୟ ଅସ୍ତ୍ର । ତାଙ୍କର ଅନୁପସ୍ଥିତି ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜରେ ଭାରତ ପାଇଁ ଚିନ୍ତାର କାରଣ ପାଲଟିପାରେ । ତେବେ ଖେଳାଳିଙ୍କ ଫିଟନେସ୍ ଏବଂ ଆଗାମୀ ବଡ଼ ମ୍ୟାଚଗୁଡ଼ିକୁ ଦୃଷ୍ଟିରେ ରଖି ତାଙ୍କୁ ବିଶ୍ରାମ ଦିଆଯାଇଥିବା କୁହାଯାଉଛି । ବିସିସିଆଇ ବୁମରାଙ୍କୁ ନେଇ କୌଣସି ପ୍ରକାରର ରିସ୍କ ଉଠାଇବାକୁ ଚାହୁଁ ନାହିଁ ।

ଆକିବ ନବୀ ଘରୋଇ ସିଜିନରେ ନିୟମିତ ଭାବେ ଚମତ୍କାର ବୋଲିଂ କରି ଦଳକୁ ସଫଳତା ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ତାଙ୍କର ବୋଲିଂ ସ୍ୱିଙ୍ଗ୍ ଏବଂ ସଠିକ୍ ଲାଇନ୍-ଲେନ୍ଥ ଭାରତୀୟ ବୋଲିଂ ବିଭାଗକୁ ମଜବୁତ କରିବ ବୋଲି ଆଶା କରାଯାଉଛି । ଶ୍ରୀଲଙ୍କା ବିପକ୍ଷ ସିରିଜ୍ରେ ଭାରତୀୟ ଯୁବ ବୋଲରମାନଙ୍କ ଉପରେ ଏବେ ସମସ୍ତଙ୍କ ନଜର ରହିବ ।

# ଭାରତର ମାନଚିତ୍ରରୁ ଉତ୍ତର ପୂର୍ବାଞ୍ଚଳ ଗାଏବ

**ଗ୍ଲାସଗୋ, ୨।୮:** ଗ୍ଲାସଗୋରେ ଚାଲିଥିବା କମନୱେଲଥ ଗେମ୍ସରେ ଭାରତୀୟ ବକ୍ସରମାନେ ଦମଦାର ପ୍ରଦର୍ଶନ କରିଛନ୍ତି । 'ବକ୍ସିଂ ରିଂ'ରେ ଭାରତ ଏପର୍ଯ୍ୟନ୍ତର ସବୁଠାରୁ ଶ୍ରେଷ୍ଠ ପ୍ରଦର୍ଶନ କରିଛି । ଅନେକ ସ୍ୱର୍ଣ୍ଣ ପଦକ ନିଜ ନାଁରେ କରିଛି । ରିଂ ଭିତରେ ପଦକର ବର୍ଷା ହେଉଥିବା ବେଳେ, ରିଂ ବାହାରେ ଏକ ଅପ୍ରୀତିକର ଘଟଣା ଦେଖିବାକୁ ମିଳିଛି ।

ଟୋକିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତିଥିବା ଷ୍ଟାର ବକ୍ସର ଲଭଲିନା ବୋରଗୋହେନ୍ ମହିଳା ୭୫ କେଜି ବର୍ଗରେ ନିଜର ପ୍ରଥମ କମନୱେଲଥ ଗେମ୍ସ ସିଲଭର ପଦକ ହାସଲ କରିଛନ୍ତି । ଫାଇନାଲରେ ସ୍ୱର୍ଣ୍ଣ ହାତଛଡ଼ା ହୋଇଥିବାରୁ ସେ ଅଳ୍ପ ଦୁଃଖ ପ୍ରକାଶ କରିଥିଲେ ବି ସମ୍ପୂର୍ଣ୍ଣ ଭାରତୀୟ ଦଳର ପ୍ରଦର୍ଶନକୁ ଉଚ୍ଚ ପ୍ରଶଂସା କରିଛନ୍ତି । ନିଜର ଏହି ସଫଳତାକୁ ଅସମର ବନ୍ୟା ପୀଡ଼ିତଙ୍କ ଉଦ୍ଦେଶ୍ୟରେ ସମର୍ପିତ କରିବା ସହ ଆଗାମୀ ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ଜିତିବାକୁ ସେ ସଂକଳ୍ପ ନେଇଛନ୍ତି ।

### କମନୱେଲଥ ଗେମ୍ସରେ ହଙ୍ଗାମା
### ରାଗିଗଲେ ଲଭଲିନା

ଖେଳ ସରିବା ପରେ ଭାରତୀୟ ଖେଳାଳିମାନେ ବିଜୟ ଉତ୍ସବ ପାଳନ କରିବା ପାଇଁ ଗ୍ଲାସଗୋର ପ୍ରସିଦ୍ଧ ଭାରତୀୟ




ରେଷ୍ଟୋରାଣ୍ଟ 'ମିଷ୍ଟର ସିଂହ ଇଣ୍ଡିଆ' (ଗକ୍ସ ଝସଭଶଷ'ସ୍ପ ଓଭୟସବ)କୁ ରାତ୍ରିଭୋଜନ ପାଇଁ ଯାଇଥିଲେ । ମାତ୍ର ସେଠାରେ ଟେବୁଲ ଉପରେ ରଖାଯାଇଥିବା ନାପକିନ୍କୁ ଦେଖି ମାହୋଲ ବିଗିଡିଯାଇଥିଲା । ଷ୍ଟାର ବକ୍ସର ଲଭଲିନା ଲକ୍ଷ୍ୟ କରିଥିଲେ ଯେ, ରେଷ୍ଟୋରାଣ୍ଟ ନାପକିନ ଛପାଯାଇଥିବା ଭାରତ ନକ୍ସାରୁ ସମ୍ପୂର୍ଣ୍ଣ 'ଉତ୍ତର-ପୂର୍ବ' ଅଞ୍ଚଳ ଗାଏବ ଥିଲା । ଏହି ଗୁରୁତର ଅବହେଳାକୁ ନେଇ ସେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଲଭଲିନା କହିଛନ୍ତି- ନାପକିନ୍ରେ ଥିବା ନକ୍ସାରୁ ଆମ ଉତ୍ତର-ପୂର୍ବ ଭାରତ ଗାୟବ ଅଛି । ଭାରତର ପ୍ରତ୍ୟେକଟି ଅଂଶ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ସବୁ ସ୍ଥାନରେ ଦେଶର ସଠିକ୍ ଓ ସମ୍ପୂର୍ଣ୍ଣ ନକ୍ସା ହିଁ ପ୍ରଦର୍ଶିତ ହେବା ଉଚିତ୍ ।

ଲଭଲିନାଙ୍କ ଏହି କଡ଼ା ପଦକ୍ଷେପକୁ ଭାରତୀୟ ବକ୍ସିଂ ମହାସଂଘର ସଭାପତି ଅଜୟ ସିଂହ ସମ୍ପୂର୍ଣ୍ଣ ସମର୍ଥନ କରିଛନ୍ତି । ସେ ଦର୍ଶାଇଛନ୍ତି ଯେ, କେବଳ ଉତ୍ତର-ପୂର୍ବ ନୁହେଁ, ବରଂ ନକ୍ସାରେ ଜାମ୍ମୁ-କାଶ୍ମୀରକୁ ମଧ୍ୟ ସଠିକ୍ ଭାବେ ଦର୍ଶାଯାଇ ନଥିଲା । ସେ ତୁରନ୍ତ ସେହି ସମସ୍ତ ନାପକିନ୍ ହଟାଇବା ସହ ସଠିକ୍ ଭାରତୀୟ ନକ୍ସା ବ୍ୟବହାର କରିବାକୁ ରେଷ୍ଟୁରାଣ୍ଟ ପ୍ରବନ୍ଧକଙ୍କୁ ଦାବି କରିଛନ୍ତି ।

## ତନ୍ୱୀଙ୍କୁ ଐତିହାସିକ ତାଇପେଇ ଓପନ୍ ଟ୍ରଫି

**ନୂଆଦିଲ୍ଲୀ, ୨।୮:** ଭାରତର ୧୭ ବର୍ଷୀୟା ଯୁବତୀ ତନ୍ୱୀ ଶର୍ମା ରବିବାର ନିଜର ପ୍ରଥମ ବିଡବ୍ଲ୍ୟୁଏଫ୍ ମୁକୁଟ କରାୟତ୍ତ କରିଛନ୍ତି । ଏଠାରେ ଆୟୋଜିତ ତାଇପେଇ ଓପନ୍ ସୁପର ୩୦୦ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ମହିଳା ଏକକ ଟ୍ରଫି ଜିତି ନିଜ କ୍ୟାରିୟର୍‌ରେ ତନ୍ତୀ ଏହି ଐତିହାସିକ ସଫଳତା ପାଇଛନ୍ତି । ଗତ ବର୍ଷ ୟୁଏସ୍ ଓପନ୍ ୩୦୦ ଉପବିଜୟିନୀ ତନ୍ୱୀ ଫାଇନାଲ୍‌ରେ ଷଷ୍ଠ ମାନ୍ୟତାପ୍ରାପ୍ତ ଭିଏତ୍‌ନାମର ଥୁୟ ଲିନ୍ ଗୁଏଁଙ୍କୁ ମାତ୍ର ୩୬ ମିନିଟ୍‌ରେ ୨୧-୧୬, ୨୧-୧୬ରେ ମାତ୍ ଦେଇଥିଲେ । ବିଶ୍ୱର ଏହି ପୂର୍ବତନ କନିଷ୍ଠ ୧ ନମ୍ବର ଖେଳାଳି ୧୭ ବର୍ଷ ୨୨୨ ଦିନ ବୟସରେ ଏଠାରେ ଫାଇନାଲ୍ ଖେଳିବାରେ ସର୍ବକନିଷ୍ଠ ହୋଇଛନ୍ତି । ତାଙ୍କ ପୂର୍ବରୁ ଲି ୟଙ୍ଗ ଡାଏ ୧୭ ବର୍ଷ ୨୮୭ ଦିନ ସର୍ବକନିଷ୍ଠ ଖେଳାଳି ଥିଲେ । ସେ ୨୦୦୭ରେ ପୁରୁଷ ଯୁଗଳ ଫାଇନାଲ୍ ଖେଳିଥିଲେ । ପ୍ରଥମ ଭାରତୀୟ ବାଳିକା ଭାବେ ବିଶ୍ୱ କନିଷ୍ଠ ପ୍ରତିଯୋଗିତାର ଗୋଟିଏ ସଂସ୍କରଣରେ ୨ଟି ପଦକ (ବାଳିକା ଏକକରେ ରୌପ୍ୟ ଓ ମିଶ୍ରିତ ଯୁଗଳରେ କାଂସ୍ୟ) ଜିତିଥିବା ତନ୍ୱୀ ମଧ୍ୟ



ଏସୀୟ ଟିମ୍ ବ୍ୟାଡ୍‌ମିଣ୍ଟନ ସ୍ୱର୍ଣ୍ଣ ବିଜେତା ଭାରତୀୟ ଦଳର ସଦସ୍ୟ ରହିଥିଲେ ।

# ହଠାତ୍ ଛତିଶଗଡ଼ ଟିମ୍ ଛାଡ଼ିଲେ ଶଶାଙ୍କ

**ମୁମ୍ବାଇ, ୨।୮:** ଇଣ୍ଡିଆନ ପ୍ରିମିୟର ଲିଗରେ ପଞ୍ଜାବ କିଙ୍ଗ୍ସର ଷ୍ଟାର ବ୍ୟାଟର ଶଶାଙ୍କ ସିଂହ ନିଜ ଘରୋଇ କ୍ରିକେଟ ଟିମ୍ ଛତିଶଗଡ଼ର ହାତ ଛାଡ଼ିଛନ୍ତି । ଶଶାଙ୍କ ୨୦୧୯ରୁ ହିଁ ଘରୋଇ କ୍ରିକେଟରେ ଛତିଶଗଡ଼ ଲାଗି ଖେଳୁଥିଲେ । କିନ୍ତୁ ଏବେ ସେ ପଣ୍ଡିଚେରୀରେ ଯୋଗ ଦେଇଛନ୍ତି । ସୂଚନା ଅନୁସାରେ ଶଶାଙ୍କ ନିଜେ କହିଛନ୍ତି କି ସେ ଆଗାମୀ ସିଜନରୁ ପଣ୍ଡିଚେରୀ ଲାଗି ଖେଳିବେ ।



ଶଶାଙ୍କ ସିଂହଙ୍କ ବ୍ୟତୀତ ମୁମ୍ବାଇର ୱିକେଟକିପର ବ୍ୟାଟର ପ୍ରସାଦ ପାୱାର ବି ପଣ୍ଡିଚେରୀରେ ଯିବାକୁ ନିର୍ଣ୍ଣୟ କରିଛନ୍ତି । କ୍ରିକେଟ ଆସୋସିଏଶନ ଅଫ ପଣ୍ଡିଚେରୀର ପୂର୍ବତନ ଅଧ୍ୟକ୍ଷ ପି ଦାମେରନ କହିଛନ୍ତି କି, ସେ ଖୁବଶୀଘ୍ର ତୃତୀୟ ଗେଷ୍ଟ ପ୍ଲେୟାର ନାମରେ ମୋହର ଲଗାଇବେ ।

ଶଶାଙ୍କ ସିଂହ କହିଛନ୍ତି କି, ସେ ଛତିଶଗଡ଼ ଟିମର ହାତ ଛାଡ଼ି ଦେଇଛନ୍ତି । ଏଥିଲାଗି ସେ ଛତିଶଗଡ଼ ଷ୍ଟେଟ କ୍ରିକେଟ ସଂଘରୁ ଏନଓସି ବି ନେଇ ସାରିଛନ୍ତି । ସେ ୨୦୨୬-୨୭ଘରୋଇ ସିଜନରୁ ପଣ୍ଡିଚେରି ଲାଗି ଖେଳିବେ । ପଞ୍ଜାବ କିଙ୍ଗ୍ସର ଏହି ଷ୍ଟାର ବ୍ୟାଟର ନୂଆ ଉଝଉଝ ଉପରେ ଅଭିଯୋଗ ଲଗାଇ କହିଛନ୍ତି କି ପୂର୍ବ ସିଜନରେ ତାଙ୍କୁ ଗମ୍ଭୀର ଭାବେ ଆଘାତ ଲାଗିଥିଲା । କିନ୍ତୁ ଛତିଶଗଡ଼ ଷ୍ଟେଟ୍ କ୍ରିକେଟ ସଂଘ ତାଙ୍କ ସାଥ୍ ଦେଇନଥିଲା । ଶଶାଙ୍କ ବଡ଼ ଖୁଲାସା କରି କହିଛନ୍ତି କି, ତାଙ୍କର ଟିମରେ ଚୟନ ପର୍ଯ୍ୟନ୍ତ କରାଯାଇନଥିଲା ଏବଂ ତାଙ୍କୁ କେ ?ଣସି ସପୋର୍ଟ ମିଳିନଥିଲା । ସେ କହିଛନ୍ତି, ମୋ ନାମ ଛତିଶଗଡ଼ ପ୍ରିମିୟର ଲିଗର ପ୍ଲେୟର୍ସ ଲିଷ୍ଟରେ ରଖାଯାଇନଥିଲା ଏବଂ ନା ବେଙ୍ଗାଲୁରୁରେ ହେବାକୁ ଥିବା ଏକ ପ୍ରି-ସିଜନ କ୍ୟାମ୍ପ ଲାଗି ତାଙ୍କୁ ସ୍କ୍ୱାର୍ଡ଼ରେ ସାମିଲ କରାଯାଇଥିଲା । ମୁଁ ଯେତେବେଳେ ଏହାର କାରଣ ପଚାରିଲି ତ ମୋତେ କୌଣସି ଉତ୍ତର ମିଳିନଥିଲା ।

ଗତ ଘରୋଇ ସିଜନର କଥା କହିଲେ ଶଶାଙ୍କ ସିଂହ ବିଜୟ ହଜାରେ ଟ୍ରଫିରେ ୭ମ୍ୟାଚ୍ ଖେଳି ୪୫୦ରନ୍ କରିଥିଲେ ଏବଂ ୭ ୱିକେଟ ବି ନେଇଥିଲେ । ଏହା ବ୍ୟତୀତ ସେ ସୟଦ ମୁସ୍ତାକ ଅଲୀ ଟ୍ରଫିରେ ୭ମ୍ୟାଚ ଖେଳି ୧୮୮ରନ୍ କରିଥିଲେ ।

# ବେଙ୍ଗାଲୁରୁରେ ଭାରତ-ମାଲେସିଆ ହକି ଲଢ଼େଇ

**ବେଙ୍ଗାଲୁରୁ, ୨।୮:** ଆଗାମୀ ଏସିଆ କପ୍ ହକି ପାଇଁ ଭାରତୀୟ କନିଷ୍ଠ ପୁରୁଷ ହକି ଦଳ ନିଜର ପ୍ରସ୍ତୁତିକୁ ଅଧିକ କଡ଼ାକଡ଼ି କରିଛି । ଏହି ପ୍ରସ୍ତୁତିର ଅଂଶସ୍ୱରୂପ ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ହକି ଶୃଙ୍ଖଳାର ଆୟୋଜନ

### ୭ରୁ ଆରମ୍ଭ ଏକ୍ସପୋଜର ସିରିଜ୍

କରୁଛି । ଚଳିତ ଅଗଷ୍ଟ ମାସ ୭ରୁ ୧୩ ତାରିଖ ପର୍ଯ୍ୟନ୍ତ ବେଙ୍ଗାଲୁରୁସ୍ଥିତ ସାଇ (SAI) ନେତାଜୀ ସୁଭାଷ ଦକ୍ଷିଣ କେନ୍ଦ୍ରଠାରେ ଏହି ୮ ମ୍ୟାଚ୍ ବିଶିଷ୍ଟ ଏକ୍ସପୋଜର ଶୃଙ୍ଖଳା ଆୟୋଜିତ ହେବ । ଏହି ସିରିଜ୍‌ରେ ମାଲେସିଆର ୨୧ ବର୍ଷରୁ କମ୍ (ଟ-୨୧) ହକି ଦଳ ଅଂଶଗ୍ରହଣ କରି ଭାରତୀୟ ଦଳ ସହ ମୁହାଁମୁହିଁ ହେବ ।

ଏହି ଗସ୍ତ କାଳରେ ମାଲେସିଆ ଦଳ ମୋଟ ୮ଟି ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି । ସେଥିମଧ୍ୟରୁ ଭ୍ରମଣକାରୀ ଦଳ ଭାରତୀୟ କନିଷ୍ଠ ଦଳ ବିପକ୍ଷରେ ୫ଟି ମ୍ୟାଚ୍ ଖେଳିବାକୁ ଥିବା ବେଳେ 'ସାଇ' ଦଳ ସହ ୩ଟି ମ୍ୟାଚ୍ ଖେଳିବ । ସୂଚନା ଅନୁଯାୟୀ, ମାଲେସିଆ ଦଳ ପ୍ରଥମେ ଅଗଷ୍ଟ ୩ ଓ ୫ ତାରିଖରେ ସାଇ ଦଳ ସହ ଦୁଇଟି ମ୍ୟାଚ୍ ଖେଳିବ । ଏହା ପରେ ଅଗଷ୍ଟ ୭, ୮, ୧୦, ୧୨ ଓ ୧୩ ତାରିଖରେ ଭାରତୀୟ କନିଷ୍ଠ ଦଳ ବିପକ୍ଷରେ ୫ଟି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବ ଏବଂ ସିରିଜ୍ ଶେଷରେ ୧୫ ତାରିଖରେ ପୁଣି ସାଇ ଦଳ ସହ ଶେଷ ମ୍ୟାଚ୍ ଖେଳି ସ୍ୱଦେଶ ଫେରିବ ।



ଆଗାମୀ ଅନ୍ତର୍ଜାତୀୟ ପ୍ରତିଯୋଗିତା ଏବଂ ଏସିଆ କପ୍‌କୁ ନଜରରେ ରଖି ଉଭୟ ଦଳ ପାଇଁ ଏହି ଶୃଙ୍ଖଳା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ । ଭାରତୀୟ କନିଷ୍ଠ ପୁରୁଷ ହକି ଦଳର ମୁଖ୍ୟ ପ୍ରଶିକ୍ଷକ ଫ୍ରେଡେରିକ୍ ସୋୟେଜ୍ ?ଙ୍କ କହିବା ଅନୁଯାୟୀ, ଏହି ଶୃଙ୍ଖଳା ଆମ ଏସିଆ କପ୍ ପ୍ରସ୍ତୁତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ପ୍ରଥମେ ବେଲ୍‌ଜିୟମ ଗସ୍ତରୁ ଦଳର ଏହି ଅଭିଯାନ ଆରମ୍ଭ ହୋଇଥିଲା ଏବଂ ଏସିଆ କପ୍ ପର୍ଯ୍ୟନ୍ତ ଏଭଳି ଅଭ୍ୟାସ ଶୃଙ୍ଖଳା ନିରନ୍ତର ଭାବେ ଜାରି ରହିବ ।

ନିଜ ମାଟିରେ ଏହି ମ୍ୟାଚ୍‌ଗୁଡ଼ିକ ଖେଳାଯାଉଥିବାରୁ ଭାରତୀୟ ଯୁବ ଖେଳାଳିମାନଙ୍କୁ ନିଜର ଦକ୍ଷତା ପ୍ରଦର୍ଶନ କରିବା ସହ ଅନ୍ତର୍ଜାତୀୟ ସ୍ତରର ଅଭିଜ୍ଞତା ହାସଲ କରିବାରେ ବଡ଼ ସୁଯୋଗ ମିଳିବ । ସେହିପରି ଦଳର ଦୁର୍ବଳତାଗୁଡ଼ିକୁ ସୁଧାରି ଏସିଆ କପ୍ ପାଇଁ ଚୂଡ଼ାନ୍ତ ରଣନୀତି ପ୍ରସ୍ତୁତ କରିବାରେ ମୁଖ୍ୟ ପ୍ରଶିକ୍ଷକ ଓ ଚୟନକର୍ତ୍ତାଙ୍କୁ ଏହି ଶୃଙ୍ଖଳାରୁ ଯଥେଷ୍ଟ ସାହାଯ୍ୟ ମିଳିବ ବୋଲି ଆଶା କରାଯାଉଛି ।

## ଆନ୍ତଃଜିଲ୍ଲା ଦିନିକିଆରେ ଅଭିଷେକଙ୍କ ବିସ୍ଫୋରକ ୨୩୩ ରନ୍

**ନୂଆଦିଲ୍ଲୀ, ୨।୮:** ଭାରତୀୟ ଟିମର ବିସ୍ଫୋରକ ଓପନିଂ ବ୍ୟାଟର ଅଭିଷେକ ଶର୍ମାଙ୍କ ବ୍ୟାଟରୁ ରନ୍ ବର୍ଷା ହୋଇଛି । ବୋଲରଙ୍କ ପ୍ରତିଥର ବୋଲିଂ କରିବା ପରେ କେବଳ ବାଉଣ୍ଡ୍ରି ଆଡ଼କୁ ଚାହୁଁଥିଲେ । ଗତ କିଛି ମ୍ୟାଚ୍ ହେଲା ଟିମ୍ ଇଣ୍ଡିଆ ପାଇଁ ଟି-୨୦ ଇଣ୍ଟରନ୍ୟାସନାଲ୍ କ୍ରିକେଟରେ ବଡ଼ ଇନିଂସ ଖେଳି ପାରି ନ ଥିବା ଅଭିଷେକ ଘରୋଇ କ୍ରିକେଟରେ ନିଜର ପୁରୁଣା ଫର୍ମର ଝଲକ ଦେଖାଇଛନ୍ତି । ୨୦୨୬-୨୭ ପଞ୍ଜାବ ରାଜ୍ୟ ଆନ୍ତଃ-ଜିଲ୍ଲା ସିନିୟର ଦିନିକିଆ ସୀମିତ ଓଭର ଟୁର୍ଣ୍ଣାମେଣ୍ଟରେ ଅମୃତସର ପୁରୁଷ ସିନିୟର ପାଇଁ ଖେଳି ଅଭିଷେକ ଶର୍ମା ତରନ ତାରନ ପୁରୁଷ ସିନିୟର ବୋଲରମାନଙ୍କୁ ପ୍ରହାର କରିଥିଲେ । ସେ ମାତ୍ର ୯୧ ବଲରେ ୨୩୩ ରନ୍ କରିଥିଲେ । ବାମହାତୀ ବ୍ୟାଟର ଅଭିଷେକ ଶର୍ମାଙ୍କ ଇନିଂସ ବିସ୍ଫୋରକ ଥିଲା । ସେ ତାଙ୍କ ୨୩୩ ରନର ଇନିଂସରେ ୨୫ଟି ଛକା ଏବଂ ୧୫ଟି ଚୌକା ମାରିଥିଲେ । ଏହାର ଅର୍ଥ ସେ କେବଳ ଚୌକା ଏବଂ ଛକା ମାଧ୍ୟମରେ ୨୧୦ ରନ କରିଥିଲେ । ଏହି ସମୟ ମଧ୍ୟରେ ତାଙ୍କର ଷ୍ଟ୍ରାଇକ୍ ରେଟ୍ ୨୫୬.୦୪ ଥିଲା । ସେ ଇନିଂସ ଆରମ୍ଭରୁ ଆକ୍ରମଣାତ୍ମକ ଆଭିମୁଖ୍ୟ ଗ୍ରହଣ କରିଥିଲେ ଏବଂ କୌଣସି ବିପକ୍ଷ ବୋଲରଙ୍କୁ ସେମାନଙ୍କ ଲୟରେ ସ୍ଥିର ହେବାକୁ ଦେଇ ନଥିଲେ । ଅଭିଷେକ ଶର୍ମାଙ୍କ ସାମ୍ନାରେ ବିପକ୍ଷ ଟିମର ବୋଲରମାନେ ସମ୍ପୂର୍ଣ୍ଣ ଅସହାୟ ଥିଲେ । ଦ୍ରୁତ ବୋଲର ହେଉ କି ସ୍ପିନର, ଅଭିଷେକ ସମସ୍ତଙ୍କ ବିରୁଦ୍ଧରେ ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲେ । ପଡ଼ିଆର ସବୁ ପାର୍ଶ୍ୱରେ ତାଙ୍କର ଲମ୍ବା ଛକା ଦର୍ଶକଙ୍କୁ ମନୋରଞ୍ଜନ କରିଥିଲା । ଅଭିଷେକ ଶର୍ମାଙ୍କ ବିସ୍ଫୋରକ ବ୍ୟାଟିଂ ପାଇଁ ଅମୃତସର ପୁରୁଷ ସିନିୟର ନିର୍ଦ୍ଧାରିତ ୫୦ ଓଭରରେ ୮ ୱିକେଟ ହରାଇ ୫୩୩ ରନର ବିଶାଳ ସ୍କୋର କରିଥିଲା ।

### ଦୁଲୀପ୍ ଟ୍ରଫି ପାଇଁ ସେଣ୍ଟ୍ରାଲ ଜୋନ୍ ଘୋଷିତ

# ପାଟିଦାରଙ୍କୁ ଅଧିନାୟକ ଦାୟିତ୍ୱ

**ନୂଆଦିଲ୍ଲୀ, ୨।୮:** ଦୁଲୀପ୍ ଟ୍ରଫି ୨୦୨୬-୨୭ ସହ ଭାରତୀୟ ଘରୋଇ କ୍ରିକେଟର ନୂଆ ସିଜିନ୍ ଆରମ୍ଭ ହେବାକୁ ଯାଉଛି । ଡିଫେଣ୍ଡିଂ ଚାମ୍ପିଅନ୍ ସେଣ୍ଟ୍ରାଲ୍ ଜୋନ୍ ଟୁର୍ଣ୍ଣାମେଣ୍ଟ ପାଇଁ ଟିମ୍ ଘୋଷଣା କରିଛି । ଷ୍ଟାର ବ୍ୟାଟ୍ସମ୍ୟାନ୍ ରଜତ ପାଟିଦାର ପୁଣିଥରେ ଦଳର ନେତୃତ୍ୱ ନେବେ । ତାଙ୍କ ଅଧିନାୟକତ୍ୱରେ ସେଣ୍ଟ୍ରାଲ୍ ଜୋନ୍ ଲଗାତାର ଦ୍ୱିତୀୟ ଥର ଟାଇଟଲ୍ ଜିତିବାକୁ ଲକ୍ଷ୍ୟ ରଖିଛି । ଦଳରେ ଅନେକ ଅନ୍ତର୍ଜାତୀୟ ଓ ଉଦୀୟମାନ ଖେଳାଳିଙ୍କୁ ସ୍ଥାନ ମିଳିଛି । ରିଙ୍କୁ ସିଂହଙ୍କୁ ଉପ-ଅଧିନାୟକ ଦାୟିତ୍ୱ ଦିଆଯାଇଛି । ବାମହାତୀ ସ୍ପିନ୍ ଅଲରାଉଣ୍ଡର ହର୍ଷ ଦୁବେ ଓ ଦ୍ରୁତ ବୋଲର ଯଶ ଠାକୁର ମଧ୍ୟ ଦଳର ମୁଖ୍ୟ ଆକର୍ଷଣ ରହିଛନ୍ତି ।



ମଧ୍ୟ ପ୍ରଦେଶର ସ୍ପିନ୍ ଅଲରାଉଣ୍ଡର ସରାଂଶ ଜୈନଙ୍କୁ ମଧ୍ୟ ସେଣ୍ଟ୍ରାଲ୍ ଜୋନ୍ ଦଳରେ ସାମିଲ କରାଯାଇଛି । ଶ୍ରୀଲଙ୍କା ଗସ୍ତ ପାଇଁ ସେ ଭାରତୀୟ ଟେଷ୍ଟ ଦଳରେ ମଧ୍ୟ ସ୍ଥାନ ପାଇଛନ୍ତି । ସରାଂଶ ଜୈନଙ୍କ ସହ ହର୍ଷ ଦୁବେ ଓ ଉତ୍ତର ପ୍ରଦେଶର ଲେଗ୍-ସ୍ପିନର ଜିଶାନ ଅନସାରୀ ସ୍ପିନ୍ ବିଭାଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବେ । ବିଦର୍ଭର ଓପନର ଅମନ ମୋଖାଡେ ରଣଜୀ ଟ୍ରଫି ୨୦୨୫-୨୬ ସିଜିନରେ ଚମତ୍କାର ପ୍ରଦର୍ଶନ କରିଥିଲେ । ସେ ୧୧ ଇନିଂସରେ ୭୬୦ ରନ୍ କରି ଭାରତ 'ଏ' ଦଳରେ ସ୍ଥାନ ପାଇଥିଲେ । ଛତିଶଗଡ଼ର ଆୟୁଷ ପାଣ୍ଡେ ଓ ବିଦର୍ଭର ନିର୍ଭରଯୋଗ୍ୟ ବ୍ୟାଟ୍ସମ୍ୟାନ୍ ଯଶ ରାଠୋଡଙ୍କୁ ମଧ୍ୟ ଦଳରେ ସ୍ଥାନ ମିଳିଛି ।

ପେସ୍ ବୋଲିଂରେ ଯଶ ଠାକୁର, ନଚିକେତ ଭୁଟେ ଓ ବାମହାତୀ ଦ୍ରୁତ ବୋଲର ଅର୍ଶଦ ଖାନ ରହିଛନ୍ତି । ଆର୍ଯ୍ୟନ ଜୁୟାଲ୍ ପ୍ରଥମ ପସନ୍ଦର ୱିକେଟକିପର ହେବେ ଓ କୁନାଲ ସିଂହ ରାଠୋଡ ବ୍ୟାକଅପ୍ ବିକଳ୍ପ ଭାବେ ରହିବେ । ଡିଫେଣ୍ଡିଂ ଚାମ୍ପିଅନ୍ ହେବାରୁ ସେଣ୍ଟ୍ରାଲ୍ ଜୋନ୍ ପ୍ରଥମ ରାଉଣ୍ଡ ଖେଳିବ ନାହିଁ । ଦଳ ଅଗଷ୍ଟ ୩୦ରେ ସିଧାସଳଖ ସେମିଫାଇନାଲ୍‌ରେ ପ୍ରବେଶ କରିବ ଓ ସେଠାରେ ପୂର୍ବ ଜୋନ୍ କିମ୍ବା ଉତ୍ତର ପୂର୍ବ ଜୋନ୍‌କୁ ମୁହାଁ ଦେବ । ଦୁଲୀପ୍ ଟ୍ରଫି ୨୦୨୬-୨୭ ଅଗଷ୍ଟ ୨୩ରେ ବେଙ୍ଗାଲୁରୁର ବିସିସିଆଇ ସେଣ୍ଟର ଅଫ୍ ଏକ୍ସିଲେନ୍ସରେ ଆରମ୍ଭ ହେବ । ଫାଇନାଲ୍ ମ୍ୟାଚ୍ ସେପ୍ଟେମ୍ବର ୬ରେ ଖେଳାଯିବ ।

**ସେଣ୍ଟ୍ରାଲ୍ ଜୋନ୍ ଦଳ: ରଜତ ପାଟିଦାର (ଅଧିନାୟକ), ଆର୍ଯ୍ୟନ ଜୁୟାଲ୍ (ୱିକେଟକିପର), ସରାଂଶ ଜୈନ, ଅମନ ମୋଖାଡେ, କୁନାଲ ଚାନ୍ଦେଲା, ଜିଶାନ ଅନସାରୀ, ଆର୍ଯ୍ୟ ପାଣ୍ଡେ, ଅର୍ଶଦ ଖାନ, ରିଙ୍କୁ ସିଂହ (ଉପ-ଅଧିନାୟକ), ଆୟୁଷ ପାଣ୍ଡେ, ଯଶ ରାଠୋଡ, ହର୍ଷ ଦୁବେ, କୁଶଲ ଦୁବେ ଓ ନଚିକେତ ଭୁଟେ ।**

## ଭାରତ-ଶ୍ରୀଲଙ୍କା ଅଭ୍ୟାସ ମ୍ୟାଚ୍ : ୪ ବଦଳରେ ୩ଦିନିଆ ଖେଳାଯିବ

**ନୂଆଦିଲ୍ଲୀ, ୨।୮:** ଶ୍ରୀଲଙ୍କା ଗସ୍ତରେ ଭାରତ ୨ ମ୍ୟାଚ୍ ଟେଷ୍ଟ ଶୃଙ୍ଖଳା ଖେଳିବା ପୂର୍ବରୁ ଏକ ଅଭ୍ୟାସ ମ୍ୟାଚ୍ ଖେଳିବ । ଚଳିତ ମାସ ୭ ତାରିଖରୁ



ହେବାକୁ ଥିବା ଶ୍ରୀଲଙ୍କା ଏକାଦଶ ବିପକ୍ଷ ଏହି ଅଭ୍ୟାସ ମ୍ୟାଚ୍ ଦିବସ ଗୋଟିଏ ଦିନ କମାଇ ଦିଆଯାଇଛି । କଲମ୍ବୋର ନନ୍ଦେସ୍କ୍ରିପ୍ଟସ କ୍ରିକେଟ୍ କ୍ଲବ୍ (ଏନ୍‌ସିସି) ପଡ଼ିଆରେ ଏହି ମ୍ୟାଚ୍ ୪ଦିନିଆ ବଦଳରେ ୩ଦିନିଆ ଖେଳାଯିବ ବୋଲି ଶ୍ରୀଲଙ୍କା କ୍ରିକେଟ୍ କହିଛି । ଭାରତୀୟ ଦଳ ୪ ତାରିଖରେ ଶ୍ରୀଲଙ୍କାରେ ପହଞ୍ଚିବ । ୩ଦିନିଆ ଅଭ୍ୟାସ୍ ମ୍ୟାଚ୍ ୭ରୁ ୯ ତାରିଖ ପର୍ଯ୍ୟନ୍ତ ଖେଳାଯିବ । ଏହାପରେ ଗଲ୍ ଅନ୍ତର୍ଜାତୀୟ ଷ୍ଟାଡିୟମ୍‌ରେ ପ୍ରଥମ ଟେଷ୍ଟ ୧୫ରୁ ୧୯ ତାରିଖ ପର୍ଯ୍ୟନ୍ତ ଖେଳାଯିବ । ଶେଷ ଟେଷ୍ଟ କଲମ୍ବୋର ଏସ୍‌ଏସ୍‌ସିଠାରେ ୨୩ରୁ ୨୭ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ ବୋଲି ଏସ୍‌ଏଲ୍‌ସି ସୂଚନା ଦେଇଛି ।

### ସିବିଏସ୍‌ଇ ପୂର୍ବାଞ୍ଚଳ ତୀରନ୍ଦାଜୀ

# ୩ ସ୍ୱର୍ଣ୍ଣ ଜିତିଲେ କ୍ଷୀରୋଦ

**ଭୁବନେଶ୍ୱର, ୨।୮:** ଭବାନୀପାଟଣାର ବିକାଶ ଆବାସିକ ବିଦ୍ୟାଳୟ ଦ୍ୱାରା ଆୟୋଜିତ ସିବିଏସ୍‌ଇର ପୂର୍ବାଞ୍ଚଳ ତୀରନ୍ଦାଜୀ ଚାମ୍ପିଅନସିପରେ ୧୯ ବର୍ଷରୁ କମ୍ ଭାରତୀୟ ବର୍ଗରେ ୪୦ ମିଟର ଏବଂ ୩୦ ମିଟର ଇଭେଣ୍ଟରେ ତିନୋଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି କଳାହାଣ୍ଡିର କ୍ଷୀରୋଦ କୁମାର । ୧୧ଟି ରାଜ୍ୟର ୪୩୭ ଜଣ ତୀରନ୍ଦାଜ ଅଂଶଗ୍ରହଣ କରିଥିଲେ ।

ଏହି ସଫଳତା ସହିତ କ୍ଷୀରୋଦ କୁମାର ଏବଂ ଓମ୍ ?କାର ମାଝୀ ସିବିଏସ୍‌ଇ ଜାତୀୟ ତୀରନ୍ଦାଜୀ ଚାମ୍ପିଅନସିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି । ଉଭୟ ଆଥଲେଟ୍ ଗତ ଚାରି ବର୍ଷ ଧରି ବେଦାନ୍ତ ଆଲୁମିନିୟମର ତୀରନ୍ଦାଜୀ ତାଲିମ କାର୍ଯ୍ୟକ୍ରମ ଅଧୀନରେ ପ୍ରଶିକ୍ଷଣ ନେଉଛନ୍ତି । କ୍ଷୀରୋଦ ଜୋନ୍ ସ୍ତରରେ ଏପର୍ଯ୍ୟନ୍ତ ୧୫ଟି ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ଓମ୍ ?କାର ରାଜ୍ୟ ତଥା ଜୋନାଲ ସ୍ତରୀୟ ପ୍ରତିଯୋଗିତାରେ ତିନୋଟି ରୌପ୍ୟ ଏବଂ ଦୁଇଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଡୋଲା ଏବଂ ରାହୁଲ ବାନାର୍ଜୀ ସ୍ପୋର୍ଟସ୍ ଫାଉଣ୍ଡେସନ୍ସହଭାଗିତାରେ ୨୦୧୮ରେ ଆରମ୍ଭ ହୋଇଥିବା ବେଦାନ୍ତର ଏହି ପଦକ୍ଷେପ ସମ୍ପ୍ରଦାୟର ଯୁବ ପ୍ରତିଭାଙ୍କୁ ତୀରନ୍ଦାଜୀ ଏବଂ ଆଥଲେଟିକ୍ସରେ ପେସାଦାର ପ୍ରଶିକ୍ଷଣ ପ୍ରଦାନ କରୁଛି, ଯେଉଁଥିରେ ୩୦୦ରୁ ଅଧିକ ଯୁବକ ତାଲିମ ପାଇବା ସହିତ ୫୦ରୁ ଅଧିକ ଖେଳାଳି ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଏହି ଅଞ୍ଚଳକୁ ପ୍ରତିନିଧିତ୍ୱ କରିବାକୁ ସକ୍ଷମ ହୋଇଛନ୍ତି ।




Edited, Printed & Published by Salila Kar on behalf of Matrubhasa Prachar Samittee, Printed at Nijukti Khabar Prakashan, TS3/193, Mancheswar Industrial Estate, Bhubaneswar-751010 and Published from Sarthak Palace, Plot No - 1570/1571, Sector - 6, CDA, Bidanasi, Cuttack - 753014

Ph : 0671-2506673, 0671-2503911
Fax - 0671-2503244

ସମ୍ପାଦିକା : ସଲୀଳା କର
Editor : Salila Kar